

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୩ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 JANUARY 2025

Vol.No. 36 ■ No.13 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୦ରେ ଟ୍ରମ୍ପଙ୍କ ଶପଥ: ଯୋଗ ଦେବେ ଜୟଶଙ୍କର



ନୂଆଦିଲ୍ଲୀ, ୧୨/୧ : ଆସନ୍ତା ଜାନୁଆରୀ ୨୦ ତାରିଖରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବେ ଡୋନାଲ୍ଡ ଟ୍ରମ୍ପ। ସେ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବେ। ତେବେ ଟ୍ରମ୍ପଙ୍କ ଏହି ଶପଥ ସମାରୋହରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଂଶଗ୍ରହଣ କରିବେ। ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଟ୍ରମ୍ପ-ଭାନ୍ସ ଉଦ୍‌ଘାଟନି କମିଟିର ନିମନ୍ତ୍ରଣ ଅନୁସାରେ ଏସ୍.ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ତାଙ୍କ ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିବା ନୂତନ ଆମେରିକା ପ୍ରଶାସନର ପ୍ରତିନିଧୀ ତଥା ଅନ୍ୟ ଆନ୍ତର୍ଜାତୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମଧ୍ୟ ଆଲୋଚନା କରିବେ। ଏହି ଶପଥ ସମାରୋହରେ ଜୟଶଙ୍କର ସାମିଲ ହେବା ଓ ତାଙ୍କର ଏହି ଗସ୍ତ ଭାରତ ଏବଂ ଆମେରିକା ମଧ୍ୟରେ କୂଟନୈତିକ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି। ଶପଥ ଗ୍ରହଣ ଉତ୍ସବ ଜାନୁଆରି ୨୦ରେ ମାର୍ଟିନ୍ ଲୁଥର୍ କିଙ୍ଗ୍ ଜୁନିୟର ଡେ' ସହିତ ପାଳନ କରାଯିବ। ଡୋନାଲ୍ଡ ଟ୍ରମ୍ପ ୪୭ତମ ଥର ଏବଂ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ। ଏଥର ଟ୍ରମ୍ପଙ୍କ କ୍ୟାବିନେଟ୍‌ରେ ଅନେକ ଭାରତୀୟଙ୍କୁ ସ୍ଥାନ ମିଳିଛି। ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର୍ ମିଲି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳରେ ଟ୍ରମ୍ପ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କମଳା ହାରିସ୍‌ଙ୍କୁ ପରାସ୍ତ କରିଥିଲେ।

## କଂସ ଦରବାରରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ବରଗଡ଼, ୧୨/୧ (ନି.ପ୍ର): ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ଼ରେ ପହଞ୍ଚିବା ପରେ କଲ୍ୟାଣ ମଣ୍ଡପରୁ ହାତୀ ପିଠିରେ ବସି କଂସ ମହାରାଜଙ୍କ ଦରବାର ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ନିହାର ମହାନନ୍ଦ, ସନତ ଗଡତିଆ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କଂସ ଦରବାରକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଏକାଧିକ ବଡ଼ ଘୋଷଣା କରିଛନ୍ତି। ବରଗଡ଼ ଧନୁଯାତ୍ରା ଅନୁଦାନ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଇଁ ପୂର୍ବରୁ ଅନୁଦାନ ରାଶି ୧୦ ଲକ୍ଷ ଟଙ୍କା ଥିଲା, ଏହାକୁ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ସହିତ ଯାତ୍ରାରେ ଅଂଶଗ୍ରହଣ କରୁଥିବା ସମସ୍ତ ୧୭୦ ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ଦିଆଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିଭଳି ବରଗଡ଼ ସହରରେ ଚିତ୍ତାକର୍ଷକ ସ୍ଥାୟୀ ରାଜମହଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ରାଜମହଲ। ଜିରା ନଦୀରେ ୮୦ କୋଟି ଟଙ୍କା ବ୍ୟୟରେ ଆନିକଟ୍ ନିର୍ମାଣ ହେବ ଏବଂ ବରଗଡ଼ କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମଂଚରୁ ଘୋଷଣା କରିଛନ୍ତି। ତେଣେ ଆଜି ହେଉଛି ଯାତ୍ରାର ଦଶମ ଦିନ। ଧନୁଯାତ୍ରାରେ ସାମିଲ ହେବାକୁ ଆସିଥିବା କୃଷ୍ଣ-ବଳରାମ ମଥୁରା ନଗରୀ ପରିଭ୍ରମଣ କରୁଛନ୍ତି। ଏହି ଅବସରର ସୁଦାମା ମାଳି ଓ ରଜକଙ୍କ ସହ ସାକ୍ଷାତ ଦୃଶ୍ୟ ମଧ୍ୟ ଅନୁଷ୍ଠିତ ହୋଇଛି। ସେପଟେ ମଥୁରା ନଗରୀରେ କୃଷ୍ଣ-ବଳରାମଙ୍କ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି କଂସ ମହାରାଜ। ଆସନ୍ତାକାଲି କଂସ ବଦ୍ଧ ସହ ଏହି ମହା ନାଟକରେ ପଡ଼ିବ ମହା ଯବନିକା।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

ପୁରୀ, ୧୨/୧ (ନି.ପ୍ର): ପୁଣି ଭାଇରାଲ୍ ହେଲା ଶ୍ରୀମନ୍ଦିର ଭିତର ଫଟୋ। ଏଥର ଶ୍ରୀମନ୍ଦିର ପରିସର କୀର୍ତ୍ତନ ଚକଡ଼ା ଫଟୋ ଭାଇରାଲ୍ ହୋଇଛି। ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇ ସୋଶାଲ୍ ମିଡିଆରେ ଭାଇରାଲ୍ କରିଛନ୍ତି ଗୌରବ କୁମାର ସାହୁ ନାମକ ଯୁବକ। ଏହାପରେ ସାମ୍ନାକୁ ଆସିଥିଲା ଘଟଣା। ବାରମ୍ବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏହାକୁ ନେଇ କଡା ପ୍ରତିକ୍ରିୟା ପ୍ରକାଶ ପାଇଛି।

▶▶ପୃଷ୍ଠା ୭

## ହସ୍ପିଟାଲରେ ଚାଲିଗଲା ବିଚାରାଧୀନ କଏଦୀ ଜୀବନ: ସାଂଘାତିକ ଅଭିଯୋଗ ଆଣିଲେ ପୁଅ



ବାଲେଶ୍ୱର, ୧୨/୧ (ନି.ପ୍ର): ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ଜଣେ ବିଚାରାଧୀନ କଏଦୀ। ମୃତ କଏଦୀ ଜଣଙ୍କ ବାଲେଶ୍ୱର ଜିଲ୍ଲା କାରାଗାରରେ ବନ୍ଦୀ ଜୀବନ ବିତାଉଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ଆଜି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ କଏଦୀଙ୍କ ନାଁ ଶେଖ ଜମାଲ। ତାଙ୍କ ଘର ସଦର ଥାନା ଅନ୍ତର୍ଗତ ଜୟଦେବ କସବା ଅଞ୍ଚଳରେ। ଗୋଟିଏ ଘର ପୋଡ଼ି ମାମଲାରେ ଗତ ୪ତାରିଖ ଦିନ ସଦର ଥାନା ପୁଲିସ ଜମାଲଙ୍କୁ ଗିରଫ କରିଥିଲା। ତେବେ ଗିରଫ ପୂର୍ବରୁ ତାଙ୍କ ଦେହ ଅସୁସ୍ଥ ଥିଲା। ଗିରଫ ପରେ ମଧ୍ୟ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଦୁଇ ଦିନ ଚିକିତ୍ସିତ ହେବା ପରେ ପୁଲିସ ତାଙ୍କୁ ହସ୍ପିଟାଲରୁ ପୁଣି ଜେଲକୁ ନେଇ ଯାଇଥିଲା। ସେ ଜେଲରେ ଥିବା ବେଳେ ଆଜି ହଠାତ୍ ପୁଣି ଅସୁସ୍ଥତା ଅନୁଭବ କରିଥିଲେ। ଏଥିପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ମଧ୍ୟାହ୍ନ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଜମାଲ ପ୍ରାଣ ହରାଇଥିବା ତାଙ୍କ ଘର ଲୋକଙ୍କ ପାଖକୁ ଖବର ଯାଇଥିଲା। ଜେଲ କର୍ତ୍ତୃପକ୍ଷ ଅସୁସ୍ଥତା କାରଣରୁ ଜମାଲ ପ୍ରାଣ ହରାଇଥିବା କୁହାଯାଇଛି।

▶▶ପୃଷ୍ଠା ୭

## ଗୁଳିମାଡ଼ କରି ୮ ଜଣଙ୍କୁ ଛଡ଼ାଇ ନେଲେ ମାଛ ମାଫିଆ

କେନ୍ଦ୍ରାପଡ଼ା, ୧୨/୧ (ନି.ପ୍ର): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଗଭୀର ସମୁଦ୍ର ମଧ୍ୟରେ ଫୁଟିଲା ଗୁଳି। ବନ ବିଭାଗ ପାଟ୍ରୋଲିଂ ଟିମ୍ ଉପରେ ମାଛ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣ। ବେଆଇନ ଭାବେ ମାଛ ମାରୁଥିବା 'ତାରିଣୀ-୩' ଟ୍ରଲର ସହିତ ୯ ଜଣଙ୍କୁ ବନବିଭାଗ କାବୁ କରି ଆଣୁଥିବା ସମୟରେ ୬ଟି ଟ୍ରଲର ନେଇ ବନବିଭାଗର କର୍ମଚାରୀଙ୍କ ଉପରକୁ ସଂଘବଦ୍ଧ ଆକ୍ରମଣ କରିଥିଲେ ମାଛ ମାଫିଆ। ଏହି ସମୟରେ ମାଛ ମାଫିଆମାନେ ଗୁଳି ଫୁଟାଇ ୮ ମତ୍ସ୍ୟଜୀବୀଙ୍କୁ ଜୋର୍ ଜବରଦସ୍ତ ବନ କର୍ମଚାରୀଙ୍କଠାରୁ ଛଡାଇ ନେଇଛନ୍ତି। ତେବେ 'ତାରିଣୀ-୩' ଟ୍ରଲର

▶▶ପୃଷ୍ଠା ୭

## ବାଇକକୁ ଧକ୍କା ଦେଲା କୁକୁଡ଼ା ବୋଝେଇ ଭ୍ୟାନ: ସ୍ୱାମୀ-ସ୍ତ୍ରୀ ମୃତ

ମୟୂରଭଞ୍ଜ, ୧୨/୧ (ନି.ପ୍ର): ବାଇକକୁ ଧକ୍କା ଦେଲା କୁକୁଡ଼ା ବୋଝେଇ ଭ୍ୟାନ୍। ଦୁର୍ଘଟଣା ନେଲା ଦମ୍ପତିଙ୍କ ଜୀବନ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ୫୩ନମ୍ବର ରାଜ୍ୟ ରାଜପଥର କେନ୍ଦୁଜୁମୁଣ୍ଡି ଜଙ୍ଗଲ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମୃତକମାନେ ହେଲେ ଚିରୁପଦା ଗାଁର ମନୋଜ ପୂର୍ତ୍ତି ଓ ତାଙ୍କ ପତ୍ନୀ କୁନି ମୁଦୁୟା। ସୂଚନା ଅନୁସାରେ ମନୋଜ ବାଇକରେ ପତ୍ନୀ କୁନିଙ୍କୁ ଧରି କରଞ୍ଜିଆ ଆସୁଥିବା ବେଳେ ଏକ କୁକୁଡ଼ା ବୋଝେଇ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁନିଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ମନୋଜ ପୂର୍ତ୍ତିଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ସ୍ଥାନୀୟ ଲୋକେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କର ମୃତ୍ୟୁ ଘଟିଛି। ସେପଟେ ଦୁର୍ଘଟଣା ଘଟାଇଥିବା କୁକୁଡ଼ା ବୋଝେଇ ଗାଡ଼ିଟି ଫେରାର୍ ହୋଇଯାଇଛି। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ପୁଲିସ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଛି। ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି ପୁଲିସ।

## କଂଗ୍ରେସର ବଡ଼ ପ୍ରତିଶ୍ରୁତି: ଶିକ୍ଷିତ ବେକାରଙ୍କୁ ମିଳିବ ୮,୫୦୦ ଟଙ୍କା





ନୂଆଦିଲ୍ଲୀ, ୧୨/୧ : ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଭୋଟରଙ୍କ ପାଇଁ ତୃତୀୟ ପ୍ରତିଶ୍ରୁତି ଘୋଷଣା କରିଛି। ଯଦି କଂଗ୍ରେସ ୧୫ ବର୍ଷର ବନବାସ ପରେ ଦିଲ୍ଲୀରେ କ୍ଷମତାକୁ ଫେରିବ, ତା'ହେଲେ ସମସ୍ତ ଶିକ୍ଷିତ ବେକାରଙ୍କୁ ମିଳିବ ୮,୫୦୦ ଟଙ୍କା। ବର୍ଷକ ଯାଏ ଯୁବ ଉଡ଼ାନ ଯୋଜନା ଜରିଆରେ ସେମାନଙ୍କୁ ଏପରି ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ସଚିନ ପାଇଲଟ କହିଛନ୍ତି ଯେ ଦିଲ୍ଲୀର ଲୋକମାନେ ୫ ଫେବୃଆରୀରେ ଗୋଟିଏ ନୂଆ ସରକାର ଗଠନ କରିବେ। ଆମେ ଦିଲ୍ଲୀର ଲୋକମାନଙ୍କ ପାଇଁ କିଛି ପ୍ରତିଶ୍ରୁତି ଉପସ୍ଥାପନ କରିବାକୁ ଚାହୁଁଛୁ। ଆଜି ଆମ ଦଳ ନିଷ୍ପତ୍ତି ନେଇଛି ଯେ ଶିକ୍ଷିତ ଥାଇ ମଧ୍ୟ ଚାକିରି ପାଇ ନଥିବା ଯୁବଗୋଷ୍ଠୀଙ୍କୁ ଆମେ ବର୍ଷକ ଯାଏ ମାସିକ ୮,୫୦୦ ଟଙ୍କା ଲେଖାଏ ଦେବୁ। ଏହା କେବଳ ଆର୍ଥିକ ସହାୟତା ନୁହେଁ।

▶▶ପୃଷ୍ଠା ୭

## ଏବେ 'ଟୁଇନ୍ ସିଟି' ନୁହେଁ, 'ଟ୍ରାଇ ସିଟି'ର ବିକାଶ କରିବେ ସରକାର



ଭୁବନେଶ୍ୱର, ୧୨/୧(ନି.ପ୍ର) : ରାଜ୍ୟରେ ଗଠନ ହେବ 'ଟ୍ରାଇ ସିଟି'। ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ କରାଯିବ। ସେହିଭଳି ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ରିଂ ରୋଡ୍ ଏବଂ ଓଭର ବ୍ରିଜ। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି ଯେ ଖୁବଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ। ଅନ୍ୟପଟେ ସହର ବଢେଇବେ ସରକାର। ଟାଉନ ପ୍ଲାନିଂ ସ୍କିମ ଜରିଆରେ ସହରକୁ ବଢାଇବା ପାଇଁ ନିଷ୍ପତ୍ତି ହୋଇଛି। ଟିପି ସ୍କିମ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦାୟିତ୍ୱ ଦିଆଯିବ। ଟାଇମ ପିରିୟଡ୍ ବି ଫିକ୍ସ ହେବ। ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସହରାଞ୍ଚଳରେ କୌଣସି ଅନପ୍ଲାନଡ୍ କାମ ହେବନି। କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ କରିବାକୁ ଯାଉଛନ୍ତି ସରକାର। ଏନେଇ ସୂଚନା ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଭୁବନେଶ୍ୱର ହେଉଛି ଏକ ପ୍ଲାନଡ୍ ସିଟି। ତେଣୁ କୌଣସି ଅନପ୍ଲାନଡ୍ କାର୍ଯ୍ୟ କରାଯିବ ନାହିଁ। ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ। ସେହିଭଳି ଭୁବନେଶ୍ୱର ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି ସରକାର। ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ଓଭରବ୍ରିଜ। ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆଲୋଚନା କରିଛନ୍ତି। ତୁରନ୍ତ ପ୍ଲାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## କୁମ୍ଭମେଳା ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ବସ୍ ଓ ଟ୍ରେନ ସେବା



ଭୁବନେଶ୍ୱର, ୧୨/୧(ନି.ପ୍ର) : ଓଡ଼ିଶାରୁ ସିଧା କୁମ୍ଭମେଳା। ରାଜ୍ୟର ୪ ସହରରୁ ଅଯୋଧ୍ୟାକୁ ଗଡ଼ିଲା ସ୍ପେଶାଲ୍ ବସ୍। କୁମ୍ଭମେଳା ଦେଖିଯିବାକୁ ଓଡ଼ିଶାରୁ ଅଯୋଧ୍ୟା ଆରମ୍ଭ ହୋଇଛି ସ୍ୱତନ୍ତ୍ର ବସ୍ ସେବା। ଆଜି ଏହାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିଭଳି ମହାକୁମ୍ଭ ମେଳା ପାଇଁ ଓଡ଼ିଶା ଦେଇ ପ୍ରୟାଗରାଜ ଗଡିବ ସ୍ୱତନ୍ତ୍ର ଟ୍ରେନ୍। ପୂର୍ବତଟ ରେଳୱେ ପକ୍ଷରୁ ୭ଟି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା ହୋଇଛି।

▶▶ପୃଷ୍ଠା ୭

## ଜାନୁଆରୀ ୨୮ରୁ ଉତ୍କର୍ଷ ଓଡ଼ିଶା କନକ୍ଲେଭ: ଛୁଟିବ ଶିଳ୍ପପତିଙ୍କ ସୁଅ





ଭୁବନେଶ୍ୱର, ୧୨/୧(ନି.ପ୍ର) : ସଫଳତାର ସହ ସରିଛି ୩ ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ। ଏବେ ରାଜ୍ୟ ସରକାରଙ୍କ ଫୋକସରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ। ସେଥିପାଇଁ ଦେଶର ସବୁ ବଡ଼ ଶିଳ୍ପପତିଙ୍କୁ ସରିଲାଣି ନିମନ୍ତ୍ରଣ। ପ୍ରଥମ ଥର ଲାଗି ରାଜ୍ୟର ଏହି ଶିଳ୍ପ ମହାକୁମ୍ଭକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏପଟେ ପରିସ୍ଥିତି ଅନୁକୂଳ ଥିବାରୁ ଶିଳ୍ପପତିଙ୍କ ସୁଅ ଛୁଟିବ ବୋଲି ଆଶା ରଖିଛନ୍ତି ଅର୍ଥନୀତି ବିଶେଷଜ୍ଞ। ଜାନୁଆରୀ ୨୮, ୨୯ ଦୁଇ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଚାଲିବାକୁ ଥିବା ମେଗା ନିବେଶକ ସମ୍ମିଳନୀ- ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ରେ ଯୋଗଦେବେ ଦେଶର ବଡ଼ ବଡ଼ ଶିଳ୍ପପତିଙ୍କ ସମେତ ବହୁ ବିଦେଶୀ ପୁଞ୍ଜି ନିବେଶକ। କନକ୍ଲେଭକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏନେଇ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ପୂର୍ବ ସରକାର ଅମଳରେ କେବଳ ମେଟାଲ୍ ଭିତ୍ତିକ ଶିଳ୍ପକୁ ଅଗ୍ରାଧିକାର ଦିଆଯାଉଥିଲା। ନୂଆ ସରକାର ନିଯୁକ୍ତିଭିତ୍ତିକ ଶିଳ୍ପକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ଫୋକସରେ ଅଛି ବୟନ, ଅକ୍ଷୟ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆ, ଜାହାଜ ନିର୍ମାଣ ଓ ମରାମତି ଆଦି ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ। ଉତ୍କର୍ଷ ଓଡ଼ିଶା କନକ୍ଲେଭ ପାଇଁ ପୂର୍ବରୁ ଦିଲ୍ଲୀ, ମୁମ୍ବାଇ ଓ ସିଙ୍ଗାପୁରରେ ରୋଡ୍ ଶୋ' କରାଯାଇଛି। ୬ ମାସ ଭିତରେ ରାଜ୍ୟରେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ ଦିଆଗଲାଣି। ଉତ୍କର୍ଷ ଓଡ଼ିଶା କନକ୍ଲେଭ ପାଇଁ ଔଷଡ ଅଧକ୍ଷ ସଜ୍ଜନ ଜିନ୍ଦଲ, ଔଷଟଖ ମୁଖ୍ୟ ନବୀନ ଜିନ୍ଦଲ, ବେଦାନ୍ତ ମୁଖ୍ୟ ଅନୀଲ ଅଗ୍ରୱାଲ, ବିର୍ଲା ଗ୍ରୁପ୍ ମୁଖ୍ୟ କୁମାର ମଙ୍ଗଳମ୍ ବିର୍ଲାଙ୍କ ସମେତ ଟାଟା, ରିଲାଏନ୍ସ ଭଳି ସବୁ ବଡ଼ ଶିଳ୍ପସଂସ୍ଥାକୁ ନିମନ୍ତ୍ରଣ କରାଯାଇଛି। ଉତ୍କର୍ଷ ଓଡ଼ିଶା କନକ୍ଲେଭକୁ ସଫଳ କରାଇବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାରମ୍ବାର ସମୀକ୍ଷା କରୁଛନ୍ତି।

▶▶ପୃଷ୍ଠା ୭

## ଏନ୍‌କାଉଣ୍ଟର: ଟଳିଲେ ୩ ନକ୍ସଲ



ଛତିଶଗଡ଼, ୧୨/୧ (ନି.ପ୍ର): ସେନାକୁ ମିଳିଲା ବଡ଼ ସଫଳତା। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସକାଳୁ ସୈନିକ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏନକାଉଣ୍ଟର ଚାଲିଛି। ଏଥିରେ ସେନା ଗୁଳିରେ ୩ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ଏଥିସହ ନକ୍ସଲମାନଙ୍କ ନିକଟରୁ ଅଟୋମେଟିକ୍ ହତିଆର ମଧ୍ୟ ଜବତ ହୋଇଛି। ଭୋପାଳପାଟନମ୍‌ର ମ୍ୟାଡେଡ୍ ଅଞ୍ଚଳରେ କୋରାନଜେଡ୍ ବାନ୍ଦେପାରା ଜଙ୍ଗଲରେ ଆଜି ସକାଳୁ ନକ୍ସଲ ଓ ସୁରକ୍ଷାବାହୀନି ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ଅଧିକାରୀଙ୍କ ମୁତାବକ, ଏହି ଗୁଳି ବିନିମୟ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ପୁଲିସ ଓ ସୁରକ୍ଷା କର୍ମୀଙ୍କ ଏକ ମିଳିତ ଟିମ୍ ନକ୍ସଲ ବିରୋଧୀ

▶▶ପୃଷ୍ଠା ୭

# ଡୁଆଝରର ମଣ୍ଡିରୁ ଧାନ ବସ୍ତା ଚୋରି ଅଭିଯୋଗ

ନୂଆପଡ଼ା, ୧୨/୧ (ନି.ପ୍ର): ମଣ୍ଡିରୁ ଧାନ ବସ୍ତା ଚୋରି, ଏମିତି ଅଭିଯୋଗ ହୋଇଛି ଡୁଆଝର ମଣ୍ଡିରେ। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ପେକ୍ସ ତରଫରୁ ଡୁଆଝର ଠାରେ ଖୋଲାଯାଇଛି ଧାନ ମଣ୍ଡି। ସାତଟି ଗ୍ରାମ ପଂଚାୟତର ଚାଷୀ ମାନେ ଏହି ମଣ୍ଡିରେ ଧାନ ବିକ୍ରୟ କରିବାର ବ୍ୟବସ୍ଥା କରାଯାଇଛି। ଡୁଆଝର, ସୁନାରିସିକୁଆଁ, କିରିକିଟା, ଦାବ୍ରି, ବିରିଘାଟ, ରାନିମୁଣ୍ଡା, ସରଧାପୁର ଗ୍ରାମ ପଂଚାୟତର ୧୨୫୨ ଜଣ ଚାଷୀ ୩୫ ହଜାର କ୍ୱିଂଟାଲ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୨୭ ଜଣ ଚାଷୀଙ୍କ ୪୬ ହଜାର ୭୮୮ କ୍ୱିଂଟାଲ ଧାନ କିଣା ଯାଇଛି। ଏବେ ୫୪ ଜଣ ଚାଷୀଙ୍କ ୪୭୪୨ ବ୍ୟାଗ ଧାନ ପଡ଼ିଥିବା ବେଳେ ଅଧିକାଂଶ ଚାଷୀ ଚାରି ଦିନରୁ ଅଧିକ ହେଲାଣି ଧାନ ପକାଇଛନ୍ତି। ରାନୀମୁଣ୍ଡା ଗ୍ରାମର ଚାଷୀ ବିନୋଦ ନିଆଲ କିଛି ଦିନ ତଳେ ୯୭ ପ୍ୟାକେଟ ଧାନ ପକାଇଥିଲେ। ପେକ୍ସ କର୍ମଚାରୀଙ୍କ ପାଖରେ ୯୭ ଧାନ ବସ୍ତାର ପଞ୍ଜୀକୃତ କରାଇଥିଲେ। ଆଜି କିନ୍ତୁ ଧାନ ବିକିବା ସମୟରେ ତିନି ବସ୍ତା ଧାନ କମ ଥିବା ଦେଖିବାକୁ ପାଇଥିଲେ। ପ୍ରତ୍ୟେକ ମଣ୍ଡିରେ ସିସି କ୍ୟାମେରା ସହ ଜଗୁଆଳି ରହିଥିଲେ ମଧ ଧାନ ବସ୍ତା ଚୋରି ହେବା ପେକ୍ସ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଏନେଇ ପେକ୍ସ ସମ୍ପାଦକ ଥବିର ତାଣ୍ଡିଙ୍କୁ ପଚାରିବାରୁ ସେ କଥାକୁ ହାଲକା ଭାବେ ନେବା ସହ ଆରଏମସି କର୍ମଚାରୀ ମାନେ ସିସି ଫୁଟେଜ ଯାଂଚ କରି କହିବେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ କଟନି ଛଟନି ହେବ ନାହିଁ ବୋଲି ସରକାର କହିଥିଲେ ମଧ କେହି ମାନିବାକୁ ନାରାଜ। ପେକ୍ସ କର୍ମଚାରୀ ଓ ମିଲର୍ସ ମିଶିକି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଚାରିରୁ ପାଂଚ କିଲୋଗ୍ରାମ ପର୍ଯ୍ୟନ୍ତ କଟନି ଛଟନି କରାଯାଉଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ୭୬ ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଗଂଜାମ, ୧୨/୧ (ନି.ପ୍ର):ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ୭୬ ତମ ସାଧାରଣ ତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହେବ। ଚଳିତ ବର୍ଷର ସାଧାରଣ ତନ୍ତ୍ର ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି ଏବଂ ସୁଧାଂଶୁ କୁମାର ଭୋଇ ବୈଠକରେ ଅଧକ୍ଷତା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସ୍ୱାଗତ କରିବା ସହ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ ।

ଚଳିତ ବର୍ଷରେ ପାଳିତ ହେବାକୁ ଥିବା ଏହି ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ପରୀକ୍ଷା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୫ ତାରିଖ ଦିନ ଓଡିଆ ବକ୍ତୃତା ଓ ଓଡିଆ ପ୍ରବନ୍ଧ ପ୍ରତିଯୋଗିତା, ୧୬ ତାରିଖ ଦିନ ଦେଶାତ୍ମବୋଧ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ୧୭ ତାରିଖ ଦିନ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଜାତୀୟ ଦିବସଟି ଛତ୍ରପୁର ସ୍ଥିତ ପୋଲିସ ପ୍ୟାରେଡ଼ ପଡିଆ ଠାରେ ଅନୁଷ୍ଠିତ ହେବ । ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ । ଏଥି ସକାଶେ ଚଳିତ ମାସ ୨୨ ତାରିଖ ଓ ୨୩ ତାରିଖ ଅପରାହ୍ନ ୩ ଘଟିକା ଏବଂ ୨୪ ତାରିଖ ଦିନ ପୂର୍ବାହ୍ନ ୮ ଘ. ସମୟରେ ପ୍ୟାରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୫ ଘଟିକା ସମୟରେ ଛତ୍ରପୁର ସହରରେ ରାମଧୂନ ପରିବେଷଣ କରାଯିବ। ପୂର୍ବାହ୍ନ ୮ ଘଟିକା ୩୦ ମିନଟ ସମୟରେ ମୁଖ୍ୟ ଅତିଥି ପ୍ୟାରେଡ଼ରେ ଜାତୀୟ ପତାକା ଉତୋଳନ କରି ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଉକ୍ତ ଦିନ ପୂର୍ବାହ୍ନ ଘ.୭.୧୫ମି. ସମୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତୋଳନ କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଜାତୀୟ ଦିବସକୁ ସ୍ମରଣୀୟ କରିବା ନିମନ୍ତେ ଜାନୁୟାରୀ ୨୬ ତାରିଖ ସଂଧ୍ୟା ସମୟରେ ସରକାରୀ ପ୍ରତିଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନ, ସମସ୍ତ ବ୍ୟାଙ୍କ ଏବଂ ସହରର ଦୋକାନ ବଜାରରେ ଆଲୋକ ସଜ୍ଜା କରିବାପାଇଁ ବୈଠକରେ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା । (ଋଷିକୂଲ୍ୟା) ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ଛତ୍ରପୁରଠାରେ ଅପରାହ୍ନ ଘ.୩.୦୦ମି. ସମୟରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଏହି କବିତା ପାଠୋତ୍ସବରେ ଦେଶାତ୍ମବୋଧ କବିତା (ଏକ ପୃଷ୍ଠା) ପାଠ କରିବାପାଇଁ ଅନୁରୋଧ କରାଗଲା। ଜନରାଜ୍ୟ ଦିବସକୁ ସରସ ସୁନ୍ଦର କରିବାପାଇଁ ଛତ୍ରପୁର ଷ୍ଟାଡିୟମ୍ ଠାରେ ମୁଖ୍ୟ ସମାରୋହ ପରେ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଜିଲ୍ଲା ପ୍ରଶାସନ ଓ ଗଣ ମାଧ୍ୟମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୬ ତାରିଖ ସଂଧ୍ୟା ଘ.୦୬.୦୦ମି. ସମୟରେ ଛତ୍ରପୁରସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷ କାର୍ଯ୍ୟ ଦକ୍ଷତା ପ୍ରୋତ୍ସାହନ କରିବା ସକାଶେ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସ୍ୱାସ୍ଥ୍ୟ ବିଭାଗ, ସଂସ୍କୃତି ବିଭାଗ, ଶିକ୍ଷା ବିଭାଗ, କ୍ରୀଡାବିଭାଗ, ସ୍ୱେଚ୍ଛାସେବୀ ବ୍ୟକ୍ତିବିଶେଷଙ୍କୁ ଚଳିତ ବର୍ଷ ପ୍ୟାରେଡ ପଡିଆରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଥିଲା ।

ଉକ୍ତ ବୈଠକରେ ଅଧକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ ଛତ୍ରପୁର ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଉପ ଜିଲ୍ଲାପାଳ ଛତ୍ରପୁର ଦେବଦତ ମହନ୍ତ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ ବିଭାଗ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୁଖ୍ୟ, ଗଣ ମାଧମର ପ୍ରତିନିଧିଗଣ, ବ୍ୟାଙ୍କ ଶାଖା ପରିଚାଳକ, ଛତ୍ରପୁରର ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟାବସାୟିକ ସଂଘର ମୁଖ୍ୟ, ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ଜିଲ୍ଲାରେ ଆଇନ ଶୃଙ୍ଖଳା ନେଇ ବୈଠକ

ରାଉରକେଲା, ୧୨/୧ (ନି.ପ୍ର): ଜିଲ୍ଲା ରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲାପାଳ ମନୋଜ ମହାଜନ ଙ୍କ ସଭାପତିତ୍ୱ ରେ ଆଜି ଆଭାସୀ ମାଧମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ରେ ହଉଥିବା ବିଭିନ୍ନ ଅପରାଧ ଆଦି କୁ କିଭଳି ଭାବେ ରୋକାଯାଇ ପାରିବ ଏବଂ ଆଇନ ଶୃଂଖଳା ପରିସ୍ଥିତି ଯେପରି ବିଶୃଙ୍ଖଳିତ ନହେବ ତାହା ନେଇ ଆଲୋଚନା କରାଯାଇଥିଲା। ସେହିଭଳି ସଙ୍ଗୀନ ଅପରାଧ ରିପୋର୍ଟ ଉପରେ ରେ ମଧ ଆଲୋଚନା କରାଯାଇଥିଲା। ସେହିଭଳି ଅଭ୍ୟାସଗତ ଅପରାଧୀ, ତୀକ୍ଷ୍ଣ ସୁଟର ଆଦିଙ୍କୁ ଧରିବା, ଜାତୀୟ ନିରାପତା ଅଧିନିୟମ ଅନ୍ତର୍ଗତ ପ୍ରତିଷେଧକ ବନ୍ଦୋବସ୍ତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ବିଭାଗୀୟ ଅଧିକାରୀ ମାନେ କୌଣସି ଅପରାଧ ତଥା ଘଟଣା ଘଟିବା ପୁର୍ବ ରୁ ତାହାର ସୂଚନା ହାସଲ କରି ଅପରାଧ ର ପ୍ରତିରୋଧ କରିବା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ଯାହା ଦ୍ୱାରା କି ବହୁ ମାତ୍ରା ରେ ଅପରାଧ ଗୁଡ଼ିକୁ ହ୍ରାସ କରାଯାଇପାରିବ। ଏଥି ନିମନ୍ତେ ସର୍ବଦା ବିଭାଗୀୟ ଅଧିକାରୀ ମାନେ ଜାଗ୍ରତ ରହିବା ଆବଶ୍ୟକ ବୋଲି ବୈଠକ ରେ ମତ ପ୍ରକାଶ ପାଇଥିଲା। ସେହିପରି ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖୁଥିବା ଅଭିଯୁକ୍ତ ମାନଙ୍କୁ ମଧ ଶୀଘ୍ର ଧରିବାକୁ ବୈଠକ ରେ ଆଲୋଚନା କରାଯାଇଥିଲା। ଜିଲ୍ଲା ରେ ବଢୁ ଥିବା ଅପରାଧ କୁ ଦୃଷ୍ଟି ରେ ରଖି ଜେଲ ରେ ଥିବା ଅଭିଯୁକ୍ତ କିମ୍ୱା ଅପରାଧୀ ମାନଙ୍କୁ ପାରୋଲ କିମ୍ୱା ଫର୍ଲୋଗ୍ ରେ ଯିବା ନେଇ ବିଶେଷ ଭାବେ ଯାଂଚ କରି ଅନୁମତି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ମଟର ଯାନ ଦୁର୍ଘଟଣା, ବେଆଇନ ପାର୍କିଂ, ଟ୍ରାଫିକ ନିୟମ ଅନୁପାଳନ ଉପରେ ମଧ ବୈଠକ ରେ ଆଲୋଚନା କରାଯାଇଥିଲା। ଜନସାଧାରଣ ଟ୍ରାଫିକ ନିୟମ ର ସଠିକ୍ ଭାବେ ଅନୁପାଳନ ଦ୍ୱାରା ସଡ଼କ ଦୁର୍ଘଟଣା କୁ ହ୍ରାସ କରାଯାଇପାରିବ ବୋଲି ବୈଠକ ରେ ମତ ପ୍ରକାଶ ପାଇଥିଲା। ଜିଲ୍ଲା ରେ ଅପରାଧ କୁ ହଟେଇବା ନିମନ୍ତେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ତୃଣମୂଳ ସ୍ତରରେ ସୂଚନା ର ବହୁଳ ପ୍ରସାର ଅତ୍ୟନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଥିଲେ।

ବୈଠକ ରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ, ଅତିରିକ୍ତ ଜିଲ୍ଲାପାଳ, ସଦର, ପାନପୋଷ ଏବଂ ବଣାଇ ର ଉପଜିଲ୍ଲାପାଳ, ସମସ୍ତ ତହସିଲଦାର ଏବଂ ସମସ୍ତ ଥାନା ଇନଚାର୍ଜ ମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ ଯଶସ୍ୱିନୀ ଅନୁଷ୍ଠିତ

ଖୋର୍ଦ୍ଧା, ୧୨/୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଆକ୍ସନ ଏଡ଼ର ମିଳିତ ଉଦ୍ୟମରେ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ ଯଶସ୍ୱିନି ଅନୁଷ୍ଠିତ ହୋଇଯାଇଛି। କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଚଂଚଳ ରାଣା ଯୋଗ ଦେଇ ଥିଲେ ଏବଂ ସମ୍ମାନୀୟ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ ଯୋଗ ଦେଇ ଥିଲେ। ଜିଲ୍ଲାପାଳ ଚଂଚଳ ରାଣା କହିଥିଲେ ସମସ୍ତ କିଶୋରୀ ମା ମାଙ୍କୁ ଆମ ପରିବାରର ସଦସ୍ୟ ବୋଲି କହି ଥିଲେ ଏବଂ ଯଦି କୌଣସି ମା ଆଗକୁ ପାଠ କିମ୍ୱା କୌଣସି ପ୍ରକାରର ଧନ୍ଦାମୂଳକ ଶିକ୍ଷାରେ ଇଚ୍ଛା ଥିବା ସେମାନଙ୍କୁ ସମସ୍ତ ପ୍ରକାରର ଜିଲ୍ଲା ପ୍ରଶାସନ ତରଫରୁ ସୁବିଧା ଯୋଗାଇ ଦିଆଯିବ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଜିଲ୍ଲାରେ କିପରି ଭାବରେ ଏହି କାଜ୍ୟକ୍ରମକୁ ଆଗକୁ ନିୟା ଯାଇ ପାରିବ, ସେ ବିଷୟରେ ମତ ରଖି ଥିଲେ। କାର୍ଯ୍ୟକ୍ରମକୁ ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାୟ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି ଥିଲେ।ଆକ୍ସନ ଏଡ଼ର ନେସନାଲ ପ୍ରୋଗ୍ରାମ ଲିଡ୍ ଘାସିରାମ ପଣ୍ଡା କିଶୋରୀ ଗର୍ଭବତୀ ଉପରେ ସମ୍ପୁର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇସିଡିଏସ୍ ପ୍ରୋଜେକ୍ଟ ର ୩୩ ଜଣ କିଶୋରୀ ମା ଓ କିଶୋରୀ ଗର୍ଭବତୀ ଯୋଗ ଦେଇ ଥିଲେ. କାର୍ଯ୍ୟକ୍ରମରେ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ସ୍ୱାସ୍ଥ୍ୟ ଟିମ , ମାନସିକ ପରାମର୍ଶ ଟିମ ଏବଂ ଶିକ୍ଷା, ଜୀବିକା ଓ ସାମାଜିକ ନିରାପତା ଟିମ ଆଗରେ ସେମାଙ୍କର ସ୍ୱାମୀଙ୍କ ସହ ଉପସ୍ଥାପନ କରା ଯାଇଥିଲା। ସମସ୍ତ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ଚିକିତ୍ସ୍ୟ କରେଇବା ସହିତ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ୱଧରେ ଅବଗତ କରା ଯାଇଥିଲା।ଏପରିକି ସେମାନଙ୍କୁ ଧନ୍ଦା ମୂଳକ ଶିକ୍ଷା ଓ ଅଧାରୁ ପାଠ ଛାଡି ଥିବା କିଶୋରୀ ମା ମାନଙ୍କୁ ରାଜ୍ୟ ଶିକ୍ଷା ମୁକ୍ତ ବିଦ୍ୟାଳୟରେ ପାଠ ପଢିବା ପାଇଁ ପରାମର୍ଶ ଦିଆ ଯାଇଥିଲା। ପରିବାର ନିୟୋଜନ ସମ୍ପର୍କରେ ମଧ ଅବଗତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ସିଡିଏମଓ, ଡି ଏଲ୍ ଓ, ଡି ଇ ଓ, ଜିଲ୍ଲା ଶୁଶୁ ସୁରକ୍ଷା ୟୁନିଟ, ମିଶନ ଶକ୍ତି, ଓଡିଶା ଜୀବିକା ମିଶନ ବିଭାଗର କର୍ମକର୍ତା , ଖୋର୍ଦ୍ଧା ସି ଡି ପିଓ ଯୋଗ ଦେଇ ଥିଲେ, ଏବଂ ଆକ୍ସନ ଏଡ଼ର ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ଉତ୍କଳ ମାଇତି ପରିଚାଳନା କରି ଥିଲେ।

## ଫେରାର ୪ ଅଭିଯୁକ୍ତ ଗିରଫ

ଜୟପୁର, ୧୨/୧ (ନି.ପ୍ର): ଫେରାର ୪ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ବଦଲିଗୁଡା ଗ୍ରାମର କମଲୁ ଗାଦବା (୩୫), ଫାମ୍ପୁଣି ଗ୍ରାମର ପ୍ରଦିପ ପ୍ରଧାନ (୩୦), ନିଳାବତି ହରିଜନ (୫୬), ରଞ୍ଜନ ହରିଜନ (୨୫)। ୪ ଅଭିଯୁକ୍ତ ଙ୍କ ନାମରେ ଜୟପୁର ସଦର ଥାନାରେ ଅଭିଯୋଗ ଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଆଜି ଚଢାଉ କରି ୪ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ପ୍ରକୃତିର ଅବଦାନ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ ଆମର ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର, ୧୨/୧ (ନି.ପ୍ର): ବଲାଙ୍ଗିର ସ୍ଥିତ ଯାଦବ ଭବନ ଠାରେ ଜିନ୍ଦାବାଦ ସଂଗଠନ ପକ୍ଷରୁ 'ପ୍ରାକୃତିର ଅବଦାନ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ ଆମର ଅସ୍ମିତା' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅତିଥି ତଥା ପେନାଲିଷ୍ଟମାନଙ୍କୁ ସତ୍ୟ ବନଛୋର ମଂଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ । ଆଲୋଚନାଚକ୍ରର ସଭାପତି ହେମନ୍ତ ପଣ୍ଡା ସୂଚନା ଅଧିକାର କର୍ମୀ, ମୁଖ୍ୟବକ୍ତା ପ୍ରମୋଦ କୁମାର ମିଶ୍ର କୋଶଳବାଦୀ ତଥା ତଥା ବରିଷ୍ଠ ଆଇନଜିବୀ, ସମ୍ମାନିତ ବକ୍ତା ବିରେନ୍ଦ୍ର କୁମାର ଝାଙ୍କର ସାମ୍ବାଦିକ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ସାମ୍ବାଦିକ, ଆଦିବାସୀ ନେତ୍ରୀ ଦମୟନ୍ତୀ କୁମୁରା ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜଳନ କରି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଆଲୋଚନାଚକ୍ରରେ ବକ୍ତା ରୂପେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସାମ୍ବାଦିକ, ବିରେନ୍ଦ୍ର କୁମାର ଝାଙ୍କର ସମ୍ବାଦିକ, ଆଦିବାସୀ ନେତ୍ରୀ ଦମୟନ୍ତୀ କୁମୁରା, ମୁଖ୍ୟବକ୍ତା ପ୍ରମୋଦ କୁମାର ମିଶ୍ର କୋସଲବାଦୀ ନେତା ତଥା ବରିଷ୍ଠ ଆଇନଜିବୀ, ସଭାପତି ହେମନ୍ତ ପଣ୍ଡା ସୂଚନା ଅଧିକାର କର୍ମୀ, ବରିଷ୍ଠ ଆଇନ ଜିବୀ ଭବାନୀ ଶଙ୍କର ଶତପଥି, ଆଦିବାସୀ ନେତା ମୟ ପ୍ରଧାନୀ, ମଧୁ ସୁଦାନ ବାଗ ଜିଲ୍ଲା ସଭାପତି ଏ.ଆଇ.ଡି.ଏସ୍.ଓ ତାପସ କୁମାର ବେହେରା, ଏଆଇଟିୱାଇ ଓ ଜିଲ୍ଲା ସଂପାଦକ ଡ. କୌତୁକ ପନ୍ଦର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ନିମ୍ନ ଲିଖିତ ପ୍ରସ୍ତାବ ଗୁଡିକ ଅନୁମୋଦନ କରାଗଲା । ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ଖପ୍ରାଖୋଲ ପଂଚାୟତ ସମିତି ବୈଠକରେ ପ୍ରସ୍ତାବ ପାରିତ କରିବା ପାଇଁ ସରପଂଚ, ସମତି ସଭ୍ୟ/ସଭ୍ୟା, ଅଧକ୍ଷ, ଉପାଧକ୍ଷଙ୍କୁ ଅନୁରୋଧ କରାଯିବ, ଗନ୍ଧମାର୍ଦ୍ଦନର ପାଶ୍ୱର୍ବର୍ତୀ ଗାଁ ଓ ବଲାଙ୍ଗିର, ବରଗଡ ଜିଲ୍ଲାରେ ଅଦାନୀ କିଣିଥିବା ଜମିର ପଟ୍ଟାକୁ ବାତିଲ କରାଯାଉ, ଜିଲ୍ଲା ପରିଷଦ ବୈଠକରେ ଗନ୍ଧ ମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ପ୍ରସ୍ତାବ ପାରିତ କରିବା ନିମନ୍ତେ ଜିଲ୍ଲା ପରିଷଦର ସଭ୍ୟ / ସଭ୍ୟାମାନଙ୍କୁ ଅନୁରୋଧ କରାଯିବ, ଖପ୍ରାଖୋଲ ବ୍ଲକର ପ୍ରତି ଗାଁର ପଲ୍ଲିସଭା ଓ ପଂଚାୟତର ଗ୍ରାମ ସଭାରେ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ନିମନ୍ତେ ପ୍ରସ୍ତାବ ପାରିତ କରିବା ପାଇଁ ୱାର୍ଡ ମେମ୍ବର, ସରପଂଚ, ନାଏବ ସରପଂଚଙ୍କୁ ଲିଖିତ ଅନୁରୋଧ କରାଯିବ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ସରକାର, ମୁଖ୍ୟ ଶାସନ ସଚିବ, ବିଧାନ ସଭା ବାଚସ୍ପତି, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଖଣିମନ୍ତ୍ରୀ, ସମସ୍ତ ବିଧାୟକ, ସାଂସଦମାନଙ୍କୁ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ସକାଶେ ଲିଖିତ ଜଣାଇବା ପାଇଁ ସ୍ଥିର କରାଗଲା, ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ଅନୁଯାୟୀ ଗନ୍ଧମାର୍ଦ୍ଦନ ପର୍ବତମାଳାର ପାର୍ଶ୍ୱବର୍ତୀ ଗାଁମାନଙ୍କରୁ ଦାବୀ ଆବେଦନ କରିଥିବା ଗୋଷ୍ଠି ଅରଣ୍ୟ ସମ୍ବଳ ଅଧିକାର ପ୍ରଦାନ କରିବାକୁ ବଲାଙ୍ଗିର ଜିଲ୍ଲାପାଳ ତଥା ଅଧକ୍ଷ ଜିଲ୍ଲା ସ୍ତରୀୟ ଜଙ୍ଗଲ ଅଧିକାର କମିଟି ଙ୍କୁ ଲିଖିତ ଜଣାଇବା ନିମନ୍ତେ ସ୍ଥିର କରାଗଲା, ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ଗନ୍ଧମାର୍ଦ୍ଦନ ପର୍ବତମାଳାରେ ଖଣି ଖନନକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଓଡିଶା ବିଧାନ ସଭାରେ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ନିମନ୍ତେ ଲିଖିତ ଜଣାଇବା ପାଇଁ ସ୍ଥିର କରାଗଲା । ଗନ୍ଧ ମାର୍ଦ୍ଦନ ପାଖରେ ଆୟୁର୍ବେଦିକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପାଇଁ ସରକାର ଙ୍କୁ ଲିଖିତ ଜଣାଇବା ପାଇଁ ସ୍ଥିର କରାଗଲା ।

## ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର, ୧୨/୧ (ନି.ପ୍ର): ଜୟପୁର ସହର ହାଟପଦାରେ ଥିବା ସହରାଂଚଳ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆନୁକୁଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆଜି ଅନୁଷ୍ଠିତ ହୋଇଛି । ଜୟପୁର ନୁଆଁ ସାହି ପଂଚମ ଲାଇନ ପୌରପାଳିକାର ପାର୍କରେ ଏହି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନତଃ ଅଣ ସଂକ୍ରମଣ ରୋଗର ଚିକିତ୍ସା ବାବଦରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ରକ୍ତଚାପ, ସୁଗେର ,ହିମଗ୍ଲୋବିନ ପରୀକ୍ଷା କରାଯାଇଥିଲା । ସାଧାରଣ ରୋଗର ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା । ଗୁଟୁଖା ଓ ତମାଖୁ ସେବନ କଲେ କେନସର ବ୍ୟାପୁଛି ସେ ନେଇ ସଚେତନ କରାଯାଇଥଲା । ଏହି ଶିବରରେ ୨୮ ନମ୍ବର ଓାର୍ଡର ୨୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ଶିବିରରେ ଡାକ୍ତର ସୁରେଶ ପାଣିଗ୍ରାହୀ, ଡାକ୍ତର ସିଦ୍ଧାନ୍ତ ନାୟକ, ଡାକ୍ତର ଶୁଭମ ମହାପାତ୍ର, ମ୍ୟାନଜର ସଞ୍ଜୟ ସ୍ୱାଇଁ, ସୁପରଭାଇଜର ପ୍ରଶାନ୍ତ ସାହୁ, କାଉନସିଲର ଜସପାଲ ସିଂ, ସ୍ୱାସ୍ଥ୍ୟ କର୍ମି, ଆଶା ଦାଦି ଉପସ୍ଥିତ ଥିଲେ।

# ସହକାର ଭାରତୀର ୪୬ ତମ ସ୍ଥାପନା ଦିବସ କାର୍ଯ୍ୟକ୍ରମ ସମ୍ପନ୍ନ

ଜୟପୁର, ୧୨/୧ (ନି.ପ୍ର): ସହକାର ଭାରତୀ ସମବାୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଅଣ ରାଜନୈତିକ, ରାଷ୍ଟ୍ରବାଦୀ ସର୍ବଭାରତୀୟ ଅଗ୍ରଣୀ ସଙ୍ଗଠନ। 'ବିନା ସଂସ୍କାର ନାହିଁ ସହକାର, ବିନା ସହକାର ନାହିଁ ଉଦ୍ଧାର' ଏହି ଶୁଦ୍ଧ ବିଚାର ଓ ଆଦର୍ଶକୁ ଆଧାର କରି ସହକାର ଭାରତୀ ତାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଚାଲିଛି । ପ୍ରତିବର୍ଷ ପରି ଏବର୍ଷ ମଧ ସହକାର ଭାରତୀ ତାର ୪୬ ତମ ସ୍ଥାପନା ଦିବସ କାର୍ଯ୍ୟକ୍ରମ ଜାନୁଆରୀ ୧୧ ତାରିଖ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଇଅଛି। ଏହି ଅବସରରେ ସହକାର ଭାରତୀ, କୋରାପୁଟ ଏକ ଜିଲ୍ଲା ସ୍ତରୀୟ କାର୍ଯକ୍ରମ ବଡ଼ଜିଉନା ପଂଚାୟତ, ଜୟପୁର ଠାରେ ଆୟୋଜିତ ହୋଇଯାଇଛି। ୧୯୭୯ ରେ ସ୍ଥାପିତ ସହକାର ଭାରତୀ ଆଜିର ଦିନରେ, ସମ୍ପୂର୍ଣ୍ଣ ଭାରତ ବର୍ଷରେ ୨୮ପ୍ରଦେଶ ତଥା ୬୫୦ ରୁ ଅଧିକ ଜିଲ୍ଲାରେ କାର୍ଯ୍ୟ କରୁଅଛି। ସମବାୟ ଆମ ଦେଶର ସଂସ୍କୃତିର ପରିଚୟ ଅଟେ। 'ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟା' ଏହି ହଜାର ହଜାର ବର୍ଷର ପୁରୁଣା ମନ୍ତ୍ରକୁ କାର୍ଯ୍ୟକାରୀ କରିବାର କ୍ଷମତା କେବଳ ସମବାୟ ଆନ୍ଦୋଳନର ଅଛି। ନିଜ ଦେଶର ନିର୍ଦ୍ଧନ, ଦୁର୍ବଳ, ବଂଚିତ, ଅସଂଘଟିତ, ଦଳିତ, ଶୋସିତ ତଥା ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ନାଗରିକଙ୍କ ସ୍ଥାୟୀ ଆର୍ଥିକ ବିକାଶର ଏକମାତ୍ର ସମାଧାନ ହେଉଛି ସମବାୟ। ସହକାର ଭାରତୀ କେବଳ ଏକ ସଂଗଠନ ନୁହେଁ, ଆନ୍ଦୋଳନ ଓ ସମାଜ ପରିବର୍ତନରେ ଏକ ସଶକ୍ତ ମାଧମ ମଧ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ସହକାର ଭାରତୀର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ଭାରତୀ ମିଶ୍ର। କାର୍ଯ୍ୟକ୍ରମରେ ସମବାୟ ପ୍ରେମି ସଦାଶିବ ଉତରା, ନବିନ ନାୟକ,ରଘୁ ନାୟକ, ରାଜେନ୍ଦ୍ର ଗଉଡ, ରାଧାକାନ୍ତ ଗଉଡ,ଉଆଁସି ନାଏକ, ସୁଭଦ୍ରା ମାଝୀ, ବିଦମାଝୀ, ତୁଳାରାମ ନାୟକ, ବୁବନି ନାୟକ, ରମା ମାଝୀ, ବ୍ରଜ କିଶୋର ମିଶ୍ର, ଭାରତୀ ମିଶ୍ରଙ୍କ ସହିତ କୋରାପୁଟ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ବେକରେ ଦଉଡି ଲଗାଇ ଯୁବକର ଆତ୍ମହତ୍ୟା

ଜୟପୁର, ୧୨/୧ (ନି.ପ୍ର): ବେକରେ ଦଉଡି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଲେ ବାରିଣିପୁଟର ସହଦେବ ବୋଇ (୩୮) । ପୋଲିସ ସୂଚନା ଅନୁଯାଇ, ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟର ସହଦେବ ବୋଇଙ୍କ ଶବକୁ ଜବତ କରିଛି । ସୂଚନା ପାଇ ବାରିଣିପୁଟ ନିକଟସ୍ଥ ନାଗଡିଟଙ୍ଗର ପାହାଡରେ ପୋଲିସ ପହଂଚି ଶବକୁ ଜବତ କରିଛି । ସେ ଏକ ସାଗୁଆନ ଗଛରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଏନେଇ ବିରଣିପୁଟ ଫାଣ୍ଡିରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ। ମୃତ ଯୁବକର ଶବକୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବିଷୟ ପୋଲିସ ତରଫରୁ ସୂଚନା ।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ଘଟଗାଁ, ୧୨/୧ (ନି.ପ୍ର): ବାଇକ୍‌ରୁ ପଡ଼ି ଜଣେ ଯୁବକ ଗୁରୁତର ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଂଚରା ଗ୍ରାମର ସୁରେନ୍ଦ୍ର ଦେହୁରୀ (୪୫ ) ଡୁବୁରୀ ପ୍ଲାଂଟରେ ଡ୍ରାଇଭର ଭାବେ କାମକରନ୍ତି ଗତକାଲି ରାତି ଡିଉଟି ସାରି ଘରକୁ ଫେରିଥିବା ବେଳେ ସକାଳୁ ବାତୋକୁ ମାଛଆଣିବା ପାଇଁ ଯାଇ ଫେରୁଥିବା ବେଳେ ପଂଚାରା ମେଳା ପଡିଆ ନିକଟରେ ପଡ଼ିଯାଇଥିଲେ । ଫଳରେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ଏକ ବୋଲୋରୋ ଯୋଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିବା ବେଳେ ଅବସ୍ଥା ଭଲ ଥିବା ଜଣାପଡିଛି ।

# ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟିତ

କଟକ, ୧୨/୧ (ନି.ପ୍ର): ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ନ୍ୟାୟପାଳିକାର ପ୍ରଗତିଶୀଳ ଦୃଷ୍ଟିକୋଣର ପ୍ରତିଫଳନ। ଏହା ନ୍ୟାୟ ପ୍ରଶାସନଠାରୁ ଆଗକୁ ଯାଇ ଇତିହାସ, ସଂସ୍କୃତି ଓ ଶିକ୍ଷାର ପରିସରକୁ ବ୍ୟାପକ କରିବ । ନ୍ୟାୟିକ ଦସ୍ତାବିଜ, ରେକର୍ଡ ଏବଂ କଳାକୃତିର ସଂରକ୍ଷଣ ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଯୁଗ ଯୁଗ ଧରି ଆଇନ ଗବେଷକ, ଛାତ୍ର ଏବଂ ଐତିହାସିକମାନଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଟକଠାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାକୁ ଉଦ୍ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ଆମ ନ୍ୟାୟପାଳିକାର ସମୃଦ୍ଧ ପରମ୍ପରାକୁ ଆଗାମୀ ପିଢ଼ି ନିମନ୍ତେ ସଂରକ୍ଷିତ ରଖିବାର ସାମୂହିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଆଜି ନ୍ୟାୟ ଦେବୀଙ୍କ ଚକ୍ଷୁରୁ ଅନ୍ଧପୁଟୁଳି ହଟିଯାଇଛି। ଆଜି ନ୍ୟାୟଦେବୀ ଉନ୍ମୁକ୍ତ ନୟନରେ ଗୋଟିଏ ହାତରେ ସମ୍ବିଧାନ ଏବଂ ଅନ୍ୟହାତରେ ନ୍ୟାୟର ତରାଜୁ ଧରି ଉଭୟ ପକ୍ଷଙ୍କୁ ଶୁଣି ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ନ୍ୟାୟ ପ୍ରଦାନ କରୁଛନ୍ତି। ଭାରତୀୟ ନ୍ୟାୟ ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ। ଏଥିପାଇଁ ସାରା ଦେଶ ଆଜି ଗର୍ବିତ। ଆଜିର ଏହି ନ୍ୟାୟିକ ଅଭିଲେଖାଗାର ଉଦ୍ଘାଟନୀ ଆମ ଆଇନଗତ ବ୍ୟବସ୍ଥାର ଏକ ସମୃଦ୍ଧ ଐତିହ୍ୟର ଭଣ୍ଡାର ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହା ଆଇନଗତ ଇତିହାସ, ଐତିହାସିକ ମାମଲା ଏବଂ ଅମୂଲ୍ୟ ଉଦାହରଣର ଭଣ୍ଡାର ହେବ । ଏହା ଓଡ଼ିଶା ଏବଂ ଆମ ଦେଶର ଆଇନଗତ ଦୃଶ୍ୟପଟ୍ଟକୁ ଚିରସ୍ଥାୟୀ କରିପାରିବ। ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବାରେ ମାନ୍ୟବର ମୁଖ୍ୟ ବିଚାରପତି ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତିମାନେ ଅକ୍ଳାନ୍ତ ପ୍ରୟାସ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଅର୍ପଣ କରିଛନ୍ତି।ରାଜ୍ୟ ସରକାର ନ୍ୟାୟପାଳିକାର ସଂସ୍କାର ଓ ଉନ୍ନତି ପାଇଁ ପ୍ରତିଶୃତିବଦ୍ଧ । ନ୍ୟାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଆଇନ ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା ଏବଂ ସମସ୍ତଙ୍କ ନିକଟରେ ନ୍ୟାୟ ପହଂଚାଇବା ଦିଗରେ ସରକାର କାର୍ଯ୍ୟ ଜାରି ରଖିବେ। ଓଡିଶାରେ ଦଣ୍ଡହାର ବୃଦ୍ଧି କରିବା ପାଇଁ ସରକାର ପଦେକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ହିଂସା ବିରୁଦ୍ଧରେ ଦଣ୍ଡ ବିଧାନ କରିବା ପାଇଁ ଚାରିଗୋଟି ଜିଲ୍ଲାରେ ମହିଳା କୋର୍ଟ ପ୍ରତିଷ୍ଠା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି।

# ସିପିଆଇ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

ଜୟପୁର, ୧୨/୧ (ନି.ପ୍ର): ସିପିଆଇ ଜିଲ୍ଲା କାର୍ଯ୍ୟକାରି କମିଟି ବୈଠକ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସିପିଆଇ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀ ଜୟନ୍ତ ଦାସ କାର୍ଯ୍ୟକାରୀ କମିଟିକୁ ଉଦବୋଧନ ଦେଇ କହିଛନ୍ତି ଯେ ସିପିଆଇ ର ଶତବାର୍ଷିକୀ ଉଦଘାଟନ ଉତ୍ସବ ତପାଳନ ଜୟପୁର ଠାରେ ଆକର୍ଷଣୀୟ ଭାବେ ପାଳନ କରାଯାଇଥିବାରୁ ରାଜ୍ୟ ପାର୍ଟି ପ୍ରଶଂସା କରୁଛି। ୧୯୨୫ ମସିହାରେ ଗଠିତ ପାର୍ଟି ଭାରତ ବର୍ଷ ରେ ସମାଜବାଦ ପ୍ରତିଷ୍ଠା ପାଇଁ ଅନେକ ସଂଗ୍ରାମ କରିଛି। ସହୀଦ ଲକ୍ଷ୍ମଣ ନାୟକଙ୍କ ମାଟିରେ ସିପିଆଇ ର ଉଲ୍ଲେଖନୀୟ ଅବଦାନ ରହିଛି। ତାକୁ ଉଜାଗର କରି ଏ ବର୍ଷ ତମାମ୍ ସଂଗଠନ ମଜବୁତ୍ ପାଇଁ ପାର୍ଟି ଅହରହ ଉଦ୍ୟମ କରୁ । ଦରଦାମ୍ ବୃଦ୍ଧି ,ବକାରୀ ବୃଦ୍ଧି, କୃଷକ ଆନ୍ଦୋଳନ ସହ ପାର୍ଟି ଶ୍ରମିକ ମାନଙ୍କ ପାଇଁ ଆସିଥିବା ଚାରୋଟି ନୂଆ ଶ୍ରମ କୋଡ଼ ବିରୁଦ୍ଧରେ ଲଢ଼େଇ ଜୋରଦାର କରାଯିବା ସହ ସ୍ଥାନୀୟ ସମସ୍ୟା କୁ ନେଇ ସିପିଆଇ ଦଳ ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି। ସେବା କାଗଜ କଳ କୁ ଏମ୍ ଇ ଆର୍ ପି ଏଲ୍ କମ୍ପାନୀ ହାତକୁ ନେଇ ଚଳେଇବା ବଦଳରେ ବିଭିନ୍ନ ଅସଦ୍ ଉପାୟ ଅବଲମ୍ବନ କରୁଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଉ ଏକ କମ୍ପାନୀ ନାଁରେ ଦରମା ଦେବା ସମସ୍ତ ନିତୀ ନୈତିକତାକୁ ଉଲଂଘନ କରୁଛି। ଏ ବିଷୟକୁ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରାଯିବ । ଫେବୃଆରୀ ଏକ ତାରିଖ ରୁ ପାର୍ଟି ଗଣପାଣ୍ଠି ସଂଗ୍ରହ କରିବ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ଶାଖା ଓ ଜୋନ୍ ସମ୍ମିଳନୀ ଶେଷ କରିବା ପାଇଁ କାର୍ଯ୍ୟକ୍ରମ ନିଆଯାଇଛି।

# ଏହି ଦିନଗୁଡିକରେ ଆରମ୍ଭ କରନ୍ତୁ ଗୃହ ନିର୍ମାଣ: ଆସିବ ନାହିଁ ସମସ୍ୟା

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

ମନୁଷ୍ୟ ଏହି ପ୍ରକୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଆମ ଦର୍ଶନ ଶାସ୍ତ୍ରରେ ଅଛି ପ୍ରକୃତି ଓ ପୁରୁଷର ମିଳନରେ ଏହି ଜୀବଜଗତର ସୃଷ୍ଟି। ଏଣୁ ପ୍ରକୃତିରେ କୌଣସି ବି ପରିବର୍ତ୍ତନ ହେଲେ ଏହାର ପ୍ରଭାବ ଆମ ଜୀବନ ଉପରେ ପଡ଼ିଥାଏ। ଏହି ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ଗ୍ରହ, ନକ୍ଷତ୍ର ଆଦିଙ୍କର ବିକିରଣ ରଶ୍ମି ମନୁଷ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ।

ଯେହେତୁ ମନୁଷ୍ୟ ଶରୀର ପ୍ରକୃତିର ପାଞ୍ଚତତ୍ତ୍ୱ (ପୃଥିବୀ, ଆକାଶ, ଜଳ, ବାୟୁ ଓ ଅଗ୍ନି) ଦ୍ୱାରା ଗଢ଼ା ଏଣୁ ପ୍ରକୃତିର ପରିବର୍ତ୍ତନ ଦ୍ୱାରା ଏହି ପଞ୍ଚତତ୍ତ୍ୱ ପ୍ରଭାବିତ ହୋଇଥାଏ ଏବଂ ଏହି ପ୍ରକୃତିର ପଞ୍ଚତତ୍ତ୍ୱ, ମଣିଷ ଶରୀରର ପଞ୍ଚତତ୍ତ୍ୱ ଉପରେ ସକାରାତ୍ମକ କିମ୍ବା ନକାରାତ୍ମକ ପ୍ରଭାବ ପକାଇଥାଏ।

ମଣିଷ ବଞ୍ଚିବା ବା ଚଳିବା ପାଇଁ ତିନୋଟି ମୁଖ୍ୟ ଜିନିଷ ଉପରେ ନିର୍ଭର କରିଥାଏ ତାହା ହେଲା ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଆମେ ଆକାଶ ତତ୍ତ୍ୱକୁ ଏହି ବାସ୍ତୁ ଶାସ୍ତ୍ରରେ ବାସଗୃହକୁ ମୁଖ୍ୟ ଭାବରେ ନେଇ ପ୍ରକୃତିର ବାସଗୃହ ଉପରେ ସକରାତ୍ମକ ପ୍ରଭାବ ପଡ଼ିବା ପାଇଁ ଚେଷ୍ଟା କରୁଛେ ।

ଶୁଭ ପ୍ରଭାବ ପଡିଲେ ହିଁ ଆମେ ବାସଗୃହରେ ରହି ଶୁଭଫଳ ପାଇବା ଅନ୍ୟଥା ଦୁଃଖ ଦୁର୍ଦ୍ଦଶା ଭୋଗ କରିବା। ଏଣୁ



ଜ୍ଞାନୀଗୁଣୀ ଲୋକମାନେ ବାସଗୃହ ନିର୍ମାଣ ପୂର୍ବରୁ ବାସ୍ତୁର ସମସ୍ତ ନିୟମ ପାଳନ କରିଥାନ୍ତି। କିନ୍ତୁ ଏବେ ବି ବହୁତ ଲୋକ ବାସ୍ତୁକୁ କେବଳ ରୋଷେଇ ଘର, ଗାଧୁଆ ଓ ପାଇଖାନା ଘର, ଶୟନ କକ୍ଷ ଭିତରେ ସିମିତ ରଖିଛନ୍ତି।

ସେମାନେ ଭାବୁଛନ୍ତି ଅଗ୍ନିକୋଣରେ ରୋଷେଇ ଘର, ଦକ୍ଷିଣ-ପଶ୍ଚିମ କୋଣରେ ଶୟନ ଗୃହ ଏହିପରି ପ୍ଲାନ୍‌ଟିଏ କରି ଗୃହ ନିର୍ମାଣ କରୁଛନ୍ତି ଏବଂ ଯେତେବେଳେ ସମସ୍ୟାରେ ପଡୁଛନ୍ତି ସେତେବେଳେ କୁହନ୍ତି ଆମେ ତ ବାସ୍ତୁ ହିସାବରେ ଗୃହ କରିଛୁ ପୁଣି ଅସୁବିଧା କାହିଁକି ହେଉଛି।

ତେବେ କେଉଁ କୋଣ ଏବଂ କେଉଁ ଦିଗରେ କ'ଣ ରହିବା କଥା ଏହା ଘର ପ୍ଲାନ୍ ଦେଉଥିବା ଇଞ୍ଜିନିୟର ଏବଂ ସାଧାରଣ ଲୋକ ସମସ୍ତେ ଜାଣନ୍ତି। ଏହା ବାସ୍ତୁର ଏକ ମୁଖ୍ୟ କଥା କିନ୍ତୁ ଏହା ସମ୍ପୂର୍ଣ୍ଣ ବାସ୍ତୁ ନୁହେଁ। ଏଣୁ ଶୁଭ ତିଥିର ଜ୍ଞାନ ହେବା ନିହାତି ଆବଶ୍ୟକ। ସୂର୍ଯ୍ୟଙ୍କର ପ୍ରଭାବ ଦ୍ୱାରା ଦିନ ଓ ରାତି ହୋଇଥାଏ। ଚନ୍ଦ୍ରଙ୍କର ପ୍ରଭାବ ଦ୍ୱାରା ପକ୍ଷର ବିଚାର କରାଯାଇଥାଏ। ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଳପକ୍ଷ ଏବଂ ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣ ପକ୍ଷ।

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଯାହାର ନାମ ପ୍ରତିପଦା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟାଦଶୀ, ଚତୁର୍ଦ୍ଦସୀ ଓ ଶୁକ୍ଳପକ୍ଷରେ ପୂର୍ଣ୍ଣମୀ ତିଥି ଓ କୃଷ୍ଣପକ୍ଷରେ ଅମାବାସ୍ୟା ତିଥି। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

**ଶୁଭ ତିଥି:**

ଦ୍ୱିତୀୟା, ତୃତୀୟା, ଷଷ୍ଠୀ, ସପ୍ତମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ।

**ଅଶୁଭ ତିଥି:**

ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ପ୍ରତିପଦାରେ ଗୃହ ଆରମ୍ଭ କଲେ ଗୃହକର୍ତ୍ତା ଏବଂ ଗୃହବାସୀଙ୍କ ଧନ ଅଭାବ ବା ଦାରିଦ୍ରତା ଆସିଥାଏ ଏବଂ ଗୃହକାମ ଅଧାରୁ ଅଟକି ଯିବାର ସମ୍ଭାବନା ଥାଏ। ଏଣୁ ତିଥିର ବିଚାର କରି ଗୃହ ଆରମ୍ଭ କଲେ ଅଶୁଭ ଫଳ ମିଳି ନ ଥାଏ।

# କେଶ ଓ ତ୍ୱଚାର ଯତ୍ନ

ଏହି ଦିନରେ ତ୍ୱଚା ସହ ଆମ କେଶର ମଧ୍ୟ ସଠିକ୍ ଭାବେ ଯତ୍ନ ନେବା ନିତାନ୍ତ ଆବଶ୍ୟକ। କାରଣ ଏହି ଦିନରେ ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି କାରଣରୁ କେଶ ଉପରେ କୁପ୍ରଭାବ ପଡ଼ିଥାଏ ଏବଂ କେଶ ଶୁଷ୍କ ଓ ରୁକ୍ଷ ହୋଇଯାଏ। ଏପରି କ୍ଷେତ୍ରରେ ଆପଣଙ୍କୁ ନିଜ କେଶ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଖରାଦିନରେ ଝାଳ ହେତୁ କେଶ ଅଠା ଭଳି ଲାଗିଥାଏ। କିଛି ସରଳ ଉପାୟ ଆପଣାଇ ଆମେ କେଶର ଯତ୍ନ ନେଇପାରିବା।

ଏହି ଦିନରେ ଫଳ ଓ ପନିପରିବା ପ୍ରଚୁର ପରିମାଣରେ ଖାଆନ୍ତୁ। ଏହା ଶରୀର ସହ କେଶକୁ ସୁସ୍ଥ ରଖିଥାଏ। କମଳା, ଅମୃତଭଣ୍ଡା, ଜାମୁକୋଳି ଆଦିରେ ଭିଟାମିନ-ସି ଅଧିକ ପରିମାଣରେ ରହିଛି, ଯାହା କେଶକୁ ଉପଯୁକ୍ତ ପରିମାଣରେ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେଶକୁ ଶୁଷ୍କ ହେବାକୁ ଦେଇନଥାଏ।

ଏମିତି ଶାମ୍ପୁ ବ୍ୟବହାର କରନ୍ତୁ, ଯେଉଁଥିରେ ନିମ୍ବ, କର୍ପୂର, ମନ୍ଦାର, ଘିକୁଆଁରୀ, ଭିଟାମିନ୍-ଇ ଆଦି ରହିଥିବ।

ସାମ୍ପୁ କରିବା ପରେ କେଶରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେଶ ଚମକଦାର ରହିବା ସହ ରୁପି ସମସ୍ୟା ମଧ୍ୟ ଦୂର ହେବ।

ଏକ କପ୍ ଗ୍ରିନ୍ ଟି'ରେ କିଛି ବୁନ୍ଦା ପିପରମେଣ୍ଟ, ସିରକା, ଦହି, ଏକ ଚାମଚ ମହୁ ଓ ଲେମ୍ବୁରସ ମିଶାଇ ଲଗାଇହେବ। ଏହି ପ୍ୟାକ୍ ଲଗାଇବା ପୂର୍ବରୁ କେଶକୁ ଷ୍ଟିମ୍ ଦିଅନ୍ତୁ।

ବେସନ ଓ ଦହିକୁ ମିଶାଇ ଏକ ପ୍ୟାକ୍ ତିଆରି କରି ମୁଣ୍ଡରେ ଲଗାନ୍ତୁ। ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ, ତେ ?ଲାଂଶ ଦୂର ହେବ।

ତ୍ୱଚାର ଯତ୍ନ

ଆପଣ ଯେଉଁଆଡ଼େ ବି ଯାଇଥା'ନ୍ତୁ ଘରେ ପହଞ୍ଚିଲା ମାତ୍ରେ ପ୍ରଥମେ ଭଲ ଭାବେ ମୁହଁ ଧୋଇ ସଫା କରି ଦିଅନ୍ତୁ।

ଗୋଟେ ଚାମଚ ବେସନ, ଅଳ୍ପ ହଳଦୀ ଓ ଗୋଟେ ଚାମଚ ଗ୍ରିନ୍ ଟି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ୨୦ ମିନିଟ୍ ପରେ କିଛି ଗୋଲାପ ଜଳକୁ ତୁଳା ସାହାଯ୍ୟରେ ନେଇ ମୁହଁରେ ଲଗାନ୍ତୁ। ଏହାପରେ ଭଲ ଭାବେ ମସାଜ୍ କରି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ଦୂର ହୋଇ ମୁହଁକୁ ସୁନ୍ଦର କରିଥାଏ।

୨ ଚାମଚ କ୍ଷୀରରେ ଅଳ୍ପ ମହୁ ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ୨୦ରୁ ୩୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହାକୁ ନିୟମିତ ୩ ଦିନକୁ ଥରେ ଲଗାଇବା ଦ୍ୱାରା ମୁହଁରେ ବୟସ ବୃଦ୍ଧିର ଛାପ ଜଣା ପଡ଼େନାହିଁ।



# ମୃତ୍ତିକାରେ ପଟାସ୍ ହ୍ରାସ ଚିନ୍ତାରେ ସାରା ବିଶ୍ୱ



ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ ଓ ୟୁକେ ସେଣ୍ଟର ଫର ଇକୋଲୋଜି ଆଣ୍ଡ୍ ହାଇଡ୍ରୋଲୋଜିର ଗବେଷକମାନେ ଚଳାଇଥିବା ଏକ ଅନୁଧାନ ଅନୁଯାୟୀ, ମୃତ୍ତିକାରେ ଦିନକୁ ଦିନ ପୋଟାସିଅମ୍ ପରିମାଣ ହ୍ରାସ ହେବାରେ ଲାଗିଛି। ବିଶ୍ୱର ଅନେକ ଅଞ୍ଚଳରେ ଉପୁଜିଥିବା ଏଭଳି ସ୍ଥିତି କୃଷି ବୈଜ୍ଞାନିକମାନଙ୍କ ଚିନ୍ତା ବଢ଼ାଇଦେଇଛି।

ଭଲ ଉତ୍ପାଦନ ପାଇଁ ଆମେ କ୍ଷେତରେ ବିଭିନ୍ନ ପ୍ରକାର ରାସାୟନିକ ସାର ପ୍ରୟୋଗ କରିଥାଉ। ତେବେ ସମ୍ପ୍ରତି ବିଲବାଡ଼ିରେ ଯେତିକି ପୋଟାସିଅମ୍ କୃତ୍ରିମ ଭାବେ ପକାଯାଉଛି, ତାହାଠୁ ଅଧିକ ପରିମାଣର ପୋଟାସିଅମ୍ ମାଟିରୁ କ୍ଷୟ ହୋଇଯାଉଛି ବୋଲି ଜଣାପଡ଼ିଛି। ଏଭଳି ସ୍ଥିତିକୁ ଯଦି ନିୟନ୍ତ୍ରଣକୁ ଅଣାନଯାଏ, ତେବେ ବିଶ୍ୱର ଖାଦ୍ୟ ସୁରକ୍ଷା ବିପନ୍ନ ହୋଇପଡ଼ିବ ବୋଲି ଗବେଷକମାନେ ଆଶଙ୍କା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୋଟାସିଅମ୍ ହେଉଛି ଉଦ୍ଭିଦର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ, ଯାହା ଉଦ୍ଭିଦର ଆଲୋକ ସଂଶ୍ଲେଷଣ ଓ ଶ୍ୱାସକ୍ରିୟାରେ ସାହାଯ୍ୟ କରିଥାଏ। ଏହାର ଅଭାବ ଘଟିଲେ ଉଦ୍ଭିଦର ବୃଦ୍ଧିରେ ବାଧା ସୃଷ୍ଟି ହେବା ସହ ଉତ୍ପାଦକତା ମଧ୍ୟ କମିଯାଏ। ତେଣୁ କୃଷକମାନେ ପୋଟାସିଅମ୍‌ର ଅଭାବକୁ ଭରଣା କରିବା ଲାଗି କ୍ଷେତରେ ବିଭିନ୍ନ ପ୍ରକାର ପୋଟାସିଅମ୍ ସମ୍ବଳିତ ସାର ପକାଇଥା'ନ୍ତି। କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ।

ଗବେଷକମାନଙ୍କ ଆକଳନ ଅନୁଯାୟୀ, ହାରାହାରି ବିଶ୍ୱର ପ୍ରାୟ ୨୦ ପ୍ରତିଶତ କୃଷିକ୍ଷେତ୍ରର ମୃତ୍ତିକା ପୋଟାସିଅମ୍ ଅଭାବର ଶିକାର ହୋଇଛନ୍ତି। କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ। ତେବେ ଉକ୍ତ ସାର ମୂଲ୍ୟରେ ବେଳେ ବେଳେ ଅକଳ୍ପନୀୟ ବୃଦ୍ଧି ଯୋଗୁଁ ସାଧାରଣ ଚାଷୀ ବିଲରେ ପୋଟାସିଅମ୍ ପକାଇବା ସମ୍ଭବ ହେଉନାହିଁ। ଉଦାହରଣ ସ୍ୱରୂପ, ୨୦୨୨ ଏପ୍ରିଲ୍‌ରେ ପଟାସ୍ ସାରର ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୫୦୦ ପ୍ରତିଶତ ବଢ଼ିଥିଲା। ଅପରପକ୍ଷେ, ଖଣିମାନଙ୍କରୁ କୃଷି ଚାହିଦାନୁଯାୟୀ ମାତ୍ରାଧିକ ପୋଟାସିଅମ୍ ଖନନ କରିବା ମଧ୍ୟ ପରିବେଶ ଉପରେ କୁପ୍ରଭାବ ପକାଇବ। କାରଣ ଖଣିଜପଥରରୁ ପଟାସ୍ ନିଷ୍କାସନ କରିବା ପ୍ରକ୍ରିୟାରେ ବହୁତ ପରିମାଣର ଲବଣାକ୍ତ ଖଦ ନିର୍ଗତ ହୋଇଥାଏ ଯାହା ମାଟିରେ ମିଶି ମୃତ୍ତିକା ଓ ଜଳକୁ ଲବଣାକ୍ତ କରିବା ସହ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଏଭଳି ସ୍ଥିତିର ମୁକାବିଲା ନିମନ୍ତେ ଆନ୍ତର୍ଜାତିକ ସହଯୋଗ ଭିତ୍ତିରେ ପଟାସ୍‌ର ସୁପରିଚାଳନା ପାଇଁ ଗବେଷକମାନେ ପରାମର୍ଶ କରିଛନ୍ତି। ବିଶେଷ କରି ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପରି ଅନ୍ୟ ରାସାୟନିକ ପୋଷକର ପରିଚାଳନାରେ ପୋଟାସିଅମ୍‌କୁ ସାମିଲ କରି କିପରି ଜମିର ପୋଟାସିଅମ୍ ସ୍ତର ସହ ଉତ୍ପାଦକତା ବଢ଼ାଯାଇପାରିବ, ସେ ଦିଗରେ ଅଧିକ ଗବେଷଣା ଜରୁରୀ ହୋଇପଡ଼ିଛି।

# ଆଜୀବନ ଆଲର୍ଜିର ନୂଆ କାରଣ

ବେଳେ ବେଳେ ଚର୍ମ କୁଣ୍ଡାଇହେବା ବା ଫଳିଯିବା ପରି ଆଲର୍ଜି ବା ଚର୍ମବିକାର ଦେଖାଯାଇଥାଏ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ, ଏହି ସ୍ୱତନ୍ତ୍ର ଧରଣର ଜୀବକୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍-ଜି' ନାମକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଆଦୌ ଜଡ଼ିତ ନୁହେଁ। ତେବେ ସେହି କୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍ ?-ଇ' ନାମକ ଅନ୍ୟ ଏକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଜଡ଼ିତ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଏହି ଆଣ୍ଟିବଡିଗୁଡ଼ିକ ଶରୀର ସଂସ୍ପର୍ଶରେ ଆସୁଥିବା ଆଲର୍ଜି ସୃଷ୍ଟିକାରୀ ପରଜୀବୀ ସହ ଲଢ଼ିବାରେ ସାହାଯ୍ୟ କରିବା କଥା, ମାତ୍ର ସେମାନେ ଆଦୌ କ୍ଷତି କରୁନଥିବା ପ୍ରୋଟିନ୍ ? ପଛରେ ପଡ଼ିଯାଇଥା'ନ୍ତି। ଏହି ଉପକୋଷିକାଗୁଡ଼ିକ ହେଉଛନ୍ତି ଏକପ୍ରକାର ମେମୋରି-ବି କୋଷ, ଯିଏ ଆଲର୍ଜି ସୃଷ୍ଟିକାରୀ ବାହ୍ୟ ଭୂତାଣୁ ଓ ବୀଜାଣୁମାନଙ୍କୁ ମନେ ରଖିଥା'ନ୍ତି। ସେଗୁଡ଼ିକ ଶରୀରରେ ଦୀର୍ଘ ଦିନ ପାଇଁ ଏପରିକି ବର୍ଷ ବର୍ଷ ଧରି ରହିଯାଆନ୍ତି।

# ଘରେ ଯଦି ସବୁବେଳେ ଅଶାନ୍ତି ଲାଗି ରହୁଛି ତେବେ ମାନନ୍ତୁ ଏହି ୪ ନିୟମ, ଖେଳିଯିବ ଶାନ୍ତି

**ଗୃହ ନିର୍ମାଣର ତୃଟି ଯୋଗୁଁ ଅନେକ ସମସ୍ୟା ଭୋଗିବାକୁ ପଡେ। ଏହି କାରଣର ଘରେ ଅଶାନ୍ତି ମଧ୍ୟ ଦେଖାଯାଏ। ତେବେ ଅନେକ ସମୟରେ ଗୃହବାସୀଙ୍କ ଆଚାର ବିଚାରରେ ପରିବର୍ତ୍ତନ ଯୋଗୁଁ ଏହି ସମସ୍ୟା ମଧ୍ୟ ସମାଧାନ ହୋଇପାରେ। ଆସନ୍ତୁ ଜାଣିବା...**



ବାସ୍ତୁ ବିଦ୍ୟା ଭାଙ୍ଗିବାର ଶାସ୍ତ୍ର ନୁହେଁ ଏହା ଗଢିବା ବା ନିର୍ମାଣ କରିବାର ବିଦ୍ୟା। ବାସ୍ତୁ ଶାସ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକୃତି ବା ପରିବେଶରେ ଅନୁକୂଳତା ରକ୍ଷା କରି ଭବନ, ନଗର ଆଦି ନିର୍ମାଣ କରିବା। ଏହା ମାଧ୍ୟମରେ ଆମେ ଆମର ଆବାସ ସ୍ଥଳକୁ ଉର୍ଜାବାନ କରି ନିଜର ଅନୁକୂଳ କରିପାରିବା।

ଏହା ଏକ ଏପରି ବିଜ୍ଞାନ ଯାହାର ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ଏବଂ ତା'ର ପାରିପାର୍ଶ୍ୱିକ ଅବସ୍ଥା ଉପରେ ପଡିଥାଏ। ବାସ୍ତୁର ବ୍ୟତିକ୍ରମ ଯୋଗୁଁ ବହୁତ ଅଘଟଣମାନ ପୁରାତନ ରାଜମହଲ ଠାରୁ ନେଇ ବିଭିନ୍ନ ଗୃହ, ନଗର ଆଦିରେ ଦେଖିବାକୁ ମିଳେ। ଯେଉଁ ଘରେ ଦିନେ ବହୁତ ଖୁସିରେ ମାହୋଲ୍ ଥିଲା ସେହି ଘର କାଳକ୍ରମେ ଭୂତ କୋଠିରେ ପରିଣତ ହୋଇଥିବାର ଦେଖାଯାଇଛି।

ଘର କରିବାର କିଛିଦିନ ଭିତରେ ଏପରି ସ୍ଥିତି ସୃଷ୍ଟିହୁଏ ଯେଉଁଥିରେ ଗୃହ କାମ ଅଧାରୁ ବନ୍ଦ ହୋଇଯାଏ ଏବଂ ବିକ୍ରି କରିବା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଯାଏ। କେଉଁ ଗୃହରେ ବଂଶ ସାରା ରୋଗି ହୋଇଯାନ୍ତି ଏହିପରି ଅନେକ ପ୍ରକାର କଷ୍ଟ ଭୋଗିବାକୁ ପଡିଥାଏ।

ବହୁତ ବାସ୍ତୁଦୋଷ ଗୃହ ନିର୍ମାଣର ତୃଟି ଯୋଗୁଁ ଉପୁଜିଥାଏ ଯାହା ଆମେ ସମାଧାନ ବାସ୍ତୁବିତ୍ ?ଙ୍କ ପରାମର୍ଶ ନେଇ କରିଦେବା କିନ୍ତୁ ବାସ୍ତୁଦୋଷ ଥିବା ଗୃହରେ ଅଧିକ ସମୟ ରହିବା ପରେ ବ୍ୟକ୍ତିଙ୍କର ବିଚାର ଧାରା ଏବଂ କାର୍ଯ୍ୟକ୍ଷେତ୍ର ବ୍ୟତିକ୍ରମ ଦେଖାଯାଏ ଫଳରେ ଅନେକ ଦୁଃଖ ଭୋଗିବାକୁ ପଡିଥାଏ, ଏଣୁ ବାସ୍ତୁ ସହିତ ନିଜର ଆଚାର ବିଚାରରେ ପରିବର୍ତ୍ତନ ଆଣିବା ଦରକାର ଅନ୍ୟଥା ପୂର୍ଣ୍ଣ ଲାଭ ବା ଶୁଭଫଳ ପାଇପାରିବା ନାହିଁ।

ଏଣୁ ଆମମାନଙ୍କୁ ମହାପୁରୁଷଙ୍କ ନିତୀବାଣୀ ଶୁଣି ତାକୁ ବ୍ୟବହାରରେ ଲଗାଇ ପାରିଲେ ଆମେ ଅନେକ ପ୍ରକାର ଶୁଭ ଫଳ ପାଇପାରିବା। ଏଣୁ ମହର୍ଷି ମନୁଙ୍କ ନୀତିବାଣିରୁ କେତେକ ଗୃହରେ ଶାନ୍ତିରେ ରହିବା ପାଇଁ କେତେକ ନିୟମ ନିମ୍ନରେ ଦିଆଗଲା।

ଗୃହରେ ସ୍ୱାମୀ ଓ ସ୍ତ୍ରୀ ଉଭୟ ପରସ୍ପର ପ୍ରତି ସନ୍ତୁଷ୍ଟ ହୋଇ ରହିପାରିଲେ ଗୃହରେ ଅନେକ ମଙ୍ଗଳ ହୋଇଥାଏ।

ଧନ ଅର୍ଜନ କରିବା ପାଇଁ ସବୁବେଳେ ସତ୍ ?ମାର୍ଗକୁ ଆପଣାଇବା ଦରକାର। ଯେତେ କଷ୍ଟ ହେଲେ ବି ଅସତ୍ ମାର୍ଗରେ ଧନ ଉପାର୍ଜନ କରିବା ଅନୁଚିତ।

ଗୃହରେ ନିଜ ନିଜ ଭିତରେ ହିଂସା ଭାବ ନ ରଖି ଏକାଠି ଚଳିବା ଦ୍ୱାର ଶୁଭ ଫଳ ମିଳେ।

ଯେଉଁ ଘରେ ନାରୀମାନେ ଅବହେଳିତ ହୁଅନ୍ତି ସେ ଘରେ କେବେ ବି ସୁଖଶାନ୍ତି ମିଳେ ନାହିଁ।

ବାସ୍ତୁ ବିଦ୍ୟା। ଆମର ପ୍ରାଚୀନ ଶାସ୍ତ୍ର ମଧ୍ୟରୁ ଅନ୍ୟତମ। ଏହା ଏକ ଗୁପ୍ତ ବିଦ୍ୟା। ଏହାର ଉପକାରିତା ଉପରେ ସନ୍ଦେହ ନାହିଁ କି ରଖିବା କଥା ମଧ୍ୟ ନୁହେଁ। ଯୁଗ ଯୁଗରୁ ଏହା ଆମର ମୁନିଋଷିମାନଙ୍କ ଅକ୍ଳାନ୍ତ ପରିଶ୍ରମର ବିଦ୍ୟା ଯାହା କେବଳ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ।

ସତ୍ୟ ହିଁ ଶିବ ଏବଂ ଶିବ ହିଁ ସୁନ୍ଦର ଅଟେ। ଏହି ଶାସ୍ତ୍ର ଠାରୁ ପୂର୍ଣ୍ଣ ଲାଭ ପାଇବାକୁ ହେଲେ ଆମ ସମସ୍ତଙ୍କୁ ସତ୍ୟ ମାର୍ଗରେ ଚାଲିବାର ଅଛି। ଗୃହକୁ ଭଙ୍ଗାରୁଜା ନ କରି ବାସ୍ତୁକୁ ସଜାଡିବାର ଉପାୟ ମଧ୍ୟ ଆମ ମୁନିଋଷିମାନଙ୍କ ଶାସ୍ତ୍ରରେ ବର୍ଣ୍ଣନା ପ୍ରମାଣ ଅଛି।

# ଚେହେରାର ଦାଗ ଦୂର କରିପାରେ ପଇଡ଼ ପାଣି, ମହୁ, ଆଲୋବେରା ଓ ବେସନ

ବେଳେ ବେଳେ ଶରୀରରେ ଥିବା ଛୋଟିଆ ଦାଗଟିଏ ବି ପୂରା ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥାଏ। କେବଳ ମୁହଁ କାହିଁକି ହାତ, ଗୋଡ଼, ବେକ ଆଦି ବିଭିନ୍ନ ସ୍ଥାନରେ ଥିବା ଦାଗ ଆମ ଚିନ୍ତାର କାରଣ ପାଲଟିଯାଏ। ଘରୋଇ ଉପାୟରେ ବି ଆପଣ ଆପଣଙ୍କ ଶରୀରରେ ଥିବା କଳା କିମ୍ବା ଧଳା ଦାଗକୁ ଛଡ଼ାଇ ପାରିବେ। ସେ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି। ପଇଡ଼ ପାଣି ସବୁ ପ୍ରକାର ଦାଗ ଛଡ଼ାଇ ପାରେ। ତାହା କଳା ଦାଗ ହେଉ କିମ୍ବା ଧଳା। କଟା ଘା, ପୋଡ଼ା ଚିହ୍ନ ଏବଂ ବ୍ରଣ ଦାଗ ଆଦି ଛଡ଼ାଇବା ପାଇଁ ଆପଣ ପଇଡ଼ ପାଣି ବ୍ୟବହାର କରିପାରନ୍ତି। ପଇଡ଼ ପାଣିକୁ ଏକ ପାତ୍ରରେ ନିଅନ୍ତୁ। ସେଥିରେ ତୁଳା ବୁଡ଼ାଇ ତାହାକୁ ଆପଣଙ୍କ ଦାଗରେ ଲଗାନ୍ତୁ। ଦାଗ ଛଡ଼ାଇବା ପାଇଁ ଘିକୁଆଁରି ମଧ୍ୟ ଖୁବ୍ ଉପକାରୀ। ଅବଶ୍ୟ ଏହା ଟିକେ ଅଠାଳିଆ ହୋଇଥିବାରୁ ଅନେକ ଲୋକେ ଶରୀରରେ ଘିକୁଆଁରି ଲଗାଇବାକୁ ପସନ୍ଦ କରିନଥାନ୍ତି। ମାତ୍ର ମନେ ରଖନ୍ତୁ ଘିକୁଆଁରି ଲଗାଇବା ଦ୍ୱାରା ଶହେ ପ୍ରତିଶତ ଦାଗ କମିଥାଏ। ସଦ୍ୟ ଘିକୁଆଁରିକୁ ସଙ୍ଗେ ସଙ୍ଗେ ଗଛରୁ ଭାଙ୍ଗି କରି ଆଣନ୍ତୁ। ତାହାକୁ ମଝିରୁ ଭାଙ୍ଗି ଦିଅନ୍ତୁ।



ଦେଖିବେ ମଝିରୁ ଏକ ଅଠାଳିଆ ଅଂଶ ବାହାରିବ। ତାହାକୁ ଦାଗ ଥିବା ସ୍ଥାନରେ ଲେପ ଦିଅନ୍ତୁ। ମହୁ ଗୋଲାପ ଜଳ କେବେ ଲଗାଇଛନ୍ତି ? ଏହା କେବଳ ଦାଗ ଲିଭାଇବା ପାଇଁ ନୁହେଁ ବରଂ ତୋଫାପଣ ପାଇଁ ବି ଜରୁରୀ। ଏକ ଛୋଟ ପାତ୍ରରେ ସାମାନ୍ୟ ମହୁ ନିଅନ୍ତୁ। ସେଥିରେ ସାମାନ୍ୟ ଗୋଲାପ ଜଳ ମିଶାଇ ଦାଗ ଥିବା ସ୍ଥାନ କିମ୍ବା ନିଜ ମୁହଁରେ ଲଗାନ୍ତୁ। ବେସନ ମଧ୍ୟ ଦାଗ ଛଡ଼ାଇବା ପାଇଁ ଅତ୍ୟନ୍ତ ଭଲ। ଏଥିରେ ଆଉ କିଛି ମିଶ୍ରଣ କରିବା ଆବଶ୍ୟକ ନାହିଁ। ସିଧା ସଳଖ ବେସନରେ ପାଣି ମିଶାଇ ଲେପ ଦିଅନ୍ତୁ। ପ୍ରଭାବ ଆପଣ ନିଜେ ହିଁ ଜାଣିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯୋଗାଭ୍ୟାସ ଓ ସକାରାତ୍ମକ ଜୀବନ...

ସାଧାରଣ ଅର୍ଥରେ ଦେଖିବାକୁ ଗଲେ ମଣିଷ ଦେହରେ ଜନ୍ମ ନେଉଥିବା ଟକ୍ସିନ୍ ବା ଜୈବବିଷ ଦୁଇପ୍ରକାରର। ଗୋଟିଏ ଶରୀରକୁ ପ୍ରଭାବିତ କଲା ବେଳେ ଅନ୍ୟଟି ମନକୁ ପ୍ରଭାବିତ କରେ। ଆୟୁର୍ବେଦ ଅନୁସାରେ ଏହି ଜୈବ ବିଷଟି ଶରୀର ମଧ୍ୟରେ ପ୍ରକ୍ରିୟାକରଣ ହୋଇପାରେ ନାହିଁ କିମ୍ବା ଶରୀରରୁ ବାହାରି ଆସେ ନାହିଁ। ଶରୀରର କୋଷ ତଥା ଅନ୍ତଃପ୍ରକ୍ରିୟାରୁ ବାହାରୁଥିବା ପ୍ରାକୃତିକ ବା ଜୈବିକ ବର୍ଜ୍ୟ ଏବଂ ହଜମ ନହୋଇ ରହିଯାଇଥିବା ଖାଦ୍ୟରୁ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ଏହି ଜୈବବିଷ ଅନ୍ତର୍ଭୁକ୍ତ। ସେଗୁଡ଼ିକ ସବୁ ଆମ ଶରୀର ପାଇଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଯଥା ବାୟୁଦୋଷ, ଶ୍ୱାସଜନିତ ଅସୁବିଧା, ଅସ୍ୱାଭାବିକ ଝାଳ ନିର୍ଗମନ ଆଦିର କାରଣ ହୁଏ। ଏହା ଆମ ମନରେ ଭୟ ତଥା ଭ୍ରମଭାବ ବୃଦ୍ଧି କରି ମାନସିକ କ୍ଳାନ୍ତି ଜନ୍ମାଇ ଥାଏ। ସାଧାରଣ ମଣିଷର ଏଭଳି ଶରୀର ତା'ର ସାଧନା ଓ ଆଧ୍ୟାତ୍ମିକ ଚେତନା ଜାଗ୍ରତର ଅଭ୍ୟାସ ପଥରେ ଅନ୍ତରାୟ ସୃଷ୍ଟି କରିବା ସ୍ୱାଭାବିକ। ତେଣୁ ପାରମ୍ପରିକ ଯୋଗ ବିଜ୍ଞାନରେ ଶରୀରକୁ ପରିଷ୍କୃତ କରିବା ବା ସୁସ୍ଥ ରଖିବା ଦିଗରେ ପ୍ରାଧାନ୍ୟ ଦିଆଯାଇଥାଏ। ଆୟୁର୍ବେଦିକ ମତାନୁଯାୟୀ ଆମ ଶରୀର ଏହି ବର୍ଜ୍ୟ ପଦାର୍ଥ ସବୁକୁ ସ୍ୱାଭାବିକ ଭାବରେ ନିଃଶେଷ କରିଥାଏ ଏବଂ ଏହି ନିଷ୍କାସନ ପ୍ରକ୍ରିୟାକୁ ଜାରି ରଖିଥା'ନ୍ତି ଶରୀରରେ ଥିବା ପାଚନ ବା ଅନ୍ତଃନଳୀ, ଯକୃତ, ଚର୍ମ, ବୃକ୍କ, ଲସିକା ଏବଂ ରକ୍ତ ସଞ୍ଚାରଣ ବ୍ୟବସ୍ଥା ସବୁ। ଅଧିକନ୍ତୁ ଏହି ଜୈବ ବିଷ ବା ବୈର୍ଜ୍ୟ କଣିକା ସବୁ ହୃତପିଣ୍ଡ ଓ ରକ୍ତ ସଞ୍ଚାଳନ ବ୍ୟାୟାମ ବା ଏରୋବିକ୍ ବ୍ୟାୟାମ ଦ୍ୱାରା ଚର୍ମରେ ଥିବା ଅସଂଖ୍ୟ ଲୋମମୂଳ ଗ୍ରନ୍ଥ ବାଟ ଦେଇ ଯଥେଷ୍ଟ ପାଣି ପିଇବା ଦ୍ୱାରା ଲସିକା ଗ୍ରନ୍ଥ ଏବଂ ବୃକ୍କ ରକ୍ତ ପରିସ୍କୃତ ବ୍ୟବସ୍ଥା ଅନୁଯାୟୀ ପରିସ୍ରା ଆକାରରେ ଅଧିକ ସକ୍ଷମ ଭାବରେ ନିଃଶେଷିତ ହୋଇଥାଏ। ସୁସ୍ଥ ଶରୀର ପାଇଁ ପାଚନ ପ୍ରକ୍ରିୟା ଠିକ୍ ଭାବରେ ହେବା ବାଞ୍ଛନୀୟ। ଏଥିପାଇଁ ଦୈନିକ ତନ୍ତୁଯୁକ୍ତ ଖାଦ୍ୟ ବାଛିବା ଉଚିତ୍, ଯଦ୍ୱାରା ଶୀଘ୍ର ଓ ଯଥାସମୟରେ ହଜମ ହୋଇପାରିବ। ଏହାବ୍ୟତୀତ ଶରୀରର ଆକାର ପ୍ରକାର ତଥା ବିଶେଷତା ଅନୁଯାୟୀ ଖାଦ୍ୟ ମଧ୍ୟ ନିର୍ବାଚନ ହେବା ଉଚିତ୍, ଯଦ୍ୱାରା ଶରୀରର କୌଣସି ଏକ ଅଙ୍ଗ ବିଶେଷଭାବରେ ଚାପଗ୍ରସ୍ତ ହେବ ନାହିଁ। ଉଲ୍ଲେଖ କରାଯାଇଥିବା ଏହି ସବୁ ପ୍ରକ୍ରିୟା ବା କାର୍ଯ୍ୟଧାରା ବ୍ୟତୀତ ଠିକ୍ ସମୟରେ ଅନୁକୂଳ ବ୍ୟବସ୍ଥା ସହିତ ଜୈବିକ, ନିରାମିଷ, ପୁଷ୍ଟିଯୁକ୍ତ ତଥା ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବାରେ ଶରୀର ମଧ୍ୟରେ ଜୈବବିଷ ବା ବୈର୍ଜ୍ୟ କ୍ଷରଣର ଚାପ କମ୍ କରାଯାଇ ପାରିବ। ମଣିଷର ମାନସିକତା ପ୍ରତି ଉପରୋକ୍ତ ଜୈବ ବିଷ ମଧ୍ୟ କ୍ଷତି ପହଞ୍ଚାଇଥାଏ। ଶରୀର ଅଭ୍ୟନ୍ତରରେ କମିଯାଉଥିବା ବର୍ଜ୍ୟ ବସ୍ତୁ ଠିକ୍ ଭାବେ ନିଷ୍କାସିତ ନ ହୋଇ ପାରିଲେ ଶରୀରକୁ ଅସୁସ୍ଥ କରିବା ସହିତ ମନରେ ସାମୟିକ ଆସୁଥିବା ଅନୈତିକ ବା କୁଭାବନାକୁ ତେଜାଇବା ସହ ସ୍ଥାୟୀ ରୂପ ଦେଇଥାଏ। ଫଳରେ ମଣିଷ ନୈରାଶ୍ୟବାଦୀ ହେବା ସହିତ ଅବସାଦର ଶିକାର ହୋଇଯାଇପାରେ। ଏଭଳି ମାନସିକତା ତିନିପ୍ରକାର ହୋଇପାରେ। ଯଥା କ୍ଷିପ୍ତ ଅର୍ଥାତ୍ ବିବ୍ରତ, ବିକ୍ଷିପ୍ତ ଅର୍ଥାତ୍ ବିକେନ୍ଦ୍ରିତ ଓ ମୂଢ଼ ଅର୍ଥାତ୍ ବିଚଳିତ। ଏହିଭଳି ଅସ୍ୱାଭାବିକ ମାନସିକତା ଯେଉଁ ଅବସ୍ଥା ସୃଷ୍ଟି କରେ, ତାହା ଯୋଗସାଧନା କରିବା ଦିଗରେ ଅନ୍ତରାୟ ସୃଷ୍ଟି କରିଥାଏ। ଫଳତଃ ମନରେ ଏକାଗ୍ରତା ଆସି ନଥାଏ। ପାରମ୍ପରିକ ଭାରତୀୟ ଯୋଗ ବିଜ୍ଞାନର ଜନ୍ମଦାତା ପାତଞ୍ଜଳୀ ଏକ ଉଚ୍ଚତର ମାନବୀୟ ନୈତିକତାର କଥା କହିଛନ୍ତି, ଯାହାକି ସାଂସାରିକ, ଏପରିକି ଧାର୍ମିକ ଧାରଣାର ଉର୍ଦ୍ଧ୍ୱରେ ଅତିନ୍ଦ୍ରୀୟ ବା ପରମାର୍ଥ ମାନସିକତାକୁ ବୁଝାଏ। ଈଶ୍ୱରଙ୍କ ସୃଷ୍ଟିର ଅନ୍ତର୍ନିହିତ ନିୟମ ମାନବକୁ ଅଜ୍ଞତା ଓ ମାୟାର ବନ୍ଧନରୁ ମୁକ୍ତ ହେବାକୁ ସାମର୍ଥ୍ୟ ଯୋଗାଇଥାଏ ଏବଂ ତାହା ହିଁ ପରମାର୍ଥ ମାନସିକତାର ମୂଳ ମନ୍ତ୍ର। ଯମ ବା ଆତ୍ମସଂଯମ ଓ ନିୟମ ଯଥାକ୍ରମେ ପାତଞ୍ଜଳି କୃତ ଅଷ୍ଟାଙ୍ଗ ଯୋଗର ପ୍ରଥମ ଦୁଇ ସୋପାନ ଏବଂ ଏଥିରେ ଥିବା ସମସ୍ତ ସଦାଚାର ଠିକ୍ ଭାବେ ଅଭ୍ୟାସ କରାଯିବା କଥା। ସୁତରାଂ ସଠିକ୍ ଯୋଗାଭ୍ୟାସ ଦ୍ୱାରା ମନ ଓ ଭାବନା ମଧ୍ୟରୁ ଅଶାନ୍ତି ଅସନ୍ତୋଷ ତଥା ବ୍ୟସ୍ତତା ଦୂର କରାଯାଇ ପାରିବ। ଏହି ଆଲୋଚନାର ସାର କଥାଟି ହେଲା ପାରମ୍ପରିକ ଯୋଗାଭ୍ୟାସ ମଧ୍ୟରେ ଯମ ଓ ନିୟମକୁ ସଠିକ୍ ଭାବରେ ଗ୍ରହଣ ନ କରି ଆସନ ଏବଂ ପ୍ରାଣାୟମ ଅଭ୍ୟାସ କଲେ ହୁଏତ ଶରୀରରେ ଜମି ଯାଉଥିବା ଜୈବ ବିଷ ବା ବୈର୍ଜ୍ୟ ଦୂରୀଭୂତ ହୋଇପାରିବ; କିନ୍ତୁ ସାଧକକୁ ଯୋଗ ସାଧନାର ସମସ୍ତ ସୁଫଳ ପ୍ରାପ୍ତ ହେବ ନାହିଁ। ଜମିକୁ ହଳ ନକରି ବିହନ ବୁଣିବା ଭଳି ଏହି କାର୍ଯ୍ୟଟି ପୂର୍ଣ୍ଣ ଅମଳ ଦିଏ ନାହିଁ। ଆସନ ପ୍ରାଣାୟମ ସହିତ ସଠିକ୍ ଆଧ୍ୟାତ୍ମିକ ବିକାଶ ହିଁ ଆବଶ୍ୟକ ଓ ଏଥିପାଇଁ ପର-ବୈରାଗ୍ୟ ପ୍ରକ୍ରିୟା ମଧ୍ୟରେ ନିଜକୁ ସାମିଲ କରି ମନକୁ ଈଶ୍ୱରାନୁଗତ କରିବା ସର୍ବାଦୌ ବାଞ୍ଛନୀୟ।



## ଗଙ୍ଗାଧର ସ୍ମୃତିଭବନ - ବାପାଙ୍କ ଜୀବନର ଏକ ବେଦନାକ୍ତ ଅଧ୍ୟାୟ

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସ୍ମୃତି ରକ୍ଷା ପାଇଁ ତଥା ନାନାବିଧ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବରପାଲିରେ ପ୍ରତିଷ୍ଠିତ ହୋଇଥିଲା ଗଙ୍ଗାଧର ମେହେର କ୍ଲବ ପାଠାଗାର। ଅନ୍ୟମାନଙ୍କ ମଧ୍ୟରେ ମୋର ବଡ଼ବାପା ବିନୋଦ ଚନ୍ଦ୍ର ମେହେର ଓ ବାପା କିଶୋର ଚନ୍ଦ୍ର ମେହେର ଉଭୟେ ଥିଲେ ପ୍ରତିଷ୍ଠାତା ସଦସ୍ୟ। ଏହି ଅନୁଷ୍ଠାନ ବରପାଲି ବସ୍ତି ଭିତରେ ଗଢ଼ି ଉଠିଥିଲା। ୧୯୫୪-୫୫ ମସିହାରେ କବିଙ୍କ ଆବକ୍ଷ୍ୟ ମାର୍ବଲ ଷ୍ଟାଚ୍ୟୁ ପାଖରେ ନିର୍ମିତ ହେଲା ଗଙ୍ଗାଧର ସ୍ମୃତି ସଦନ। ବରପାଲି ଗ୍ରାମ ପଞ୍ଚାୟତ ଦ୍ୱାରା ଗଠିତ ଏକ ଭାବ-ପଂକ୍ତି ଦ୍ୱାରା ନିର୍ମିତହେଲା ଏହି ସଭାଗୃହ। ସେତେବେଳେ ବରପାଲିରେ ଆମେରିକାନ୍ ଫ୍ରେଣ୍ଡସ୍ ଶୋସାଇଟି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବାରୁ ଏହି ଭବନର ନିର୍ମାତା ଶୈଳୀ, ତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ସେତେବେଳେ ଗ୍ରାମ ପଞ୍ଚାୟତର ସର୍ବପ୍ରଥମ ସରପଞ୍ଚ ଥାନ୍ତି କବିପୁତ୍ର ଭଗବାନ ମେହେର। ସଭାଗୃହଟି ନିର୍ମିତ ହେବାପରେ ମୋର ବଡ଼ବାପା ଓ ବାପା ଉଭୟେ ସରପଞ୍ଚ ଥିବା ମୋର ପିତାମହଙ୍କୁ ଅନୁରୋଧ କରିଥିଲେ ଯେ ବସ୍ତି ଭିତରେ ଯେଉଁ ଗଙ୍ଗାଧର ମେହେର କ୍ଲବ ପାଠାଗାର ପ୍ରତିଷ୍ଠିତ ହୋଇଛି ସେଥ?ରେ ବରପାଲିର ପ୍ରଗତି କାମୀ ଯୁବବର୍ଗ ସଭ୍ୟ ଶ୍ରେଣୀ ଅନ୍ତର୍ଗତ ତେଣୁ ସ୍ମୃତି ଭବନର ଗୋଟିଏ ପ୍ରକୋଷ୍ଠ କ୍ଲବକୁ ଦିଆଯାଇ ପାରିଲେ ଏହି ଅନୁଷ୍ଠାନ ସ୍ମୃତି ଭବନ ତାର ପ୍ରକାଣ୍ଡ ପରିସରର ରକ୍ଷଣା ବେକ୍ଷଣା କରିବା ସଙ୍ଗେ ସଙ୍ଗେ କବିଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ସମାରୋହ ସହକାରେ ପାଳନ କରିବା। କବିପୁତ୍ର ଭଗବାନ ମେହେର ମନରେ ଉଚ୍ଚ ଆଶା ପୋଷଣ କରି ସେହି ଯୁବ ବର୍ଗଙ୍କ ଦ୍ୱାରା ପ୍ରତିଷ୍ଠିତ ଗଙ୍ଗାଧର ମେହେର କ୍ଲବ ପାଠାଗାରକୁ ସ୍ମୃତି ଭବନର ଯତ୍ନ ନେବା ପାଇଁ ଓ କବିଙ୍କ ସ୍ମୃତି ରକ୍ଷା ପାଇଁ ଦାୟିତ୍ୱ ପ୍ରଦାନ କରିବାର ବ୍ୟବସ୍ଥା କରି ଦେଇଥିଲେ ତାଙ୍କ ଦୁଇ ପୁତ୍ରଙ୍କ ସବିନୟ ଅନୁରୋଧ ରକ୍ଷାକରି।

ଅନେକ ଦିନ ଧରି କ୍ଲବ ତରଫରୁ ଯେଉଁ ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା ତାଦ୍ୱାରା ଅନୁଷ୍ଠାନର ଲୋକପ୍ରିୟତା ବୃଦ୍ଧି ହୋଇଥିଲା। ପରବର୍ତ୍ତୀ ସମୟରେ କିନ୍ତୁ ଯେତେବେଳେ ସ୍ମୃତି ଭବନ ଓ ତାହାର ପରିସରର ସୌନ୍ଦର୍ଯ୍ୟ କ୍ଷୁଣ୍ଣ କଲା ଭଳି ପଦକ୍ଷେପ ମାନ ନିଆଗଲା, ସେତେବେଳେ ବାପା ତାହାର ପ୍ରତିବାଦ କରିଥିଲେ। ପ୍ରତିବାଦର ପୁରସ୍କାର ମିଳିଲା ତାଙ୍କୁ ଆଉ କ୍ଲବର କୌଣସି ବୈଠକକୁ ଆମନ୍ତ୍ରଣ କରାଗଲା ନାହିଁ। ବାପା ମଧ୍ୟ କ୍ଲବ ସହିତ ତାଙ୍କ ସମ୍ପର୍କକୁ ଛିନ୍ନ କରିଥିଲେ। କ୍ଲବର ସଭ୍ୟ ବୃନ୍ଦ ସମସ୍ତେ ଥିଲେ ତାଙ୍କର ଘନିଷ୍ଠ ବନ୍ଧୁ। ସେଇ ବନ୍ଧୁତାର ସୌରଭରେ ବରପାଲି ଥିଲା ସୁରଭୀତ। ମାତ୍ର ବନ୍ଧୁ ବର୍ଗଙ୍କ ମଧ୍ୟରେ ଆନ୍ତରିକତାର ଅଭାବ ଅନୁଭବ କରିବା ପରେ ସେ ନିଜକୁ ପ୍ରତ୍ୟାହାର କରି ଆଣିଲେ ସେହି ଅନୁଷ୍ଠାନରୁ। ବଡ଼ବାପା ବିନୋଦ ଚନ୍ଦ୍ର ମେହେରଙ୍କୁ ସେ ଏ ସମସ୍ତ ସମ୍ବାଦ ଯଥା ସମୟରେ ଜଣାଇଥିଲେ ପତ୍ର ଦ୍ୱାରା। ବଡ଼ବାପା, ବାପାଙ୍କ ଉଦ୍ଦେଶ୍ୟରେ ଲିଖିତ ପତ୍ରରେ ସବୁବେଳେ ଉଲ୍ଲେଖ କରୁଥିଲେ ଯେ ପ୍ରତିବାଦ କରିବା କିମ୍ବା ଅନୁଷ୍ଠାନ ଠାରୁ ନିଜକୁ ବିଚ୍ଛିନ୍ନ ରଖିବା ସମସ୍ୟାର ପ୍ରକୃତ ସମାଧାନ ନୁହେଁ। ସେମାନଙ୍କ ହୃଦୟ ସହିତ ନିଜକୁ ସମ୍ପୂର୍ଣ୍ଣ ଭାବରେ ମିଶାଇ ଦେଇ ଏକାଠି କାମ କରିବାକୁ ପଡ଼ିବ।

ବଡ଼ବାପାଙ୍କ ଆଦର୍ଶ ଅନୁଯାୟୀ କାର୍ଯ୍ୟ କରିବାରେ ବାପା ହେଲେ ଅକ୍ଷମ। ଯେତେବେଳେ ବଡ଼ବାପା ଭୁବନେଶ୍ୱରରେ ଅବସର ଗ୍ରହଣ କରି ୧୯୮୫ ମସିହାରେ ବରପାଲି ଆସିଲେ ସେତେବେଳେ ଏହି କ୍ଲବ ସଭ୍ୟମାନଙ୍କୁ ଘରକୁ ନିମନ୍ତ୍ରଣ କରି ଆପ୍ୟାୟିତ କରିଥିଲେ। କ୍ଲବର ସଭ୍ୟମାନେ ତାଙ୍କୁ ପ୍ରଦର୍ଶନ କରୁଥିଲେ ଯଥେଷ୍ଟ ସମ୍ମାନ। ମାତ୍ର ଯେତେବେଳେ ବାପାଙ୍କ ପରି ସେ ଯାହା ସତ୍ୟ ତାହା ହିଁ ଉଚ୍ଚାରଣ କଲେ- ଅର୍ଥାତ୍ ଏହା ହେଉଛି ଗଙ୍ଗାଧର ସ୍ମୃତି ଭବନ ପରିସର ଓ ଏହାର ଗୋଟିଏ ପ୍ରକୋଷ୍ଠ ମାତ୍ର କ୍ଲବ ସଭ୍ୟମାନଙ୍କୁ ପ୍ରଦତ୍ତ ତେଣୁ, କ୍ଲବ ନାମରେ ସମଗ୍ର ପରିସରଟିକୁ ନ୍ୟୁଟେସନ୍ କରିବା ଆଦୌ ସମୀଚୀନ ନୁହେଁ, ସେତେବେଳେ ବାପାଙ୍କ ପରି କ୍ଲବ ସଭ୍ୟମାନଙ୍କ ଦ୍ୱାରା ସେ ହେଲେ ପ୍ରତ୍ୟାଖ୍ୟାତ। ତାଙ୍କୁ ମଧ ଆଉ କୌଣସି ବୈଠକକୁ ଆମନ୍ତ୍ରଣ କରାଗଲା ନାହିଁ। ବାପାଙ୍କ ଭିତରେ ତ ବନ୍ଧୁ ପୂର୍ବରୁ ଯେଉଁ ବେଦନା ଭରି ରହିଥିଲା ତାହା ମୋ ଆଗରେ ସେ ପ୍ରକାଶ କରିଥିଲେ। ବଡ଼ବାପା ମଧ୍ୟ ଯେତେବେଳେ ସେହି ପରିସ୍ଥିତିର ସମ୍ମୁଖୀନ ହେଲେ ସେତେବେଳେ ମୋରି ଆଗରେ ହିଁ ତାଙ୍କ କୋହକୁ ଛପି ନପାରି ବ୍ୟକ୍ତ କଲେ ହୃଦୟର ଦାରୁଣ ବ୍ୟଥା। ସେତେବେଳେ ମୁଁ ଗଙ୍ଗାଧର ସାହିତ୍ୟ ପରିଷଦ। ଯାହା ଗଙ୍ଗାଧର ଶତ ବାର୍ଷିକୀ ଜୟନ୍ତୀ କମିଟିର ଉତ୍ତରାଧିକାରୀ ଭାବରେ ପ୍ରତିଷ୍ଠିତ ହୋଇଥିଲା ମୋର ପିତାମହ ଭଗବାନ ମେହେର, ବିଶିଷ୍ଟ ସାହିତ୍ୟିକ ରାମ ପ୍ରସାଦ ସିଂହ, ବିଶିଷ୍ଟ ଶିକ୍ଷକ ଓ ସମାଜସେବୀ ଭାଗୀରଥ ପୂଜାରୀ ତଥା ବିଶିଷ୍ଟ ରାଜନିତୀଜ୍ଞ ନିକୁଞ୍ଜ ବିହାରୀ ସିଂହଙ୍କ ଦ୍ୱାରା ତାହାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲି। ବଡ଼ବାପା ଗଙ୍ଗାଧର ସାହିତ୍ୟ ପରିଷଦ ତରଫରୁ କ୍ଲବର ଆଭିମୁଖ୍ୟର ଯଥୋଚିତ ପ୍ରତିବାଦ କରିବା ପାଇଁ ନେଇଥିଲେ ପଦକ୍ଷେପ। ତା'ଦ୍ୱାରା ଉଭୟ ଅନୁଷ୍ଠାନ ମଧ୍ୟରେ ସୃଷ୍ଟି ହେଲା ତିକ୍ତତା। ଗଙ୍ଗାଧର କ୍ଲବରେ କିମ୍ବା ଗଙ୍ଗାଧର ଜୟନ୍ତୀ ଉତ୍ସବରେ କବି ପରିବାର ହୋଇଗଲେ ସମ୍ପୂର୍ଣ୍ଣ ଅଲୋଡ଼ା।

ଯେଉଁ ଶୈଳୀରେ ସେଦିନ ବାପା ପ୍ରତିବାଦ କରିଥିଲେ କିମ୍ବା ପରବର୍ତ୍ତୀ କାଳରେ ବଡ଼ବାପା ନେତୃତ୍ୱ ଗ୍ରହଣ କରି ଯେଉଁ ସବୁ ପଦକ୍ଷେପ ନେଲେ ତାହା ଯେତେ ଯୁକ୍ତି ସଂଗତ ହୋଇଥାଉ ନା କାହିଁକି ଏକ ସୌହାର୍ଦ୍ଧ୍ୟପୂର୍ଣ୍ଣ ପରିବେଶ ନିର୍ମାଣରେ ତାହା ଯେ ନେଇପାରିଲା ନାହିଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା, ଏହା ସ୍ପଷ୍ଟ ଭାବରେ ଅନୁଭବ କଲି ମୁଁ ପରବର୍ତ୍ତୀ ସମୟରେ। କ୍ଲବର ସମସ୍ତ ପୁରାତନ ସଦସ୍ୟ ବଡ଼ବାପା, ବିନୋଦ ଚନ୍ଦ୍ର ମେହେରଙ୍କ ସ୍ନେହ ବନ୍ଧନରେ ପୂର୍ବରୁ ଯେପରି ବାନ୍ଧି ହୋଇଥିଲେ ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କର ସେହି ଆନ୍ତରିକତା ଓ ଆନୁଗତ୍ୟ ସମ୍ପୂର୍ଣ୍ଣ ମଳୀନ ହୋଇ ସାରିଥିଲା। ଏକଥା ଅନୁଭବ କରିବାପାଇଁ ବଡ଼ବାପାଙ୍କୁ ବିଳମ୍ବ ସହ୍ୟ କରିବାକୁ ପଡ଼ିନଥିଲା। ଥରେ ପାରସ୍ପରିକ ସ୍ନେହ ଶ୍ରଦ୍ଧା ପ୍ରତିହତ ହୋଇଗଲେ ତାକୁ ପୁନଃପ୍ରତିଷ୍ଠା କରିବା କେତେ କଷ୍ଟସାଧ ତାହା ହୃଦୟଙ୍ଗମ କରିବା ସେତେବେଳେ କାହାରି ପକ୍ଷରେ ସମ୍ଭବ ହୋଇନଥିଲା।

କ୍ଲବର ସମସ୍ତ ସଭ୍ୟଥିଲେ ମୋର ପିତୃ ପ୍ରତିମ। ଗଙ୍ଗାଧର ସାହିତ୍ୟ ପରିଷଦର ସଭ୍ୟମାନେ ଥିଲେ ମୋର ପିତାମହ କବିପୁତ୍ର ଭଗବାନ ମେହେରଙ୍କ ଓ ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ଘନିଷ୍ଠ ବନ୍ଧୁ। ତେଣୁ ଉଭୟ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କର ସ୍ଥାନ ମୋ ହୃଦୟରେ ଥିଲା ଅତ୍ୟନ୍ତ ସମ୍ମାନନୀୟ। ଗଙ୍ଗାଧରଙ୍କୁ କେନ୍ଦ୍ରକରି ଗଙ୍ଗାଧର ସ୍ମୃତି ଭବନ ପରିସରରେ ଯେଉଁ ନୂତନ ସାହିତ୍ୟିକ ଓ ସାଂସ୍କୃତିକବାତାବରଣ ଗଢ଼ି ତୋଳିବା ପାଇଁ ମୋ ମନରେ ଥିଲା ଅସୁମାରୀ ସ୍ୱପ୍ନ ସେସବୁ ଚୂର୍ଣ ବିଚୂର୍ଣ ହୋଇଗଲା। ଯୌବନ କାଳର ଯେଉଁ ଶକ୍ତି ସାମର୍ଥ୍ୟ ଦେବାପାଇଁ ମୋର ପ୍ରତିଟି ଜୀବକୋଷ ଓ ରକ୍ତକଣିକା ଥିଲେ ନିବେଦିତ, ସେମାନଙ୍କ ଠାରୁ କେହି ନେଇପାରିଲେ ନାହିଁ ସେ ଶକ୍ତିକୁ ଓ ସକାରାତ୍ମକ ଭାବରେ ପ୍ରୟୋଗ କରାଯାଇ ପାରିଲା ନାହିଁ ଏ ଅଧମ ଗଙ୍ଗାଧରଙ୍କ ପଣନାତିର ଶ୍ରଦ୍ଧା, ଆବେଗ, ଏବଂ ଉଚ୍ଛସିତ ପ୍ରାଣଶକ୍ତିକୁ।

ଆଜି ବି କ୍ଲବର ସମସ୍ତ ସଦସ୍ୟ ମୋର ଏକାନ୍ତ ନମସ୍ୟ। ପରିଷଦର ପୁରାତନ ସଦସ୍ୟମାନେ ଆଜି ପରଲୋକରେ। ବାପା ଓ ବଡ଼ବାପା ସ୍ୱର୍ଗାରୋହଣ କରିସାରିଛନ୍ତି। ଏହି ଭିତରେ ଅତିବାହିତ ହୋଇଯାଇଛି ଦୀର୍ଘ ୩୩ ବର୍ଷ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ଗଙ୍ଗାଧର ସ୍ମୃତି ଭବନ ପରିସର ଯାହା ବରପାଲିର ସାଂସ୍କୃତିକ କେନ୍ଦ୍ରସ୍ଥଳ ଭାବରେ ସାରା ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିପାରିଥାନ୍ତା ତାହା ଅବହେଳିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ଛାତିରେ ତାର ଅଜସ୍ର ଯନ୍ତ୍ରଣା ଓ ଦୀର୍ଘ ନିଶ୍ୱାସ ନେଇ। ସବୁ ତିକ୍ତତାକୁ ବିସ୍ମରି ଯାଇ ସମସ୍ତ ପ୍ରକାରର ଭେଦଭାବକୁ ସମ୍ପୂର୍ଣ୍ଣ ଭୁଲିଯାଇ ଗଙ୍ଗାଧରଙ୍କ ଆଦର୍ଶ ଅନୁଯାୟୀ ଯଦି ଏ ମହାନ ଅନୁଷ୍ଠାନଟି ଦିନେ ଆକର୍ଷଣୀୟ ରୂପ ନେଇପାରିବ ତାହେଲେ ତାହାହିଁ ହେବ ଗଙ୍ଗାଧରଙ୍କ ପ୍ରତି ତଥା ସ୍ୱର୍ଗତ ସବୁ ଅତୃପ୍ତ ଆତ୍ମାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ନିବେଦନ। ଏ ସମ୍ପର୍କରେ ଆଉ କାହାକୁ କିଛି କହିବା ପାଇଁ ମୁଁ ପ୍ରେରଣା ଲାଭ କରେନାହିଁ। କ୍ଲବ ହେଉ, ପରିଷଦ ହେଉ, ଗଙ୍ଗାଧର କଳା ପରିଷଦ ହେଉ ସବୁ ଅନୁଷ୍ଠାନର ସବୁ ସଭ୍ୟ କବିପରିବାରର ଏ ଅଧମ ଉତ୍ତରାଧିକାରୀର ଏକାନ୍ତ ପ୍ରଣମ୍ୟ।



କବିପୌତ୍ର କିଶୋର ଚନ୍ଦ୍ର ମେହେର
ଆବିର୍ଭାବ :ତା ୧୪. ୦୩. ୧୯୩୧
ତିରୋଭାବ :ତା ୧୨. ୦୧. ୨୦୦୫

ତେବେ ଯାହାବି ହେଉ ଗଙ୍ଗାଧର ସ୍ମୃତି ଭବନକୁ କେନ୍ଦ୍ରକରି ବାପାଙ୍କ ହୃଦୟ ଥିଲା ଯେପରି ବେଦନାର୍ତ୍ତ, ତାହା ମୋ ହୃଦୟରେ ଭରି ଦେଇଛି ଅଶେଷ ଯନ୍ତ୍ରଣା ଓ ଆଟ୍?ରେ ଭରିଦେଇଛି ଅଜସ୍ର ଅଶ୍ରୁଧାରା। ଏହି ଅଶ୍ରୁର ଉଷ୍ମତାକୁ କିଏ ବା କାହିଁକି ଅନୁଭବ କରିବ ? ବାପା ଝୁଲିଗଲେ, ବଡ଼ବାପାମାନେ ଝୁଲିଗଲେ। ଆଜି ଆମ ପରିବାରର ମହେନ୍ଦ୍ର ଦାଦା, ସେହି କ୍ଲବର ସଦସ୍ୟ ହୋଇ ରହିଛନ୍ତି। ମୁଁ ଆନୁଷ୍ଠାନିକ ଭାବରେ ସଦସ୍ୟ ହୋଇନଥିଲେ ମଧ ଗଙ୍ଗାଧରଙ୍କ ନାମରେ ନାମିତ ସବୁ ଅନୁଷ୍ଠାନର ସଦସ୍ୟ ବୋଲି ନିଜକୁ ମନେ କରିଆସିଛି। କୌଣସି ଅଧିକାର ସାବ୍ୟସ୍ତ କରିବା ପାଇଁ ନୁହେଁ ବରଂ ମୋ ଦ୍ୱାରା ଯଦି ସମ୍ଭବ ସୃଜନଶୀଳ କାର୍ଯ୍ୟ ତାହା ବଞ୍ଚିବା ଅବସ୍ଥାରେ ପାଖରେ ଥାଏ ବା ଦୂରରେ ଥାଏ, ନିର୍ବାହ କରିବା ପାଇଁ ରହିଛି।

ସ୍ୱଭାବ କବି ଗଙ୍ଗାଧର ମେହେର ପଦ୍ମପୁରରୁ ଅବସର ନେଇ ଯେତେବେଳେ ବରପାଲି ଫେରିଆସିଥିଲେ ତାଙ୍କୁ କମ୍ ଯାତନା ସହ୍ୟ କରିବାକୁ ପଡ଼ିନଥିଲା। କବି ପରିବାର ଅଲୋଡ଼ା ହୋଇ ଅସମ୍ମାନିତ ହୋଇ ରହିଲେ ତାହା ବରପାଲିର ସମ୍ମାନକୁ ବୃଦ୍ଧି କରିବ କି ? ଈଶ୍ୱର କରନ୍ତୁ ଯେଉଁ ବେଦନା ବାପାଙ୍କ ପାଇଁ ଥିଲା ଅନ୍ତର୍ଦାହି ତା' ଉପରେ ଶାନ୍ତବାରୀ ସିଞ୍ଚିତ ହେଉ ସମ୍ମିଳିତ ଆନ୍ତରିକ ଉଦ୍ୟମ ବଳରେ।

## ଆମ ଜିଲ୍ଲା (ବାଲେଶ୍ୱର) ଏବଂ ମଦ ନିଶା ଟଙ୍କାର ଏପଟ ସେପଟ



### ସୁବ୍ରତ କର

ଆମ ଜିଲ୍ଲା ମଦ ହେଉ ବା ମଦ କାରବାରକୁ ଛାଡ଼ି ପାରିବ ନାହିଁ। ସରକାରୀ ଅଫିସର ମାନେ ଯେମିତି ଭ୍ରଷ୍ଟାଚାରକୁ ଛାଡ଼ି ପାରିବେ ନାହିଁ ସେହିପରି ଆମେ ନିଶାକୁ। ଖାଲି ମଦ ନିଶା ନୁହଁ ତାହା ସାଙ୍ଗକୁ ଧଳା ଜହର (ବ୍ରାଉନ ସୁଗାର) ମଧ। ବୁଦ୍ଧିଜୀବୀ ମାନେ କହୁଛନ୍ତି ବାଲେଶ୍ୱର କେବେହେଲେ ରାଜା ରାଜୁଆଡ଼ର ଜିଲ୍ଲା ନଥିଲା କିମ୍ବା ମୟୂରଭଞ୍ଜ, କେନ୍ଦୁଝର ଭଳି ଆଦିବାସୀ ବହୁଳ ଅଞ୍ଚଳ ନୁହଁ କେବେ ବାଲେଶ୍ୱର କାହିଁକି ଏସବୁ କାରବାରରେ ହବ ହୋଇଗଲା କେମିତି ? ସମସ୍ତଙ୍କୁ ଜଣା ସହର ଭିତରେ ପୁରୁଣା ବାଲେଶ୍ୱର ଏବଂ ସହର ଉପକଣ୍ଠରେ ଫୁଲାଡ଼ି, ମନ୍ଦାରପୁର, ନୀଳଗିରି, କଲମାଠୁ ଆରମ୍ଭ କରି ଭୋଗରାଇ ପର୍ଯ୍ୟନ୍ତ ଏହି କାରବାରରେ ସବୁବେଳେ ଚଳଚଞ୍ଚଳ। ଖାତିର ନାହିଁ ପୁଲିସ ବାବୁଙ୍କୁ ବା ଅବକାରୀ ବିଭାଗର ବାବୁମାନଙ୍କୁ। ଦୋଷ ସଦାବେଳେ ନିଶାଡ଼ିମାନଙ୍କୁ ଦେଲେ ଚଳିବ ନାହିଁ ଏହାପାଇଁ ସରକାର, ଜିଲ୍ଲା ପ୍ରଶାସନ, ମଦ ପ୍ରସ୍ତୁତକାରୀ ଦଳ ଏବଂ ସେମାନଙ୍କୁ ସାହାଯ୍ୟ କରୁଥିବା ଲୋକମାନେ ଦାୟୀ। ଏହି ବ୍ୟବସାୟ କମ ପରିଶ୍ରମରେ ଏବଂ ସହଜରେ ପ୍ରଚୁର ରୋଜଗାର ଦେଇଥାଏ ଏବଂ ଯେଉଁ ପରିମାଣରେ ଟଙ୍କା ରୋଜଗାର କରନ୍ତି ତାହା ୭ ଦିନିଆ ଦେହକୁ ଖାତର କରି ନଥାଏ। ପୁଣି ଜେଲରେ ୭ ଦିନ ରହିବା ପରେ ବେଲରେ ଆସି ପୁଣି କାରବାରରେ ଲାଗି ଯାଆନ୍ତି। ଜେଲ ଫେରନ୍ତା ଦାଗୀକୁ ପୁଣି ଆଉଥରେ ଜେଲ ଯିବାରେ କିଛି ଫରକ୍ ପଡ଼େ ନାହିଁ। ବେଶ କିଛି ଲୋକେ ମନେ କରନ୍ତି ସରକାରୀ ଚାକିରୀଠୁ ଏହି ଧନ୍ଦା ଭଲ, କାରଣ ଅଳ୍ପ ଦିନରେ ଭଲ ଟଙ୍କା ରୋଜଗାର କରି ହୁଏ। ଏହି କାରବାରରେ ଲିପ୍ତ ଥିବା ଲୋକମାନେ ଅତି ପ୍ରତି ପଦକ୍ଷେପ ପାଇଁ ସଜାଗ ରହି ଥାଆନ୍ତି ଏବଂ ଏହି ବ୍ୟବସାୟ ଅଭିଜ୍ଞତା ଥିବା ଲୋକମାନଙ୍କ ଦ୍ୱାରା ପରିଚାଳିତ। ପାଞ୍ଚଥର ସଫଳ ହୋଇ ଥରେ ଅସଫଳ ହେଲେ କିଛି ଯାଏ ଆସେ ନାହିଁ। ଅସଫଳ ମଧ୍ୟ ଖୁବ୍ କମ୍ ହୁଏ କାରଣ ଏହାକୁ ସଫଳ କରିବା ପାଇଁ ସରକାରୀ, ବେସରକାରୀ ଲୋକମାନେ ଭଲ ଭାବରେ ଜଡ଼ିତ ରହିଛନ୍ତି। ସମସ୍ତେ ଟଙ୍କା ପାଖରେ ନିଜକୁ ବିକ୍ରିକରି ଦେଇ ଥାଆନ୍ତି। ଏହି ବ୍ୟବସାୟ ସାଧାରଣ ଲୋକଙ୍କୁ ବିଶେଷ ଭାବରେ କ୍ଷତିଗ୍ରସ୍ତ କରାଇ ନଥାଏ ସେଇଥିପାଇଁ ସାଧାରଣ ଲୋକେ ବିଶେଷ ମୁଣ୍ଡ ଖେଳାନ୍ତି ନାହିଁ। କିନ୍ତୁ ଏଇଟା ଠିକ୍ କଥା ନୁହଁ କାରଣ ଅବକାରୀ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ୧,୯୩,୪୮୯ ଲିଟର ଦେଶୀମଦ ଜବତ୍ ହୋଇଥିଲାବେଳେ ୬୭୩୮୮୦ ଲିଟର ପୋଚକୁ ନଷ୍ଟ କରାହୋଇଥିଲା। ଏହି କାରବାରରେ ଜିଲ୍ଲାରୁ ୨୯୫୪ ଜଣଙ୍କୁ ଗିରଫ କରାହୋଇଥିଲା ଏବଂ ପ୍ରାୟ ୩୩୯୧ଟି ମାମଲା ରୁଜୁ କରାହୋଇଥିଲା। ମାତ୍ର ଏହା ସମୁଦ୍ରକୁ ଶଙ୍ଖେ। ଏହି ବ୍ୟବସାୟ ସଫଳ କରିବା ପାଇଁ ପ୍ରାୟ ଜିଲ୍ଲାର ୭୦୦୦ ଅଧିକ ଯୁବକ (ଶିକ୍ଷିତ) ବୁଦ୍ଧି ଖଟାଇ କାର୍ଯ୍ୟରତ। କେବଳ ଦେଶୀ ମଦ ନୁହଁ, ବିଦେଶୀ ମଦ, ନକଲି ବିଦେଶୀ ମଦ, ଗଞ୍ଜେଇ ଏବଂ ବ୍ରାଉନ ସୁଗାର ଜିଲ୍ଲାର ଯୁବଗୋଷ୍ଠୀକୁ ପାଇଁ ଏହା ଏକ ଆୟର ପନ୍ଥାରୂପେ ଛିଡ଼ା ହୋଇଛି। ଏହାକୁ ବନ୍ଦ କରିହେବ ନାହିଁ କିନ୍ତୁ ସମସ୍ତେ ଚାହିଁଲେ କମେଇ ହେବ ଏବଂ ତାହା ସରକାରଙ୍କ ତରଫରୁ ଯୁବଗୋଷ୍ଠୀଙ୍କୁ ଥଇଥାନ କରିବା, ଯୁବ ପିଢ଼ିଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏହି ସଚେତନତା ସ୍କୁଲରେ ପଢୁଥିବା (ନବମ ଏବଂ ଦଶମ) ପିଲାଙ୍କଠୁ ଆରମ୍ଭ କରିପାରିଲେ ଭଲ ହୁଅନ୍ତା।

> ସରକାରୀ ଅଫିସର ମାନେ ଯେମିତି ଭ୍ରଷ୍ଟାଚାରକୁ ଛାଡ଼ି ପାରିବେ ନାହିଁ ସେହିପରି ଆମେ ନିଶାକୁ। ଖାଲି ମଦ ନିଶା ନୁହଁ ତାହା ସାଙ୍ଗକୁ ଧଳା ଜହର (ବ୍ରାଉନ ସୁଗାର) ମଧ। ବୁଦ୍ଧିଜୀବୀ ମାନେ କରୁଛନ୍ତି ବାଲେଶ୍ୱର କେବେହେଲେ ରାଜା ରାଜୁଆଡ଼ର ଜିଲ୍ଲା ନଥିଲା କିମ୍ବା ମୟୂରଭଞ୍ଜ, କେନ୍ଦୁଝର ଭଳି ଆଦିବାସୀ ବହୁଳ ଅଞ୍ଚଳ ନୁହଁ କେବେ ବାଲେଶ୍ୱର କାହିଁକି ଏସବୁ କାରବାରରେ ହବ ହୋଇଗଲା




## ଜମା ଦେଖିବିନି

### ଦୀପକ କୁମାର ନାୟକ



ଡର ଲାଗେ ବନ୍ଧୁ ଟିଭି ଦେଖିବାକୁ
ଟିଭି ଖୋଲିବାକୁ ଇଛା ନାହିଁ
ଧର୍ଷଣ ଦୁର୍ନୀତି ଚୋରି ଡକାୟତି
ନୀତି ପରିବେଷଣର ଖବର ଏହି ।।

ପ୍ରତିଦିନ ଚୋରି ଡକାୟତି ହୁଏ
ପ୍ରତି ମୂହୁର୍ତ୍ତରେ ନାରୀ ଧର୍ଷଣ
ତଳଠୁ ଉପର କରନ୍ତି ଦୁର୍ନୀତି
ପୁଣି ଗରିବଙ୍କୁ ଶୋଷଣ ।।

ଦେଖିବି କାହିଁକି ଟିଭି ଏଠି ମୁହିଁ
ଭଲ ଖବର ତ ନାହିଁ ମୋଟେ
ଏମିତି ଖବର ଦେଖିବା ଅପେକ୍ଷା
ବସି କବିତା ଲେଖିବି ଗୋଟେ
ଗୋଟେ ।।

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## କହି ଦିଅ ନାଥ, କହି ଦିଅ ହେ...

### ଅଜିତ କୁମାର ରାଉତ

କର୍ମ ପଥେ ରହି, କର୍ମ କରି କରି
ସୁଖ କେଉଁ କେବେ, ଜାଣିଲି ନାହିଁ ?
ଚାହୁଁ ଚାହୁଁ ମୋର, ସତୁରୀ ବରଷ,
ମନୁଷ୍ୟ କର୍ତ୍ତବ୍ୟ, କରୁଛି ମୁହିଁ,
ସତ୍ୟ ଛାଡ଼ି ନାହିଁ ଦିନେ,
ମନ ପ୍ରାଣ ଦେଇ,କର୍ମର ପାଳନ
ରାଷ୍ଟ୍ର ହୀତ ରଖି ଧ୍ୟାନେ
ତଥାପି କାହିଁକି ?
କହି ଦିଅ ନାଥ,କହି ଦିଅ
ହେ..............
ଥାଏ କଥା କିଛି ମନେ ?

କାହିଁ ପାଇଁ ମୁହିଁ କଷ୍ଟ ଭୋଗୁ ଅଛି,
ଚିନ୍ତାରେ ରହିଛି, ମୁଁ ଚିରଦିନ,
କପାଳେ ନାହିଁକି,ଆନନ୍ଦ ହରଷ,
ଅଭାଗା ମୁହିଁ,ଅତି ପ୍ରଭୁ ହୀନ,
ସତ୍ୟ ମାର୍ଗେ ଅଛି ନିତି,
କରି ନାହିଁ ଦିନେ, ଅନିଷ୍ଟ କାହାରି
କିମ୍ପା ଏ, ହେଲା ଦୁର୍ଗତି ?
ବ୍ରହ୍ମାଣ୍ଡର ପତି,
କହି ଦିଅ ନାଥ,କହି ଦିଅ
ହେ............
କଷ୍ଟ ଭୋଗୁ ଅଛି ନିତି !

ଭାଗ୍ୟ ରେଖା ପ୍ରଭୁ, କରି ଦିଅ ଦୂର,
ଅନୁଗ୍ରହ କର, ଚକାନୟନ
ଜୀଇଁବାରେ ମିଳୁ, ତିଳେ ମାତ୍ର ସୁଖ
ହସ୍ତରେ ତୁମ୍ଭରି, ଜୀବ ଜୀବନ
ଶାସ୍ତ୍ରେ,ବର୍ଣ୍ଣିତ ସୁକର୍ମ
ପାଳୁ ଅଛି ମୁହିଁ ଜୀବନ ଯାତ୍ରାରେ
ମନୁଷ୍ୟ କର୍ତ୍ତବ୍ୟ କର୍ମ,
ତଥାପି ଦୁଃଖିତ ?
କହି ଦିଅ ନାଥ,କହି ଦିଅ
ହେ...........
ବିଚାର କର ଅନନ୍ତ
କରିବ ଆମୋଦିତ !

ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ
ରାଜ୍ୟ !

## ସମ୍ପର୍କ

### ମମତାମୟୀ ଭୋଇ

ସମ୍ପର୍କ ଶବ୍ଦଟି ଭାରୀ ମଧୁର ଗୋ
ବାନ୍ଧି ଦିଏ ସେ ସଭିଙ୍କୁ
ଅନେକ ମହତ ଗୁଣକୁ ଧରି ସେ
ବଢିଥାଏ ସଦା ଆଗକୁ।
ଭକ୍ତ ଭଗବାନ ସମ୍ପର୍କ ମଧୁର
ଭକ୍ତଟିଏ ବୁଝିଥାଏ
ପଙ୍କଜ ତପନ ସମ୍ପର୍କ ମଧୁର
ସୃଷ୍ଟିର ବିଧାନ ଇଏ।
ମାଆ ସନ୍ତାନର ସମ୍ପର୍କ ଅତୁଟ
ମାଆ ହିଁ ତ ବୁଝିଥାଏ
ସୁମନ ଭଅଁର ସମ୍ପର୍କ ମଧୁର
ତା ମଧୁ ଶୁଙ୍ଘେ ସେ ପିଏ।
କଳା ବାଦଲକୁ ଦେଖି
ଦେଲେ କେକୀ
ଗ୍ରୀବା ଟେକି ନାଚୁଥାଏ
ବସନ୍ତ ଋତୁର ମଳୟ ପବନେ
କୋଇଲି କୁହୁଯେ ଗାଏ।
ସନ୍ଧ୍ୟା ଆଗମନେ ଶଶାଙ୍କୁ ଦେଖି
ସରସୀରେ କଇଁ ହସେ
ଭାଇ ଭଉଣୀର ସମ୍ପର୍କ ମଧୁର
ରାକ୍ଷୀ ହସ୍ତେ ବାନ୍ଧି ବସେ।
ଆତ୍ମା ପରମାତ୍ମା ସମ୍ପର୍କ ମଧୁର
ଜ୍ଞାନୀଟିଏ ବୁଝିଥାଏ
ଜୀବ ପରମର ସମ୍ପର୍କ ମଧୁର
ଭକ୍ତ ଭକ୍ତି ଭାବେ ମଜ୍ଜି ପାଏ।
ମାଟି ମଞ୍ଜିରତ ସମ୍ପର୍କ ମଧୁର
ଧରା ଫଳ ଫୁଲେ ହସୁଥାଏ
ସମ୍ପର୍କର କଥା କହିଲେ ସରେନା
ସଂସାରେ ବିଚିତ୍ର ଇଏ।

+ଶିକ୍ଷୟିତ୍ରୀ, ବଡସାହି ବ୍ଲକ,
ବାରିପଦା, ମୟୂରଭଞ୍ଜ



# ମଣିଷ ଦେବତା

ସତ୍ୟନାରାୟଣ ପ୍ରଧାନ

ସେଦିନ ଝିଅଟିର ଘରକୁ ଯିବା ଲାଗି ଏକମାତ୍ର ଜଙ୍ଗଲିଆ ରାସ୍ତା ଉପଲବ୍ଧ ଥିବାରୁ ଅଫିସ୍ କାର୍ଯ୍ୟ ସାରି ରାତିରେ ବିଳମ୍ବ ହେଉ ପଛେ ଫେରୁଥିବା ସମୟରେ ଅଚାନକ ଚଳାଉ ଥିବା ସ୍କୁଟି ଖରାପ ହୋଇ ଯାଇଥିଲା । ଜଙ୍ଗଲିଆ ଜାଗା ହୋଇ ଥିବାରୁ ମୋବାଇଲର ଟାୱାର ଖୁଣ୍ଟି ପ୍ରଥମରୁ କୁଆଡେ ଉଭାନ ହୋଇ ଯାଇଥିଲା । ଲୋକମାନଙ୍କର ଯିବା ଆସିବା ଆଗ ପରି ବନ୍ଦ ହୋଇ ଯାଇଥିଲା। ପଛକୁ ଫେରିବାର କୌଣସି ସୁବିଧା ନଥିବାରୁ ମନରେ କେତେ ଭାବନା ପବନ ସୁଅରେ ତା ପାଖକୁ କ୍ଷଣିକ ମଧରେ ଧାଇଁ ଆସୁଥିଲା ।

ଜୀବନ ବିକଳରେ ଆଗକୁ ବଢ଼ିବାରେ ଲାଗି ପଡ଼ି ଆଖ ପାଖ ଅଞ୍ଚଳ ଖୋଜିବା ପାଇଁ ତା ଆଖି ଯୋଡ଼ାକ ଲାଗି ଯାଇଥିଲେ । କିଛି ବାଟ ଆଗକୁ ଆସିବା ପରେ କେଉଁଠି ଥିଲା କେଜାଣି ଆକାଶରେ କଳା ହାଣ୍ଡିଆ ମେଘ ଅନ୍ଧାର କରି ଘୋଟି ଯାଇଥିଲା । ଗାଡି ଖରାପ ହେବା ସାଙ୍ଗକୁ ସତେ ଯେପରି ପ୍ରକୃତି ତା ସହିତ କେଉଁ କାରଣ ପାଇଁ ପ୍ରତିଶୋଧ ପରାୟଣ ହୋଇ ଉଠିଛି ତାର କାରଣ ବୁଝିବାକୁ ଟିକିଏ ଧୈର୍ଯ୍ୟ ସିଏ ବା କିପରି ଯୋଗାଡ କରି ପାରିବ ।

ରାସ୍ତାରେ ଯାଉଥିବା ସମୟରେ ତା ଆଖି ଆଗରେ ଗୋଟେ ନୁଆଁଣିଆ ଚାଳ ଛପର ଘର ନଜର ପଡିଗଲା । ଭାସି ଯାଉଥିବା ଲୋକର କୁଟା ଖିଅ ଆଶ୍ରା କଲା ପରି ସେ ଘର ନିକଟରେ ପହଞ୍ଚି କବାଟ ଠକ୍ ଠକ୍ ଶବ୍ଦରେ କେହି ଯେତେ ଶୀଘ୍ର ସମ୍ଭବ ଖୋଲନ୍ତୁ ମନରେ ବ୍ୟାକୁଳ ହୋଇ ଉଠୁଥିଲା। ତତକ୍ଷଣାତ୍ ଯୁବକ ଜଣଙ୍କ କବାଟ ଖୋଲି ଚାହିଁ ରହିଥିଲା । ଏତେ ରାତିରେ ପୁଣି ଗୋଟେ ଯୁବକ ଘର ଭିତରକୁ ପ୍ରବେଶ କରିବା ପାଇଁ ସେ ନିଜକୁ ଆସଂଜତ ମନେ କରି ଚୁପ୍ ହୋଇ ଠିଆ ହୋଇଥିଲା। ମାନବିକତା ଦୃଷ୍ଟିରୁ ଘର ଭିତରକୁ ନିଜ ଆଡୁ ଆସିବା ଲାଗି ହସି ଦେଇ କହିବାକୁ ଯୁବକ ଜଣଙ୍କ ମୋଟେ ପଛାଇ ନ ଥିଲା ।

ମନର ଭୟକୁ ଛାତି ତଳେ ଜାବୁଡ଼ି ଧରି ଘର ଭିତରକୁ ପ୍ରବେଶ କଲା ପରେ ସ୍ୱାଭାବିକ ହେବାକୁ ଚେଷ୍ଟା କରୁଥିଲା । ଯୁବକ ଜଣଙ୍କ ନିଜ ପରିଚୟ ପ୍ରଦାନ କରି କିଛି ବ୍ୟସ୍ତ ହେବା ଦରକାର ନାହିଁ ଜଣାଇ ବସିବାକୁ କହିଥିଲା । ଘର କହିଲେ ଗୋଟେ ଭଙ୍ଗା ଖଟ ସାଙ୍ଗକୁ ତେଲ ଲୁଣ କଂସା ବାସନ କିରୋସିନ କଣ୍ଢା ଉପରେ କାଠ ପଟା ରଖି ଥୁଆ ଯାଇଥିଲା । ଦୁହିଁଙ୍କ ଭିତରେ ଥିବା ଅନ୍ଧାରକୁ ଦୂର କରି ବିଜୁଳି ବଲ୍ ଟା ଆଲୋକ ପ୍ରଦାନ କରୁଥିଲା । ଯୁବକ ଜଣଙ୍କ ବସିବାକୁ କହି ରାତ୍ରି ଭୋଜନ ଲାଗି ରୋଷେଇ କାର୍ଯ୍ୟରେ ଲାଗି ପଡ଼ିଥିଲା । ଗୋଟେ ନାରୀ ହିସାବରେ ସାହାଯ୍ୟ କରିବାକୁ ଆଗେଇ ଆସିବାରୁ ଯୁବକ ଜଣଙ୍କ ମନା କରି ବିଶ୍ରାମ ନେବାକୁ ରାଣ ପକାଇ ଦେଇଥିଲା । ଯୁବତୀ ଜଣଙ୍କ ମଧ ନିଜ ଅସୁବିଧା ବିଷୟରେ ଗୋଟି ଗୋଟି କରି ଖୋଲି କହିଥିଲା ।

ରାତିରେ ଖିଆ ପିଆ ସରିବା ପରେ ଭଙ୍ଗା ଖଟରେ ହେଉ ପଛେ ଆସିଥିବା ଅତିଥିଙ୍କୁ ଶୋଇବାକୁ ଦେଇ ନିଜେ ତଳେ ବିଶ୍ରାମ ନେବାକୁ ଉଚିତ୍ ମନେ କରିଥିଲା । ରାତିରେ ପଶୁ ପକ୍ଷୀ ମାନଙ୍କର ଶବ୍ଦ ଆଗରୁ କେବେ ଶୁଣି ନ ଥିବାରୁ ଝିଅଟିର ଶୋଇବାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଯୁବକ ଜଣଙ୍କ ଅନୁମାନ କରିଥିଲା । ସେଥିଲାଗି ଶୋଇବା ପାଇଁ କମ୍ବଳଟିଏ ଘୋଡାଇ ଦେଇଥିଲା । ଯୁବତୀ ଜଣଙ୍କ ଆଖିରେ ନିଦ ଆସୁ ନ ଥିବାରୁ ଖାଲି ତାର ମୁହଁକୁ ବାରମ୍ବାର ଚାହିଁ ରହିବାକୁ ବାଛି ନେଇଥିଲା । ଲାଇନ କଟି ଯିବାରୁ କିଛି ସମୟ ପରେ ଚାରିଆଡ ଅନ୍ଧାର ହୋଇ ଯାଇଥିଲା ।

ପୁଣି ତା ମନରେ ସମାଜରେ ପୁରୁଷ ମାନେ ନାରୀଙ୍କୁ ଏକା ଦେଖି ସରଳତାର ସୁଯୋଗ ନେଇ କିଛି ଅଘଟଣ ଘଟାଇବା ଆଶଙ୍କା କରି କେତେ କଥା ଭାବି ନେଇଥିଲା । ସେ ଯାହା ଚିନ୍ତା କରିଥିଲା ସେପରି କିଛି ଘଟି ନ ଥିଲା । ପୂର୍ବ ଭଳି ଆଲୋକ ଆସି ପରିବେଶକୁ ସ୍ୱାଭାବିକ କରି ଦେଇଥିଲା । ଝିଅଟି ମନରୁ ହସି ଦୃଷ୍ଟି ଆକର୍ଷଣ କେବଳ ଯୁବକ ଉପରେ ନିକ୍ଷେପ କରିଥିଲା । ବଢିଲା ବୟସରେ ଇନ୍ଦ୍ରଧନୁର ରଙ୍ଗ ଦେହରେ ବୋଳି ହେବାରୁ ଭଲ ପାଇବା ବିଷୟରେ ଭାବିବା ଭିତରେ ଆଖିକୁ ତାର ନିଦ ହୋଇ ଯାଇଥିଲା ।

ରାତି ପାହି ସକାଳ ହେବାରୁ ପକ୍ଷୀ ମାନଙ୍କର କାକଳି ମୁଖରିତ ହେବା ଶୁଣି ଝିଅଟିର ନିଦ ଭାଙ୍ଗି ଯାଇଥିଲା । ସେ ସମୟରେ ଯୁବକର କୌଣସି ଦେଖା ଦର୍ଶନ ନ ଥିଲା । ସେଠାରେ ନ ଥିବା ଦେଖି ମନ ତାର ବିଷାଦରେ ଭରି ଯାଇ ଖାଲି ଆସିବାକୁ ଅପେକ୍ଷା କରିଥିଲା । ଯୁବକର କହିବା ଅନୁଯାୟୀ ପାଖ ଦୋକାନରୁ ଗାଡି ମରାମତି କରିଥିବା ମିସ୍ତ୍ରୀ ସଜାଡି ଦେଇ ଚାଲି ଯାଇଥିଲା । ସେ ବାଟ ଘାଟ ପରିବେଶରେ ଯିବା ଆସିବା କରୁଥିବା ଲୋକ କେହି କିଛି କହିବା ଆଗରୁ ଝିଅଟି ସେଠାରୁ ଚାଲି ଯିବାକୁ ନିଷ୍ପତ୍ତି ନେଇ ତରବର ହୋଇ ବାହାରି ଯାଉଥିବା ବେଳେ ଯୁବକ ହାତକୁ ଶହେ ଟଙ୍କା ବଢାଇ ଦେଇଥିଲା ।

ସେ ନେବାକୁ ପାପ ବୋଲି ମନେ କରି ଯଦି କିଛି ରହିବାରେ ଅସୁବିଧା ହୋଇଥାଏ କ୍ଷମା କରିଦେବ ମୁଣ୍ଡ ତଳକୁ କରି କହିଥିଲା । ତାଙ୍କର ସେ ପଦେ କଥାରେ ମଣିଷ ରୂପରେ ଠିଆ ହୋଇଥିବା ଯୁବକକୁ ଦେବତା ଭାବି ପାଦ ଧୂଳି ନେବାକୁ ପ୍ରସ୍ତୁତ ହେଉଥିଲା ବେଳେ ସେଥିରୁ ନିବୃତ୍ତ କରାଇ ସେ ମଜାରେ ପାଗେଳି ବୋଲି କହି ହସି ବିଦାୟ ଦେବା ସହ ଘର କବାଟ ବନ୍ଦ କରି ଜଙ୍ଗଲ ଆଡ଼କୁ କାନ୍ଧରେ ଟାଙ୍ଗିଆ ପକାଇ ବାହାରି ଯାଇଥିଲା ।


+ଅଣ୍ଡିଆ, ଜେନାପୁର
ଯାଜପୁର-୭୫୫୦୨୩
ମୋ:୯୧୭୮୩୧୩୬୪୪


# ଡାଏରୀ

ହେମନ୍ତ ସାହୁ

କୁହୁଡ଼ିଆ ପାଗ ସାଥିରେ ଝିପିର୍ ଝିପିର୍ ବର୍ଷା ଚାଲୁଥାଏ । ଜଙ୍ଗଲ ପୂର୍ଣ୍ଣ ରାସ୍ତା ଦେଇ ମୁଁ ବାପାଙ୍କୁ ଆଣିବା ପାଇଁ ଯାଉଥାଏ । କେମିତି କେଜାଣେ ମନ ହେଲା ଦୁଇ ମିନିଟ୍ ଏହି ଜଙ୍ଗଲ ପୂର୍ଣ୍ଣ ରାସ୍ତାରେ କିଛି ସମୟ ବିତାଇବାକୁ, ଝିପିର୍ ଝିପିର୍ ବର୍ଷାରେ ମଟର ସାଇକେଲ ବନ୍ଦ କଲି । ସାମ୍ନାରେ ଦେଖିଲି କେତେ ଗୁଡିଏ ରେଙ୍ଗାଲ ଗଛ ରହିଛି। ଆଜିକାଲି ରେଙ୍ଗାଲ୍ ଗଛ ଦେଖିବାକୁ ମିଳୁନାହିଁ । ମନ ହେଲା ଗଛଟିର ଫୋଟୋ ଉଠାଇବାର, ପାଖକୁ ଗଲି ଗଛ ତଳେ ଗୋଟିଏ ଡାଏରୀ ପଡିଥିବାର ଦେଖିଲି..। ଡାଏରୀ ଉପରେ ଲେଖା ଯାଇଥାଏ "ଭୁଲ୍ ଓ ଠିକ୍ ରାସ୍ତା ସହିତ ମୋ ସମ୍ପର୍କ"।

ଡାଏରୀ ଖୋଲିଲି.....

"ମୁଁ ଚନ୍ଦୁ ବେନିଆ। ବୟସ ପ୍ରାୟ ପଚିଶି। ବାପା ହେଲେ ଅଲେଖ ବେନିଆ। ତାଙ୍କ ବୟସ ହେବ ପାଖା ପାଖି ପଞ୍ଚାବନ। ସେ ଥିଲେ ଜଣେ ସାଧାରଣ ଶ୍ରମିକ। ଜଙ୍ଗଲ ଅଞ୍ଚଳର ସମସ୍ତ ସେତୁବନ୍ଧ, ରାସ୍ତା କାମରେ ଲେବର୍ କାମ କରନ୍ତି। ଆମେ ସାଧାରଣ ପରିବାରରେ ବାସ କରୁ, ନା ଲୋଭ ନା କିଛି ବଡ଼ ଆଶା। ମୁଁ ବି .ଏ. ପଢ଼ିସାରିଲାପରେ ବେକାରୀ ହୋଇ ଘରେ ବସିଛି। ବାପା ବହୁତ କଷ୍ଟକରି ପରିବାର ଚଳାନ୍ତି। ବାପା ପ୍ରତ୍ୟେକ ଦିନ କାମ ପାଇଁ ଦୂରର ଜଙ୍ଗଲକୁ ଯାଆନ୍ତି । ପ୍ରାୟ ସକାଳ ଆଠଟାରେ ବାପା କାମ କରିବା ପାଇଁ ଯାଇଛନ୍ତି । ରାତି ନଅଟା ହେଲାଣି ବାପା ଫେରିନାହାନ୍ତି.. । ମୋର ଚିନ୍ତା ହେଉଥାଏ ବାପା କାହିଁକି ଏତେ ବେଳ ହେଲାଣି ଆଜି ଆସି ନାହାନ୍ତି...?

ସକାଳ ପାଞ୍ଚଟା ହେଲାଣି ଏବେ ପର୍ଯ୍ୟନ୍ତ ବାପା ଫେରିନାହାନ୍ତି। ତେଣୁ ମୁଁ ବାପାଙ୍କୁ ଖୋଜିବା ପାଇଁ ତାଙ୍କ କାମ ହେଉଥିବା ଜାଗାକୁ ଗଲି, ଦେଖିଲି ଜାଗାରେ କେହି ନାହାନ୍ତି । ଖୋଜି ଖୋଜି ରାତି ହେଲାଣି କିନ୍ତୁ ବାପାଙ୍କର କିଛି ଦେଖା ନାହିଁ । ଘରକୁ ଫେରିଲି। ବାପା କୁଆଡ଼େ ଗଲେ? କାହିଁକି ଫେରିନାହାନ୍ତି? କେଉଁଠାରେ ଥିବେ କିଛି ଜଣା ନାହିଁ। ଏହା ଭାବି ଭାବି ରାତି ସାରା ଶୋଇ ନାହିଁ ।

ସକାଳ ସମୟ ଆଜି ମଧ ମୁଁ ବାପାଙ୍କୁ ଖୋଜିବା ପାଇଁ ବାହାରିଛି,କିନ୍ତୁ କାହିଁକି କେଜାଣେ ଲୋକମାନେ ସମସ୍ତେ ମୋ ଆଡ଼କୁ ଦେଖୁଥାନ୍ତି, ମୁଁ କିଛି ବୁଝିପାରିଲି ନାହିଁ । ଆଜି ମଧ ବାପାଙ୍କର କିଛି ଦେଖା ନାହିଁ । ରାତି ହେଲା ଘରକୁ ଆସିଲି। ଟିଭି ଅନ୍ କଲି ଓଡ଼ିଆ ନ୍ୟୁଜ୍-ରେ ପାଞ୍ଚଟି ନକ୍ସଲର ଏନକାଉଣ୍ଟର୍ ବିଷୟରେ ସୂଚନା ଦିଆଯାଉଥାଏ। ପାଞ୍ଚ ନକ୍ସଲଙ୍କର ଫୋଟୋ ମଧରେ ମୋ ବାପାଙ୍କର ଫୋଟୋ ଦେଖିବାକୁ ପାଇଲି । ଦଶ ଜଣ ପୋଲିସ ମିଶି ଏନକାଉଣ୍ଟର୍ କରିଛନ୍ତି । ମୁଁ ଜାଣେ ବାପା କେବେ ମଧ ଭୁଲ୍ ରାସ୍ତାକୁ ଯାଇନାହାନ୍ତି। ସତ୍ୟତା ଜାଣିବା ପାଇଁ ମୁଁ ଜଙ୍ଗଲର ମଧ ଭାଗକୁ ଯିବାର ଧାଯ୍ୟ କଲି , କାରଣ ଏହି ମଧ ଭାଗରେ ନକ୍ସଲବାଦି ବ୍ୟକ୍ତିମାନେ ରୁହନ୍ତି। ପାଖାପାଖି ଛଅ ଘଣ୍ଟା ପରେ ଜଙ୍ଗଲର ମଧ ଭାଗକୁ ପହଞ୍ଚିଲି । କୋଡିଏ ଜଣ ନକ୍ସଲ ହାତରେ ବନ୍ଧୁକ ଧରି ସେଠାରେ ଠିଆ ହୋଇ ଜୁଗିଥାନ୍ତି, ମୁଁ ସାହାସ କରି ସେମାନଙ୍କୁ ସବୁ କଥା କହିଲି। ସେମାନଙ୍କର ଉତ୍ତର ଥିଲା ଆମ ଗୋଷ୍ଠୀରୁ ଚାରି ଜଣ ନକ୍ସଲଙ୍କର ହିଁ ଏନକାଉଣ୍ଟର୍ ହୋଇଥିଲା, ତୁମ ବାପା ସେଠାରେ କାମ କଲା ବେଳେ ପୋଲିସ ମାନଙ୍କର ଗୋଳି ର ଶିକାର ହେଲେ । ପୋଲିସ ମାନେ ତାଙ୍କର ଭୁଲ ଲୁଚାଇବା ପାଇଁ ତାଙ୍କୁ ମଧ ନକ୍ସଲବାଦି ବୋଲି ଘୋଷଣା କରିଦେଲେ। ସାଧାରଣ ପଣିଆ ଭଳି ବ୍ୟକ୍ତି ବାପାଙ୍କୁ ଗୋଳି କଲା ପରେ ସେମାନଙ୍କର ଭୁଲ ଲୁଚାଇବା ପାଇଁ ନକ୍ସଲ ଭାବେ ଘୋଷଣା କରିଦେଲେ ... ଏହା କ'ଣ ପୋଲିସର ନ୍ୟାୟ? ନକ୍ସଲବାଦି ବ୍ୟକ୍ତିମାନେ କହୁଥାନ୍ତି :- ଏହା ପରା ଆମ ଦେଶ, ଏହି ଦେଶ କେବଳ ଧନୀ ତଥା ଉଚ୍ଚପଦରେ ଥିବା ଲୋକଙ୍କର ହିଁ ନ୍ୟାୟ କରେ, ଯା ବାକି ନ୍ୟାୟର ଆହ୍ୱାଜ୍ କୁ ଦବାଇ ଦିଆଯାଏ। ବାପାଙ୍କ ପ୍ରତି ମୋ ମନରେ ବହୁତ୍ ଦୁଃଖ ଲାଗୁଥାଏ, ଆମର ନ୍ୟାୟ ବ୍ୟବସ୍ଥା ପ୍ରତି କ୍ରୋଧ ଆସୁଥାଏ, ମୋତେ ଏବେ ନ୍ୟାୟ ତଥା ଏହି ନକ୍ସଲବାଦି ନିନ୍ଦାରୁ ମୁକ୍ତି ଦରକାର, ଯଦି ନ୍ୟାୟ ନ ମିଳିବ ତାହେଲେ ମୁଁ ମଧ ଭୁଲ ଆଡ଼କୁ ଚାଲି ଯାଇପାରେ... ।

ବାପାଙ୍କୁ ନ୍ୟାୟ ମିଳିଲା ନାହିଁ ବରଂ ନକ୍ସଲବାଦୀର ପୁଅ କହି ମୋତେ ଏ ସମାଜ ଅତ୍ୟାଚାର କଲା ତେଣୁ ମୁଁ ନକ୍ସଲ ସଂଗଠନରେ ସାମିଲ ହେବାକୁ ବାଧ ହେଲି । ମୁଁ ଜାଣେ ଏହି ରାସ୍ତା ଭୁଲ ହୋଇପାରେ କିନ୍ତୁ ଏ ସମାଜ ମୋତେ ଆଉ କୌଣସି ସମାଧାନ ଦେଲା ନାହିଁ ।


+ରେଗଡା, ଏମ ରାମପୁର, କଳାହାଣ୍ଡି
ପିନ - ୭୬୬୧୦୨
ମୋ - ୬୩୭୧୮୨୭୦୩୧




# ସ୍ୱାର୍ଥପର ଦୁନିଆଁ

ଶିବରାମ ଦଳେଇ



ସୁନନ୍ଦା :- ସମ୍ବିତ ତୁମେ ଏ ଚାକରଟାକୁ ଏତେ ମୁଣ୍ଡରେ ବସାଇବା କଣ ଦରକାର । ଏମିତିରେ ସେ ବୁଢ଼ା ହେଲାଣି, ଠିକ ସେ କୌଣସି କାମ ତା ଦ୍ୱାରା ହେଇ ପାରୁନି, ଠିକ ସେ ଯିଏ ନିଜକୁ ସମ୍ଭାଳି ପାରୁନି । ସେ ଆମ ଘର କଣ ସମ୍ଭାଳିବି । ବରଂ ତା ଜାଗାରେ ଜଣେ କମ ବୟସର ଚାକରଟେ ରଖିଲେ ଆମେ ଆଉ ଆମର ଘର ସୁରକ୍ଷାରେ ରହିବ ।

ସମ୍ବିତ:- ନାହିଁ ସୁନନ୍ଦା ତୁମେ ଜାଣିନ, ରଘୁକାକା ଏ ଘରର ଚାକର ନୁହେଁ ବରଂ ସେ ଏ ଘରର ସଦସ୍ୟ । ତୁମେ ତ ଏ ଘରକୁ ଏବେ ଏବେ ବୋହୂ ହେଇ ଆସିଛ । ତୁମେ ରଘୁକାକା ବିଷୟରେ କଣ ବା ଜାଣିଛ । କିଛି ଦିନ ଅପେକ୍ଷା କର ଦେଖିବ ସେ କେମିତି ନିଜର ହେଇଯିବେ । ଆଉ ଜାଣି ରଖ ତୁମେ ଯେଉଁ ଘରକୁ ଆମ ଘର ବୋଲି କହୁଛ, ସେ ଘର ପାଇଁ ରଘୁକାକା ର ଅବଦାନ ଅତୁଳନୀୟ । ଆଉ ଆଜି ଯେଉଁ ବିଜନେସ କୁ ମୁଁ ସମ୍ଭାଳିଛି ତାହା କେବଳ ଏ ରଘୁକାକା ପାଇଁ ସମ୍ଭବ ହେଇଛି । ହଁ ସୁନନ୍ଦା ଏ କଥା ମୁଁ କହୁନି ଏ କଥା କୁହନ୍ତି ମୋ ବାପା । ସୁନନ୍ଦା ଆଗକୁ ରଜ, ମାର୍କେଟରୁ ତୁମ ପାଇଁ କିଛି ସପିଙ୍ଗ କରିଥିଲି । ନେଲ ନେଲ ଯାକୁ ଭିତରକୁ ନେଇ ଯାଅ ।

ରଘୁକାକା ରଘୁକାକା ଚାହା କପେ ମିଳିବ ।

ରଘୁକାକା :- ଯାଉଛି ସାନବାବୁ ।

(କିଛି ସମୟ ପରେ ଚାହା କପେ ଧରି ଆସି ପହଞ୍ଚେ ରଘୁକାକା, ଆଉ ବେଞ୍ଚ ଝୁଣ୍ଟି ଚାହା କପ ହାତରୁ ଖସି ଭାଙ୍ଗିଯାଏ ।)

ସମ୍ବିତ :-ଆହାଃ !

ରଘୁକାକା :- ଭୁଲ ହେଇଗଲା ସାନ ବାବୁ । ମୁଁ ଆଉ ଥରେ ଚାହା ନେଇ ଆସୁଛି ।

ସୁନନ୍ଦା :- ଖାଲି ଭୁଲ ମାଗିଦେଲେ କଣ ସବୁ ସରିଗଲା। ଏତେ ଦାମୀ କପଟା ମୋର ଭାଙ୍ଗିଦେଲ। ଗୋଟେ ଆଖି ତ ନାହିଁ ତା ପରେ ତୁମ ଦ୍ୱାରା ଠିକ ସେ କୌଣସି କାମ ହେଉନାହିଁ । ତୁମେ ଏ ଘର ଛାଡ଼ି ଚାଲିଯାଉନ କାହିଁକି ?

ରଘୁକାକା :- ସେମିତି କୁହନ୍ତୁ ନାହିଁ ଝିଅ ।

ସୁନନ୍ଦା :- ଝିଅ ! ଝିଅ କଣ ମ୍ୟାଡାମ କହ । ସମ୍ବିତ ଙ୍କ ପାଇଁ କଣ କରିଦେଇଛୁ ଯେ ସେ ତୁମକୁ ମୁଣ୍ଡରେ ବସେଇଛନ୍ତି। ହେଲେ ମୁଁ ତୁମ ଭଳିଆ ଛୋଟଲୋକ ମାନଙ୍କୁ ଠିକ ଚିହ୍ନେ ।

ସମ୍ବିତ :- ତୁମେ ତୁମେ ଏ କଣ କହୁଛ ସୁନନ୍ଦା। ରଘୁକାକା ମୋ ବାପା ବୟସର, ପୁଣି ଆମ ଘର ସହ ତାଙ୍କର ପୁରୁଣା.......

ସୁନନ୍ଦା :-ତୁମେ ଟିକେ ଚୁପ ରହିବ । ଏଭଳି କର୍ମଠ ମାନଙ୍କୁ ମୁଁ ଭଲ ଭାବରେ ଜାଣେ । ସେମାନେ ନିଜର ଫାଇଦା ପାଇଁ ତୁମ ମାନଙ୍କୁ ଏଭଳି ଜାଲ ବିଛେଇ ଫସାନ୍ତି । ବାସ କାର୍ଯ୍ୟ ହାସଲ ପରେ ନିଜ ଘରକୁ ବାହୁଡନ୍ତି ।

ରଘୁକାକା :- ମୋର ଭୁଲ ହେଇଗଲା ଝିଅ, ନାହିଁ ମାଡାମ । ଆଗକୁ ଧ୍ୟାନ ଦେଇ କାମ କରିବି। କୌଣସି ଭୁଲ କରିବି ନାହିଁ ।

ସୁନନ୍ଦା :- ରହିଲେ ତ ଭୁଲ କରିବୁ । କହ ଆଜି ଯାଏ ତୋର କେତେ ଦରମା ହେଉଛି । ସିଧା ସଳଖ ସମ୍ବିତଙ୍କଠୁ ନେଇ ପଳା । ହଁ ଭବିଷ୍ୟତ ରେ ମୋ ଘର ତ ଦୂରର କଥା ମୋ ଘରର ଖଣ୍ଡେ ଦୂରରେ ବି ତୋତେ ନ ଦେଖେ ।

ସମ୍ବିତ :- ଏ କଣ ତୁମେ କହୁଛ ସୁନନ୍ଦା ? ସେ ଏ ଘରର ଜୀବନ । ତା ଛଡ଼ା ସେ ଏ ବୟସରେ ଯିବେ କୁଆଡେ ? ଜୀବନ ସାରା ଆମ ଘରର ସୁଖ ଦୁଃଖର ସାଥି ହେଲେ। ଆମ ଛଡା ଏ ବୟସରେ କିଏ ବା ସହାୟ ହେବ ?

ସୁନନ୍ଦା :- ତୁମେ ଟିକିଏ ଚୁପ ରହିବ । କାହିଁ ଏ ଦୁନିଆରେ କଣ ବୃଦ୍ଧାଆଶ୍ରମ କମ ଅଛି ଯେ ।

ରଘୁକାକା :-ତୁମେ ଠିକ କହିଛ ମାଡାମ । ଏ ସ୍ୱାର୍ଥପର ଦୁନିଆଁ ରେ କିଏ ବା କାହାର । ଯେଉଁଠି ପୁଅ ବାପାର ନୁହେଁ, ଭାଇ ଭାଇର ନୁହେଁ ପୁଅ ମାଆର ନୁହେଁ, ଭଉଣୀ ଭାଇର ନୁହେଁ । ମୁଁ ବା ଛାର ପରଟାଏ ନିଜର ହେବି କେମିତି ?

ସୁନନ୍ଦା :- ଚାକର ହେଇ ବହୁତ ଭଲ ଅଭିନୟ କରୁଛୁ କିନ୍ତୁ ମୁଁ ତୋତେ ଭଲ ଭାବେ ଚିହ୍ନି ସାରିଛି ।

ରଘୁକାକା :-ଠିକ ହେଲା ମୋତେ ମୋର ହୋସ ଫେରେଇ ଦେଲ । ଭାବୁଥିଲି ମୁଁ ଏ ଘରର ଜଣେ ସଦସ୍ୟ ବୋଲି । ମୁଁ ଏ ଘରର ଚାକର ବୋଲି ଭୁଲି ଯାଇଥିଲି । ହଉ ଠିକ ଅଛି ଏ ଘରେ ମୋ ପାଇଁ ବୋଧେ ଏତିକି କର୍ତ୍ତବ୍ୟ ଥିଲା। ଆଉ ରହିଲା ଦରମା କଥା । ଜୀବନ ସାରା ଏ ଘରୁ ମୁଁ ଖାଇ ପିଇ ରହି ଆସିଛି କେବେ ଗୋଟେ ଟଙ୍କା ମାଗିନାହିଁ । ମୁଁ କିଛି କହିବା ଆଗରୁ ମୋ ପାଇଁ ଚାଲିଆସେ । ମୁଁ ବା କାହିଁ ଟଙ୍କା ମାଗିବି । ମୋର ବା ଟଙ୍କା କଣ ହେବ । ଏବେ ମୋତେ ବିଦାୟ ଦିଅ ।

ସମ୍ବିତ :- ରଘୁକାକା.......

ରଘୁକାକା :- ସାନବାବୁ, ଏ ହେଉଛି ମିଛ ମାୟାର ସଂସାର । ଏଠି କେହି ନୁହେଁ କାହାର । ହଁ ସାନବାବୁ, ଯା ଭିତରେ ମୁଁ ଭୁଲି ଯାଇଥିଲି ମୁଁ ଗୋଟେ ଚାକର । ଏତେ ବର୍ଷର ସେବା ଭିତରେ ଯଦି ମୋର କିଛି ତ୍ରୁଟି ଥାଏ ତେବେ ମୋତେ ଏ ଘରର ସଦସ୍ୟଟିଏ ଭାବି ମୋତେ କ୍ଷମା କରି ଦେବ।

ସୁନନ୍ଦା :- ଏଇ ନେ ତୋର ଗଣ୍ଠିଲି । ସୂର୍ଯ୍ୟାସ୍ତ ପୂର୍ବରୁ ଏ ଜାଗା ଛାଡ଼ି ଚାଲି ଯାଆ । ନଚେତ ତୋ କଣା ଆଖିକୁ ବାଟ ଦିଶିବନି ।

ରଘୁକାକା :- ହଁ ମ୍ୟାଡ଼ାମ ,ଜୀବନର ସୂର୍ଯ୍ୟାସ୍ତ ତ ପାଖେଇ ଆସିଛି । ଡେରି ବା କାହିଁକି କରିବି । ଆଉ ରହିଲା ମୋ ଆଖି କଣା ହେବା କଥା । ତେବେ ଶୁଣ ଯେତେବେଳେ ସମ୍ବିତ ବାବୁ ଛୋଟ ହେଇଥିଲେ, ଗୋଟେ ବଡ଼ ଦୁର୍ଘଟଣାରେ ତାଙ୍କର ଗୋଟିଏ ଆଖି ନଷ୍ଟ ହେଇଗଲା । ସେହି ଦୁର୍ଘଟଣା ରେ ତାଙ୍କ ମାଆ ଆର ପାରିକୁ ଚାଲିଗଲେ । ବଡବାବୁ ଅଳ୍ପକେ ବର୍ତ୍ତିଗଲେ । ଆଉ ମୁଁ ମୋର ଗୋଟିଏ ଆଖି ଓ ଦେହର କିଛି ରକ୍ତ ଦେବାରୁ ଏଇ ସାନବାବୁ ସୁସ୍ଥ ହେଲେ । ଏ କଥା ନ କହିବାକୁ ମୋତେ ବଡ଼ ବାବୁ ରାଣ ଦେଇଥିଲେ। ଯେତେବେଳେ ତୁମେମାନେ ଜାଣିବାକୁ ଚାଂହୁଛ ଏ ଆଖିଟା ବିଷୟରେ ତେବେ ମୋ ପାଟିଟା ଥୟ ହେଇ ପାରିଲାନି । ଉପରେ ଥାଇ ମୋତେ କ୍ଷମା କରିବ ବଡବାବୁ। ମୁଁ ତୁମକୁ କଥା ଦେଇ କଥା ରଖି ପାରିଲିନି।

ସମ୍ବିତ :- ରଘୁକାକା (ଭେଁ ଭେଁ ହୋଇ କାନ୍ଦି ଚାଲିଥିଲା ସମ୍ବିତ )

କିଛି ସମୟ ଭିତରେ ଅଦୃଶ୍ୟ ହେଇଯାଏ ରଘୁକାକା ।

ଯା ଭିତରେ କିଛି ବର୍ଷ ବିତିଯାଇଛି ।

ଆଜି ସୁନନ୍ଦା ଆସିଛି ବୃଦ୍ଧାଆଶ୍ରମ ନିଜ ଜନ୍ମିତ ବାପାଙ୍କୁ ଦେଖିବାକୁ । ପୁଅ ବୋହୂର ଦୁଃ-ବ୍ୟବହାର, ଅସହ୍ୟ ଗାଳିଗୁଲଜ ସହ୍ୟ କରି ନ ପାରି ବୃଦ୍ଧାଆଶ୍ରମରେ ଆଶ୍ରୟ ନେଇଛି ସୁନନ୍ଦାର ବାପା । ସେଠି ବାପାଙ୍କୁ ଦେଖି ବହୁତ ଦୁଃଖ ପ୍ରକାଶ କରେ ଝିଅ ସୁନନ୍ଦା । ମନେ ପକାଏ ଅତୀତର ଘଟଣା । ବୁଝି ସାରିଛି ଏଇ ସ୍ୱାର୍ଥପର ଦୁନିଆକୁ । ସୁନନ୍ଦା ଏଇ ସ୍ୱାର୍ଥପର ଦୁନିଆଁରେ ସେହି ନିଃସ୍ୱାର୍ଥପର ଲୋକଟାକୁ ମନେ ପକୋଉଛି । ହଠାତ ବୃଦ୍ଧାଆଶ୍ରମର ମୁଖ୍ୟ ଦାୟିତ୍ୱରେ ଥିବା ଏକ ଆଖି ଥିବା ବୃଦ୍ଧ ଉପରେ ନଜର ପଡି ଚମକି ପଡ଼ିଲା ସୁନନ୍ଦା ।


+ଲେଖନପୁର, ସାଲେପୁର
ମୋ:୯୪୩୯୯୩୭୦୭୧

# ଓଡ଼ିଶା ରାଜ୍ୟ ପାରା-ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୪- ୨୫ରେ ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପାରା-ଆଥଲେଟ୍‌ଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ

ରାଉରକେଲା, ୧୨/୧ (ନି.ପ୍ର): କଳିଙ୍ଗ ଷ୍ଟାଡିୟମରେ ନିକଟରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ପାରା-ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୪-୨୫ ରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି )ର ତିନି ଜଣ ପାରା-ଆଥଲେଟ୍ ଏକାଧିକ ପଦକ ଜିତି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି।



ଏହି ଚାମ୍ପିଅନସିପରେ ରିପେୟାର ସପ ଇଲେକଟ୍ରିକାଲ ବିଭାଗ ର ଟେକ୍ନିସିଆନ୍, ଶ୍ରୀ ରୁଦ୍ର ନାରାୟଣ ସାହୁ, ସଟ୍ପୁଟ୍, ଜାଭେଲିନ୍ ଥ୍ରୋ ଏବଂ ଡିସକ୍ ଥ୍ରୋରେ ୩ ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗ ର ଟେକ୍ନିସିଆନ୍, ଶ୍ରୀଯୁକ୍ତ ପରେଶ କୁମାର ମାହାତୋ, ଜାଭେଲିନ୍ ଏବଂ ଡିସକ୍ ଥ୍ରୋରେ ୨ ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିଭଳି ମାନବ ସମ୍ବଳ (କାର୍ଯ୍ୟ )ବିଭାଗ ଅଫିସ ଆଟେନଡାଣ୍ଟ ଶ୍ରୀ ଯୋଗେନ୍ଦ୍ର କୁମାର ଦାଶ, ଡିସକ୍ ଥ୍ରୋରେ ମଧ୍ୟ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଏହି ବର୍ଷ ଶେଷରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚାମ୍ପିଅନସିପ୍ ପାଇଁ ଶ୍ରୀ ରୁଦ୍ର ନାରାୟଣ ସାହୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଡିଏଭି ମଡେଲ ସିନିୟର ସେକେଣ୍ଡରୀ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଜୟପୁର, ୧୨/୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଡିଏଭି ମଡେଲ ସିନିୟର ସେକେଣ୍ଡରୀ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡା ଶନିବାର ଉଦଯାପନୀ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମାକାନ୍ତ ରାଉଳ ଯୋଗଦେଇ ନିଜ ବକ୍ତବ୍ୟରେ ଶିକ୍ଷା ସହିତ କ୍ରୀଡାର ମଧ ଆବଶ୍ୟକତା ରହିଛି ବୋଲି କହିଥିଲେ । ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ଅଧକ୍ଷ ଅବଦୁଲ କାଦେର ଅଭିଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଗତକାଲି କ୍ରୀଡା ଉଦଯାପନୀ ଉତ୍ସବରେ ସ୍ଥାନୀୟ କନକଦୁର୍ଗା ମନ୍ଦିରରୁ ମଶାଲ ପ୍ରଜ୍ଜଳନ କରିବା ପରେ ସେଠାରୁ ଆଣି ଖେଳପଡିଆ ଠାରେ ସ୍ଥାପନ କରିଥିଲେ । ବାର୍ଷିକ କ୍ରୀଡା ଆରମ୍ଭ ପୂର୍ବରୁ ଖେଳର ନିୟମ ବିଷୟରେ ଅବଗତ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଙ୍କେଶ ଶ୍ରୀବାସ୍ତବ ପ୍ରତ୍ୟେକ୍ଷ ତତ୍ୱାଧାନରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗରେ କ୍ରୀଡା ଆୟୋଜିତ ହୋଇଥିଲା । ଏହି ଅବସରରେ କୌତୁକିଆ ପୋଷାକର ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# ଲୋକ ଉତ୍ସବ ସେମିନାର କମିଟି ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୨/୧ (ନି.ପ୍ର): ଲୋକ ଉତ୍ସବ ସେମିନାର କମିଟି ପ୍ରସ୍ତୁତି ବୈଠକ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ରସରାଜ ଅଚ୍ୟୁତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଆସନ୍ତା ଦ୍ୱିବିଂଶ ଲୋକ ଉତ୍ସବ ଅବସରରେ କବି ସମ୍ମିଳନୀ ଏବଂ ଆଲୋଚନା ଚକ୍ର ଯଥା ୨୦ ଏବଂ ୨୧ ଦୁଇଦିନ ହେବା ନେଇ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ସହମତିରେ ଉଭୟ କାର୍ଯ୍ୟକ୍ରମରେ ଆଲୋଚକ ଏବଂ ଅତିଥିଙ୍କ ନାମ ପ୍ରସ୍ତାବ ନିଆଯାଇଥିଲା। ସମସ୍ତଙ୍କୁ ଯୋଗାଯୋଗ କରିବା ପାଇଁ ବରିଷ୍ଠ ସଭ୍ୟ ସନାତନ ଠାକୁର ଏବଂ ଜୟନାରାୟଣ ଆଚାର୍ଯ୍ୟଙ୍କୁ ଦାୟୀତ୍ୱ ଦେଇଥିଲେ । ଉଭୟ କାର୍ଯ୍ୟକ୍ରମରେ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଅବଦାନ ଥିବା ଲେଖକ କବିଙ୍କୁ ଚୟନ କରି ସମ୍ବର୍ଦ୍ଧିତ କରିବା ପାଇ ନିଷ୍ପତି ନିଆଯାଇଥିଲା । ଆସନ୍ତା ୨୦ ତାରିଖ( ସୋମବାର) ଦିନ ୨ଟା ୩୦ ମିନିଟ ସମୟରେ କୋଶଳ କଳା ମଣ୍ଡଳ ପଡିଆ ରେ ଥିବା ପୁରୁଣା ମଂଚରେ କବି ସମ୍ମିଳନୀ ହେବ ଏବଂ ୨୧ ତା (ମଙ୍ଗଳବାର ଦିନ) ପୂର୍ବାହ୍ନ ୧୦ଟା ୩୦ ମି. ସମୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବିଷୟ ବସ୍ତୁ ରହିବ (ବଲାଂଗିର ଲୋକ ସଂସ୍କୃତି ଥି ଘୁଡକା ର ଠାନ) ଏହାକୁ ଟାଉନ ଉଚ୍ଚ ବିଦ୍ୟାଳୟ ର ସାଂସ୍କୃତିକ ମଂଚ ରେ ଅନୁଷ୍ଠିତ ହେବାର ସ୍ଥିରୀକୃତ କରାଗଲା । ସେମିନା କମିଟି ସହ ଅଧ୍ୟକ୍ଷ ପୁରୋହିତଙ୍କ ସହ ଅନ୍ୟ ସଭ୍ୟ ସନାତନ ଠାକୁର, ଜୟନାରାୟଣ ଆଚାର୍ଯ୍ୟ, ସଂଗୀତା ଦାସ, ଗୋଲାପ ବାଗ, ଲଳିତ ସାହୁ, ନରେନ୍ଦ୍ରନାଥ ମିଶ୍ର, ଜୟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୨/୧ (ନି.ପ୍ର): ଆଂଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଓ ପ୍ଲାଂଟଲଭର୍ସ ଆସୋସିଏସନର ମିଳିତ ସହଯୋଗରେ ଏକାମ୍ରକାନନଠାରେ ଆୟୋଜିତ ବାର୍ଷିକ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀର ଉଦଯାପନୀ ଦିବସରେ ଆଜି ଅପରାହ୍ନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ କହିଲେ ଯେ ଏହି ପୁଷ୍ପ ପ୍ରଦର୍ଶନୀ ଆମକୁ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣକରିବାରେ ପ୍ରେରଣା ଯୋଗାଇବ। ଫୁଲ ମାନବ ସମାଜ ପାଇଁପ୍ରକୃତିର ଏକ ଅଦ୍ଭୁତ ସୌନ୍ଦର୍ଯ୍ୟମୟ ଅବଦାନ ।ଆମର ଦୈନନ୍ଦିନଜୀବନରେ ଫୁଲରଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେବପୂଜାରେ ଫୁଲର ବ୍ୟବହାର କେଉଁ ଆବହମାନ କାଳରୁ ହୋଇଆସୁଛି। ମଣିଷର ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ଫୁଲ ଏକ ମୁଖ୍ୟ ସାମଗ୍ରୀରୂପେ ବ୍ୟବହୃତ ହୋଇଥାଏ । ଫୁଲ ଏକ ସୌନ୍ଦର୍ଯ୍ୟଓ ଉପଭୋଗ୍ୟ ବସ୍ତୁ ନହୋଇ ଏହା ଆମର ଜୀବନ ଜୀବିକାର ମାଧ୍ୟମ ହୋଇପାରିଛି। ଗତ ପାଂଚ ଦିନ ଧରି ସମସ୍ତେ ଏଠାରେପ୍ରକୃତିର ଅଦ୍ଭୁତ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଏଠାରେ ପ୍ରଦର୍ଶିତ ବିଭିନ୍ନ ରଙ୍ଗର ପୁଷ୍ପ ଗୁଡିକର ବର୍ଣ୍ଣାଳି, ମନୋହର ସୁଗନ୍ଧ ପୁଷ୍ପ ବିନ୍ୟାସ ଏବଂ ବିଭିନ୍ନ ପ୍ରଜାତିର ବୃକ୍ଷଲତା ସମସ୍ତଙ୍କୁ ଅଭିଭୂତ କରିଛି। ଏହି ପ୍ରଦର୍ଶନୀ କେବଳ ପୁଷ୍ପ, ବୃକ୍ଷ ଓ ଲତା ଗୁଡ଼ିକର ପ୍ରଦର୍ଶନ ନୁହେଁ ବରଂ ଆମ ପ୍ରକୃତି, ପରିବେଶ ଏବଂଜୈବ ବିବିଧତା ପ୍ରତି ସମ୍ମାନ ପ୍ରଦର୍ଶନ ଏବଂଏଗୁଡ଼ିକର ସଂରକ୍ଷଣ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପାଦନ ପାଇଁ ପ୍ରେରଣା ଯୋଗାଏ । ଏହି ପ୍ରଦର୍ଶନୀ ପ୍ରେରଣା ଦେଉଛି ଯେ, ପ୍ରକୃତିକୁ ଜାଣିବା, ପ୍ରକୃତିରୁ ଲାଭାନ୍ୱିତ ହେବା ଏବଂ ଉତ୍ତର ପିଢ଼ିର ଆବଶ୍ୟକତା ପାଇଁ ପ୍ରକୃତିକୁକିପରି ସଂରକ୍ଷଣ କରିପାରିବା। ଏହି ପ୍ରଦର୍ଶନୀ ଆମକୁ ଏବଂ ଆମର ଆଗାମୀ ପିଢ଼ିକୁ ବିଭିନ୍ନ ପ୍ରକାର ସ୍ୱଦେଶୀ ଫୁଲ ସହ ବିଦେଶୀ ଫୁଲ ଯଥା - ଲିଲିୟମ, ଗ୍ଲାଡିଓଲି, ଆନ୍ଥୁରୀୟମ, ସାଲଭିଆ, ଆଂଟିରିନିଅମ ଏବଂ ବିଭିନ୍ନ କିସମର ପତ୍ର ଗଛଯଥା ଫର୍ଣ୍ଣ, ଆଗ୍ଲୋନିମା, ପାମ୍, ଡାଇଫେନବେକିଆ, ଫିଲୋଡେଣ୍ଡ୍ରନ ଇତ୍ୟାଦିକୁ ପରିଚିତ କରାଇଛି। ଏହି ପ୍ରଦର୍ଶନୀ ଫୁଲ ଏବଂ ଆଳଙ୍କରିକ ବୃକ୍ଷଲତା ଚାଷକରି କିପରି ଆମେ ଜୀବନ ଜୀବିକା ନିର୍ବାହ କରିପାରିବା ସମ୍ବନ୍ଧରେ ଦିଗଦର୍ଶନ କରାଉଛି । ଏହି ପ୍ରଦର୍ଶନୀରେ ବଗିଚା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ, ଭାଗ ନେଇଥିବା ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ଦେଶର ବିଭିନ୍ନ କୋଣରୁ ଆସିଥିବା ନର୍ସରୀ ଓ ବଗିଚା ଉପକରଣ ବ୍ୟବସାୟୀ, ପୁଷ୍ପପ୍ରେମୀଜନସାଧାରଣଙ୍କୁ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆଅଭିନନ୍ଦନ ଜଣାଇଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଦୀର୍ଘ ୪୦ ବର୍ଷ ପୂର୍ବେ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ଆଂଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର, ଏକାମ୍ର କାନନ ଆଜି ଉଦ୍ଭିଦ ଗବେଷଣା କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ ।ଏହା କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏକ ପାର୍କ ନୁହଁ,ଏଠାରେ ଥିବା ଅତ୍ୟାଧୁନିକ ଟିସୁ କଲଚର ଲାବୋରେଟରୀ ଦେଶରେ ପ୍ରସିଦ୍ଧ ।

# ଅନନ୍ତ ମେହେରଙ୍କ ପରଲୋକ

ସମ୍ବଲପୁର, ୧୨/୧ (ନି.ପ୍ର): ସମ୍ବଲପୁର ଗୋବିନ୍ଦଟୋଲା ନିକଟସ୍ଥ ମାରୁତି ନଗର ବାସିନ୍ଦା ଅନନ୍ତ ମେହେରଙ୍କ ଶନିବାର ସକାଳୁ ୫ଟାରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା। ବ୍ରେନ ହେମ୍ରେଜ ପରେ ଦୀର୍ଘ ୨ ବର୍ଷ ଧରି ସେ ଶଯ୍ୟାଶାୟୀ ହୋଇଥିଲେ। ଅବିଭକ୍ତ ସମ୍ବଲପୁର ଜିଲା ପଦ୍ମପୁର ନିକଟସ୍ଥ ବୁଧାପାଲିର ମୁଳ ବାସିନ୍ଦା ଅନନ୍ତ ଦୀର୍ଘ ୬୦ ବର୍ଷ ହେବ ସମ୍ବଲପୁରରେ ରହି ସମ୍ବଲପୁରୀ କପଡା ବ୍ୟବସାୟ କରିଆସୁଥିଲେ। ୨୦୧୬ ମସିହାରେ ସମ୍ବଲପୁର ଲୋକ ମହୋତ୍ସବ ଅବସରରେ ୩୬ ଫୁଟ ଉଚ୍ଚତାର ଏକ ସମ୍ବଲପୁରୀ ଫ୍ରକ ନିର୍ମାଣ କରି ପ୍ରଦର୍ଶନ କରିବା ପରେ ସହରରେ ଚର୍ଚ୍ଚାକୁ ଆସିଥିଲେ। ମାରୁତି ନଗର ହନୁମାନ ମନ୍ଦିର ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହାସହ ଗୋବିନ୍ଦଟୋଲା ଅଂଚଳର ସମସ୍ତ ସାମାଜିକ କାର୍ଯ୍ୟକ୍ରମରେ ସେ ସାମିଲ୍ ହୋଇ ଆସୁଥିଲେ। ମୃତ୍ୟୁବେଳକୁ ତାଙ୍କର ଏକମାତ୍ର ପୁଅ ଅମରେଶ ମେହେର ଏବଂ ଦୁଇ ଝିଅ ସୁନିତା ଏବଂ ସଙ୍ଗୀତା ଉପସ୍ଥିତ ରହିଥିଲେ। ସମ୍ବଲପୁର ମନ୍ଦଲିଆ ସ୍ଥିତ ରାଜଘାଟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ସେଲ, ଆରଏସପିର ଇସ୍ପାତ ଜେନେରାଲ ହସ୍ପିଟାଲ୍‌ରେ ସଫଳ ପ୍ଲାଷ୍ଟିକ୍ ସର୍ଜରୀ ଦ୍ୱାରା ଦୃଷ୍ଟିଶକ୍ତି ଓ ମୁଖମଣ୍ଡଳ କାର୍ଯ୍ୟଧାରା ଫେରିପାଇଲେ ଦୁର୍ଘଟଣା ପୀଡିତ

ରାଉରକେଲା, ୧୨/୧ (ନି.ପ୍ର): ଚିକିତ୍ସା ଦକ୍ଷତାର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସ୍ୱରୂପ ସେଲ୍ ଆର ଏସ ପି ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇ ଜି ଏଚ) ର ଡାକ୍ତରମାନେ ସୁନ୍ଦରଗଡ଼ ଜିଲ୍ଲାର ରାଇବୋଗା ତହସିଲ୍ ଅଧିନସ୍ଥ ଇନ୍ଦ୍ରପୁର ଗ୍ରାମର ବାଙ୍କି କରମଟୋଲି ପଡ଼ାର ଜଣେ ୧୮ ବର୍ଷୀୟ ରୋଗୀଙ୍କ ଉପରେ ଏକ ଜଟିଳ ପ୍ଲାଷ୍ଟିକ୍ ସର୍ଜରୀ ଚିକିତ୍ସା ସଫଳତାର ସହ ସମ୍ପାଦନ କରିଛନ୍ତି । ଗତ ଡିସେମ୍ବର ୨୬ ତାରିଖ ଦିନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି ଏସ କେ ୱାଇ)ର ଏହି ହିତାଧିକାରୀ ଙ୍କୁ ଏକ ସଡ଼କ ଦୁର୍ଘଟଣା (ଆର ଟି ଏ ) ଜନିତ ଚିକିତ୍ସା ପାଇଁ ଆଇ ଜି ଏଚ ରେ ଭର୍ତ୍ତି କରାଯାଇଥିଲା।

ଉକ୍ତ ଯୁବ ରୋଗୀଙ୍କ ମୁଣ୍ଡରେ ଆଘାତ ସହିତ ମୁହଁର ବାମ ପାର୍ଶ୍ୱରେ ଗଭୀର କ୍ଷତ ଏବଂ ବାମ ଚକ୍ଷୁ ଡୋଳା ଭିତରୁ ବାହାରୁ ଆସି ଯାଇ ଥିବା ଅବସ୍ଥା ରେ ଡାକ୍ତରଖାନାକୁ ଅଣାଯାଇଥିଲା। ଡାଇଗ୍ନୋଷ୍ଟିକ୍ ପ୍ରକ୍ରିୟା ପରେ ବାମ ଫ୍ରଣ୍ଟୋ-ଜାଇଗୋମାଟିକୋ-ମାକ୍ସିଲାରୀ କମ୍ପ୍ଲେକ୍ସ ସହିତ ସମ୍ପୃକ୍ତ ଅଙ୍ଗ କୁ ପ୍ରଭାବିତ କରୁଥିବା ଏକ ଜଟିଳ ହାଡଭଙ୍ଗା ଚିହ୍ନଟ କରାଯାଇଥିଲା ।

ଦୁର୍ଘଟଣା ଜନିତ ଆଘାତର ଚିକିତ୍ସା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକ୍ରିୟାରେ ମିନିପ୍ଲେଟ୍ ଏବଂ ସ୍କ୍ରୁ ବ୍ୟବହାର କରି ହାଡଭଙ୍ଗାଗୁଡ଼ିକୁ ସ୍ଥିର କରିବା ସହିତ ମୁହଁର କ୍ଷତଗୁଡ଼ିକୁ ସିଲାଇ କରାଯାଇଥିଲା। ଅସ୍ତ୍ରୋପଚାର ପୂର୍ବରୁ ରୋଗୀଙ୍କ ଦୃଷ୍ଟିଶକ୍ତି ମୂଲ୍ୟାଙ୍କନ କରିବାରେ ଅସମର୍ଥତା ସତ୍ତ୍ୱେ, ଶଲ୍ୟଚିକିତ୍ସକ ଦଳ ସଫଳତାର ସହିତ ତାଙ୍କର ଦୃଷ୍ଟିଶକ୍ତି ଫେରାଇ ଆଣିଥିଲେ। ଅସ୍ତ୍ରୋପଚାର ପରେ, ରୋଗୀ ଛଅ ଫୁଟ ଦୂରତାରୁ ଆଙ୍ଗୁଠି ଗଣିବାର କ୍ଷମତା ପ୍ରଦର୍ଶନ କରିପାରି ଥିଲେ ଏବଂ ଆଖିପତା ଗତି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ହୋଇପାରିଥିଲା ।



ଏହି ଆହ୍ୱାନ ମୂଳକ ଅସ୍ତ୍ରୋପଚାରଟି ପ୍ଲାଷ୍ଟିକ୍ ସର୍ଜରୀ ବିଶେଷଜ୍ଞ ଡକ୍ଟର ଜି. ଏସ୍. ସାହୁଙ୍କ ନେତୃତ୍ୱରେ କରାଯାଇଥିଲା, ଯେଉଁଥିରେ ପ୍ଲାଷ୍ଟିକ୍ ସର୍ଜରୀର ବରିଷ୍ଠ ପରାମର୍ଶଦାତା ଡକ୍ଟର ରୁବି ସିଂହ ଏବଂ ଆନାସ୍ଥେସିଆର ବରିଷ୍ଠ ପରାମର୍ଶଦାତା ଡକ୍ଟର ସ୍ମିତା କୁଜୁରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ସିଷ୍ଟର ସୀମାଙ୍କ ତତ୍ତ୍ୱାବଧାନରେ ନର୍ସିଂ କର୍ମଚାରୀମାନେ ଡାକ୍ତରୀ ଦଳକୁ ସହଯୋଗ କରି ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ମଧ୍ୟ ସୁନିଶ୍ଚିତ କରିଥିଲେ।

ଏକ ସପ୍ତାହର ସତର୍କ ନିରକ୍ଷଣ ଏବଂ ଆରୋଗ୍ୟ ପରେ ରୋଗୀ କୁ ଜାନୁଆରୀ ୩ ତାରିଖ ଦିନ ହସପିଟାଲ ରୁ ଡିସଚାର୍ଜ କରାଯାଇଥିଲା। ଏହି ଅସ୍ତ୍ରୋପଚାର ଗୁଡ଼ିକ ଜୀବନ ପରିବର୍ତ୍ତନକାରୀ ଚିକିତ୍ସା ପ୍ରଦାନ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଡାକ୍ତରଖାନା ରୂପେ ଆଇଜିଏଚର ମାନ୍ୟତାକୁ ସୁଦୃଢ଼ କରୁଛି ଏବଂ ବିଏସକେୱାଇ ଭଳି ଯୋଜନା ଅଧୀନରେ ରୋଗୀଙ୍କ ଚିକିତ୍ସାରେ ଉଦାହରଣ ସୃଷ୍ଟି କରିଛି।

# ରାଜପଥରେ କାର ଧକ୍କାରେ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର

କୋରାଇ, ୧୨/୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଦୁର୍ଗା ମଣ୍ଡପ ସମ୍ମୁଖରେ ଆଜି ସନ୍ଧ୍ୟାରେ କାର ଧକ୍କାରେ ବାଇକ ଆରେହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମର ରଂଜନ ମହାନ୍ତି ଓ ସୁନିଲ ସେନାପତି ଏକ ବାଇକରେ ଯାଜପୁରରୋଡରୁ ପାଣିକୋଇଲି ଆସୁଥିଲେ । ପାଣିକୋଇଲି ଦୁର୍ଗା ମଣ୍ଡପ ସମ୍ମୁଖରେ ଏକ କାର ହଠାତ ରାଜପଥ ଉପରେ ଗାଡି ବୁଲାଇବାରୁ ବଇକ ସହିତ ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀ ଓ ସହଯାତ୍ରୀ ଦ୍ୱୟ ଗୁରୁତର ଆହତ ହୋଇଥିଲେ ।

# ଜାଭିୟର ସ୍କୁଲର ୧୪ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୨/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଗୋପ ଗ୍ରାମରେ ଥିବା ସେଣ୍ଟ ଜାଭିୟର ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରିନ୍ସିପାଲ ନିରଞ୍ଜନ ବେହେରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଉତ୍ସବରେ ଆମେରିକା ସ୍ଥିତ ଆଲାସ୍କା ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼ଃ ଦେବେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଓ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ଛାତ୍ର ଜୀବନରେ ପାଠ ପଢିବା ପ୍ରତି ଅଧିକ ମନୋନିବେଶ କରିବା ଦ୍ୱାରା ଅଧିକ ଜ୍ଞାନ ଆହୋରଣ ହେବା ସହ ସମସ୍ତ ସମସ୍ୟାର ସମାଧାନ ଓ ନିଜର ଭବିଷ୍ୟତ ରହିବା ପାଇଁ ବାଟ ଖୋଲି ଯାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହାସହ ସମାଜ ସେବା, ପିତା ମାତାଙ୍କ ପ୍ରତି କର୍ତବ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରତି ସମ୍ମାନବୋଧ ଓ ପଢିଥିବା ବିଦ୍ୟାଳୟ ପ୍ରତି ଅନୁରକ୍ତ ରହିବା ସହ ସାଂପ୍ରତିକ ପରିସ୍ଥିତି ରେ ପରିବେଶ ର ବିସମତା ପ୍ରତି ସଚେତନ ରହିବାକୁ ଓ ପ୍ରତିକାର ଚିନ୍ତା କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ପ୍ରତିଜ୍ଞା ସାମଲ କାର୍ଯ୍ୟକ୍ରମର ସୂଚନା ଓ ଅତିଥି ପରିଚୟ ଦେଇଥିବାବେଳେ ପ୍ରିନ୍ସିପାଲ ଶ୍ରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଢେଙ୍କାନାଳରେ 'କପିଳାସ ହାଫ୍ ମାରାଥନ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ, ୧୨/୧ (ନି.ପ୍ର): ଢେଙ୍କାନାଳ କପିଳାସ ଅଭୟାରଣ୍ୟର ସବୁଜ ସୁନ୍ଦର ପରିବେଶରେ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ' ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି । ହାତୀ ସୁରକ୍ଷା ଓ ପରିବେଶ ସୁରକ୍ଷାର ସଚେତନତା ସୃଷ୍ଟି କରାଇବାରେ ଏହାକୁ ସାଧୁ ଉଦ୍ୟମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।




କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ'ର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିବା ସହ ମାରାଥନରେ ସାମିଲ ହୋଇ ଆନନ୍ଦିତ । ଜୈବ ବିବିଧତାରେ ପରିପୂର୍ଣ୍ଣ କପିଳାସର ସଂରକ୍ଷଣ ଏବଂ ଗଜରାଜଙ୍କ ସୁରକ୍ଷା ଦିଗରେ ସାମାଜିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ସ୍ୱାଗତଯୋଗ୍ୟ । ଏହି ହାଫ୍ ମାରାଥନରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବରିଷ୍ଠ ଲୋକମାନେ ଭାଗ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆର ଆହ୍ୱାନ କ୍ରମେ ଏହି ମାରାଥନ ସମାଜରେ କେବଳ ସୁସ୍ଥ ଜୀବନଶୈଳୀ ଓ ଫିଟନେସକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସମାଜରେ ପରିବେଶ ସୁରକ୍ଷା ଓ ପର୍ଯ୍ୟଟନର ବିକାଶରେ ମଧ ସଚେତନ କରାଇବ । ଏହି ମାରାଥନ, କପିଳାସକୁ ବିଶ୍ୱ ପର୍ଯ୍ୟଟନ ତଥା ମାରାଥନ ଦୌଡ଼ର ଏକ ପ୍ରମୁଖ ସ୍ଥଳ ଭାବରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେବ ।
ଆମର ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଆଧାତ୍ମିକ କ୍ଷେତ୍ରରେ ଐରାବତ ବା ହାତୀର ସ୍ଥାନ ସ୍ୱତନ୍ତ୍ର । ହାତୀ ହେଉଛି ଆମର ଐତିହ୍ୟ ପ୍ରାଣୀ । ଗଜରାଜଙ୍କ ସୁରକ୍ଷା ତଥା ମନୁଷ୍ୟ ଓ ହାତୀ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଢେଙ୍କାନାଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରଶଂସନୀୟ । କପିଳାସ ଏକ ପର୍ଯ୍ୟଟନ ଭିତ୍ତିକ ସ୍ଥାନ । ଏଠାରେ କିପରି ପର୍ଯ୍ୟଟନ ଭିତ୍ତିଭୂମି ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବିଧା ତ୍ୱରାନ୍ୱିତ ହେବ, ସେଥିପ୍ରତି ଆମେ ସମସ୍ତେ ଦାୟିତ୍ୱ ନେବା ଦରକାର । ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳର ସଂସ୍କୃତି, ଐତିହ୍ୟର ସଂରକ୍ଷଣ ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ଧର୍ମ ପରାୟଣ ବ୍ୟକ୍ତି ଗଙ୍ଗାଧର ରଣାଙ୍କ ପରଲୋକ

ଭୁବନ, ୧୨/୧ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ନୂଆ ଭୁବନ ବାସିନ୍ଦା ଗଙ୍ଗାଧର ରଣାଙ୍କର ଶନିବାର ମଧ୍ୟାହ୍ନ ୧୨ଟା ୪୫ ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ଗଙ୍ଗାଧରଙ୍କ ପରଲୋକ ଖବର ପାଇ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଏନ୍ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ, ଚୈତନ୍ୟ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ୧୯୯୧ ବ୍ୟାଚ୍ ର ସାଥି ମାନେ ତାଙ୍କ ଘରେ ପହଂଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ବୁଦ୍ଧେଶ୍ୱର ମନ୍ଦିର ନିକଟସ୍ଥ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡ଼ ପୁଅ କମଳ ଲୋଚନ ରଣା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ରଣା ଭୁବନ ଗଣେଶ ବଜାରରେ ଦୀର୍ଘ ବର୍ଷ ହେଲା ଲୁଗା, ଡ୍ରେସ ଦୋକାନ କରିଥିଲେ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଣେଶ ବଜାର ସଭାପତି ଭାବେ କାର୍ଯ୍ୟ କରିଥିଲେ।

# ପାଠକୀୟ ଚାହିଦାରେ କେନ୍ଦ୍ରାପଡା ପରିକ୍ରମାର ଭିତରକନିକା ବିଶେଷାଙ୍କ

କେନ୍ଦ୍ରାପଡ଼ା, ୧୨/୧ (ନି.ପ୍ର): ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଘାଟନ ଦିବସରେ ଲୋକାର୍ପିତ ହୋଇଥିବା ଚଳିତବର୍ଷ 'କେନ୍ଦ୍ରାପଡା ପରିକ୍ରମା'ର ଭିତରକନିକା ବିଶେଷାଙ୍କ ବିପୁଳ ପାଠକୀୟ ଆଦୃତି ପାଉଥିବାର ଲକ୍ଷ୍ୟ କରାଯାଇଛି । ଏହି ଆକର୍ଷଣୀୟ ପରିପାଟିରେ ପ୍ରକାଶିତ ଏହି ସଂଗ୍ରହ୍ୟ ବିଶେଷାଙ୍କରେ ଭିତରକନିକାର ଜୈବ ବିବିଧତା, ପ୍ରାକୃତିକ ବିଭବ, ହେନ୍ତାଳବଣ, ବିରଳ ପ୍ରଜାତିର ଜୀବଜନ୍ତୁ, ବଗ ଗହଣ, କୁମ୍ଭୀର ପ୍ରଜନନ କେନ୍ଦ୍ର, ଗହୀରମଥା ଅଲିଭ୍ ରିଡ୍‌ଲେ କଇଁଛ ଏବଂ ଭିତରକନିକାର ଇତିହାସ, ଅତୀତ ଓ ବର୍ତମାନକୁ ନେଇ ସଚିତ୍ର ତଥ୍ୟ ସମ୍ବଳିତ ଆଲେଖମାନ ବିଭିନ୍ନ ଅଭିଜ୍ଞ ଲେଖକମାନଙ୍କ ଠାରୁ ସଂଗୃହୀତ କରାଯାଇ ସଙ୍କଳିତ କରାଯାଇଛି। ଏହି ସଦୃଶ୍ୟ ପତ୍ରିକାକୁ ସମ୍ପାଦନ କରିଛନ୍ତି କେମ୍‌ର ମୁଖ୍ୟ ଉପଦେଷ୍ଟା ଡଃ. ବିରଜା ରାଉତରାୟ ଓ ପୁସ୍ତକମେଳାର ଆୟୋଜକ କେନ୍ଦ୍ରାପଡା ଇଭେଂଟ ମ୍ୟାନେଜର(କେମ୍) ଏହାକୁ ପ୍ରକାଶ କରିଛନ୍ତି । ଭିତରକନିକାର ବିଭବ ଓ ବୈଶିଷ୍ଟ୍ୟତାକୁ ନେଇ ପ୍ରକାଶିତ ଏହି ଉପାଦେୟ ପତ୍ରିକା କ୍ରୟ କରିବା ନିମନ୍ତେ ସାଧାରଣ ପାଠକମାନଙ୍କ ମଧ୍ୟରେ ଅସାଧାରଣ ଆଗ୍ରହ ପରିଲକ୍ଷିତ ହେଉଛି ।

# ନିଖିଳ ଓଡିଶା ଆଶା କର୍ମୀ ସଂଘର ଚତୁର୍ଥ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

ବଲାଙ୍ଗିର, ୧୨/୧ (ନି.ପ୍ର): ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଆଶା କର୍ମୀ ସଂଘର ଚତୁର୍ଥ ରାଜ୍ୟ ସମ୍ମିଳନୀ ଆଜି ପୂର୍ବାହ୍ନରେ ବଲାଙ୍ଗିର ରାଜେନ୍ଦ୍ର କଲେଜ ଛକ କଲ୍ୟାଣ ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ସମ୍ମିଳନୀର ଖୋଲା ଅଧିବେଶନ ଏଆଇଟିୟୁସି ରାଜ୍ୟ ସାଧାରଣ ସଂପାଦକ ତଥା ନିଖିଳ ଓଡିଶା ଆଶା କର୍ମୀ ସଂଘର ସଭାପତି କମ୍ରେଡ ବିଜୟ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ସମ୍ମିଳନୀର ଅଭ୍ୟର୍ଥନା କମିଟି ଅଧକ୍ଷା ତଥା ବଲାଙ୍ଗିର ପୌରପାଳିକା ଅଧକ୍ଷା ଲିକା ସାହୁ ପ୍ରତିନିଧି ଓ ଅତିଥିମାନଙ୍କୁ ଅଭିବାଦନ କରିବା ସହ ଆଶାକର୍ମୀଙ୍କ ସେବାକୁ ଭୁୟସି ପ୍ରଶଂସା କରିଥିଲେ । ଆଶା କର୍ମୀମାନଙ୍କ ଯଥାର୍ଥ ଦାବିକୁ ସମର୍ଥନ ଜଣାଇଥିଲେ । ସମ୍ମିଳନୀର ଏହି ଖୋଲା ଅଧିବେଶନକୁ ନେସନାଲ ଫେଡେରେସନ ଅଫ୍ ଆଶା ୱାର୍କର୍ସ ଏଣ୍ଡ ବ୍ଲକ ଫେସିଲିଟେଟର୍ସ ର ସର୍ବଭାରତୀୟ ସାଧାରଣ ସଂପାଦକ କମ୍ରେଡ ଶ୍ୟାମ କାଲେ ଉଦ୍‌ଘାଟନ କରି ଦେଶରେ ମହିଳାମାନଙ୍କର ପ୍ରସବ ଜନିତ ମୃତ୍ୟୁ ରୋକିବା ପାଇଁ ଆଶା କର୍ମୀ ମହିଳାମାନଙ୍କର ତ୍ୟାଗ, ନିଷ୍ଠା ଓ ଆତ୍ମ ବଳିଦାନକୁ ଭୁୟସି ପ୍ରଶଂସା କରିଛନ୍ତି । କରୋନା ଭଳି ମହାମାରି ସମୟରେ ଲୋକେ ଘରୁ ବାହାରୁ ନ ଥିବା ବେଳେ ଘରକୁ ଘର ଯାଇ କରୋନା ରୋଗୀ ଚିହ୍ନଟ କରିବା ଓ ଯତ୍ନନେବା ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ମହାମାରି ଉପରେ ବିଜୟ ହାସଲ କଲେ । ଏହି ମହିଳା ଶ୍ରମିକମାନଙ୍କର ଶ୍ରମର ଶ୍ରେୟ ସରକାର ନେଇଥିବା ବେଳେ ଏମାନଙ୍କୁ ସମାଜରେ ସୁସ୍ଥରେ ବଂଚିବା ଭଳି ବେତନ ବା ଭତା ଓ ସାମାଜିକ ନିରାପତା ପ୍ରଦାନରେ ସରକାର ଅଣଦେଖା କରି ଚାଲିଛନ୍ତି । ତେଣୁ ଏଆଇଟିୟୁସି ନେତୃତ୍ୱରେ ଆଶା କର୍ମୀମାନଙ୍କୁ ୱାର୍କର ମାନ୍ୟତା, ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା ଓ ବିଭିନ୍ନ ସାମାଜିକ ନିରାପତା ପ୍ରଦାନ ଦାବିରେ ଆନ୍ଦୋଳନ ଚାଲୁ ରହିଛି । ଏହି ଅଧିବେଶନରେ ମୁଖ୍ୟ ବକ୍ତା ଭାବେ ଏଆଇଟିୟୁସିର ରାଜ୍ୟ ସଭାପତି କମ୍ରେଡ ଅଶୋକ ଦାସ, ରାଜ୍ୟ ସଂପାଦକ ଜୟନ୍ତ ଦାସ, ନିଖିଳ ଓଡିଶା ଆଶା କର୍ମୀ ସଂଘର ସାଧାରଣ ସଂପାଦକ କମ୍ରେଡ ନମିତା ସାହୁ, ଉପ-ସାଧାରଣ ସଂପାଦକ କମ୍ରେଡ ମାତିଲଦା କୁଲ୍ଲୁ, ଜିଲ୍ଲା ସଭାପତି କମ୍ରେଡ ତୀର୍ଥ ପଧାନ, ସଂପାଦକ କମ୍ରେଡ ଓମି ଗୁପ୍ତା, ସିପିଆଇ ର ଜିଲ୍ଲା ସଂପାଦକ କମ୍ରେଡ ପ୍ରେମ ବାଗ ପ୍ରମୁଖ ଉଦ୍ ?ବୋଧନ ଦେଇଥିଲେ । ଆଶା କର୍ମୀଙ୍କ ବିଭିନ୍ନ ଦାବି ନେଇ ଆଗାମୀ ବିଧାନସଭା ବଜେଟ ଅଧିବେଶ ସମୟରେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନର ଆହ୍ୱାନ ଦିଆଯାଇଅଛି । ଖୋଲା ଅଧିବେଶନ ପୂର୍ବରୁ କୋସଲ କଳା ମଣ୍ଡଳ ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହର ପରିକ୍ରମା କରି କଲ୍ୟାଣ ମଣ୍ଡପ ଠାରେ ପହଂଚି ଥିଲା ।

# ସୁଭାଷ ବୋଷ ଇଂରାଜି ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା

କୋରାଇ, ୧୨/୧ (ନି.ପ୍ର): ପାଣିକୋଇଲିସ୍ଥିତ ସ୍ଥିତ ସୁଭାଷ ବୋଷ ଇଂଲିଓ ମିଡିୟମ ସ୍କୁଣର ଆଜି ବାର୍ଷିକ କ୍ରିଡା ଅନୁଷ୍ଠିତ ହୋଇଯାଇଛି । ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ତିନୋଟି ବିଭାଗରେ ପ୍ରତିଯୋଗିତା ହୋଇଥିବା ବେଳେ ସସ୍ମିତା ବିଶ୍ୱାଳ, ଆରିୟାନ ପରିଡା ଓ ଓମ ପ୍ରକାଶ ବେହେରା ଚମ୍ପିଅନ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଣିକୋଇଲି ମା ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଦ୍ୟାଧର ବେହେରା, ମୁଖ୍ୟ ବକ୍ତା ଭାବେ ବସନ୍ତ ତ୍ରିପାଠୀ ଓ ସମ୍ମାନୀତ ଅତିଥି ଭାବେ ମୁସ୍ତାକ ଅଲ୍ଲୀ ଖାଁ, ସମାଜସେବୀ ଜହର ଅଲ୍ଲୀ ଓ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜନ କୁମାର ଧଳ ଯୋଗଦେଇ କୃତୀ ଛାତ୍ର/ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ ଶିକ୍ଷିକା, କର୍ମଚାରୀ ସହଯୋଗ କରିଥିଲେ ।

# ଖୋ ଖୋ ବିଶ୍ୱକପ ପାଇଁ ଭାରତୀୟ ଦଳରେ ନୀଳଗିରି ଝିଅ ଶୁଭଶ୍ରୀ



ନୀଳଗିରି, ୧୨/୧ (ନି.ପ୍ର): ନୂଆଦିଲ୍ଲୀ ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଆସନ୍ତା ଜାନୁଆରୀ ୧୩ ତାରିଖରୁ ଆରମ୍ଭହୋଇ ୧୯ ତାରିଖରେ ଶେଷହେବାକୁ ଯାଉଥିବା ଖୋ ଖୋ ବିଶ୍ୱ କପପାଇଁ ମହିଳା ଦଳରେ ନୀଳଗିରି ଝିଅ ଶୁଭଶ୍ରୀ ସିଂ ଚୟନ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ନୀଳଗିରିରେ ଖୁସିର ଲହରୀ ଖେଳିଯାଇଛି। ନୀଳଗିରି ଏନଏସି ଅଧିନସ୍ଥ ୩ନମ୍ବର ୱାର୍ଡ ଶାଳବନ୍ଧ ଗ୍ରାମର ରବୀନ୍ଦ୍ର ସିଂ ଓ ସୀମାସିଂ ଙ୍କର କନିଷ୍ଠ କନ୍ୟା ଶୁଭଶ୍ରୀ (୧୯) ପିଲାବେଳୁ କିସ ଅନୁଷ୍ଠାନରେ ପଢୁଥିଲା ବେଳେ ଏବେ +୩ତୃତୀୟ ବର୍ଷ କଳାଛାତ୍ରୀ ଅଟନ୍ତି। ଶୁଭଶ୍ରୀ ଅତୀତରେ ଖୋ ଖୋ ଖେଳିରାଜ୍ୟ, ରାଜ୍ୟ ବାହାରୁ ବହୁ ପୁରସ୍କୃତ ହେବା ସହିତ ପ୍ରଶଂସିତ ହୋଇଥିଲେ। ତୁଳଶୀ ଦୁଇ ପତ୍ର ରୁ ବାସିଲା ପରି ଶୁଭଶ୍ରୀଙ୍କ ପ୍ରତିଭା ପିଲା ଦିନରୁ ବାରି ହେଉଥିଲା। ମହିଳା ବିଶ୍ୱ କପପାଇଁ ଭାରତୀୟ ଦଳ ଘୋଷଣା ପରେ ଓଡ଼ିଶା ରୁ ୨ଜଣ ମହିଳା ଖେଳାଳି ଙ୍କ ନାମ ଘୋଷଣା ହୋଇଥିଲା। ଜବାରହାରନେହୁରା ଷ୍ଟାଡିୟମ ରେ ଖେଳ ହୋଇଥିଲା। ସାମ୍ଭାବ୍ୟ ତାଲିକାରେ ଓଡ଼ିଶାରୁ ୭ଜଣ ଖେଳାଳିଥିଲା ବେଳେ ସମଗ୍ର ଦେଶରୁ ୬୦ଜଣ ଥିଲେ। ସେ ମଧ୍ୟରେ ଶୁଭଶ୍ରୀ ଙ୍କ ନାମ ଥିବା ଘୋଷଣା ହୋଇ ଥିବା ଜାଣି ପରିବାର, ବଂଧୁ ବାନ୍ଧବ ଓ ଗ୍ରାମବାସୀ ଜାଣିବା ପରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ଶାଳବନ୍ଧ ଗ୍ରାମର ଖୁସି ର ଲହରଖେଳିଯାଇଛି । ତାଙ୍କ ବାପା ରବୀନ୍ଦ୍ର ସିଂ ଜଣେ ଦିନ ମଜୁରିଆ ହୋଇଥିଲା ବେଳେ ମା ସୀମା ସିଂ ଶାଳବନ୍ଧ ଅଙ୍ଗନ ୱାଡି କେନ୍ଦ୍ରର ପିଅନ ଭାବେ କାର୍ଯ୍ୟରତ ଅଛନ୍ତି।ଅଭାବ ଅନାଟନ ଭିତରେ ବାପା ରବୀନ୍ଦ୍ର ଗରିବ ହୋଇଥିଲେ ସୁଦ୍ଧା ସେ ଆଜି ପର୍ଯ୍ୟନ୍ତ ଫୁଟବଲଖେଳ ଜାରୀ ରଖିଛନ୍ତି। ଖେଳକୁ ନେଇ ତାଙ୍କର ଅନେକ ସ୍ୱପ୍ନ ଥିଲା । ଖେଳ ପାଇଁ ରବୀନ୍ଦ୍ର ଚାକିର ଛାଡିବା ସହିତ ବାବା ଜଗବନ୍ଧୁ ଙ୍କ ଠାରୁ ଅନେକ ଥର ମାଡ଼ ଖାଇଥିବା କହିଛନ୍ତି। ସେ ଯେଉଁ ସ୍ୱପ୍ନ ଦେଖି ଥିଲେ ତାହା କରିପାରି ନଥିଲେ କିନ୍ତୁ ତାଙ୍କ ସାନ ଝିଅ ଶୁଭଶ୍ରୀ ଦେଶ ପାଇଁ ମହିଳା ବିଶ୍ୱ କପ ଖେଳାଳି ରୂପେ ସ୍ଥାନପାଇ ଥିବାରୁ ସେ ବହୁତ ଆନନ୍ଦିତ, ତାଙ୍କ ଜୀବନ ଧନ୍ୟ ହୋଇଗଲା ବୋଲି ଆମ ପ୍ରତିନିଧି ଙ୍କୁ କୋହ ଭରା କଣ୍ଠରେ କହିଛନ୍ତି।

## ଜାତୀୟ ଯୁବ ଦିବସରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୧୨/୧ (ନି.ପ୍ର): ଜାତୀୟ ଯୁବ ଦିବସ ଉପଲକ୍ଷେ ସାମାଜିକ ଅନୁଷ୍ଠାନ ୟୁଥ୍ ଫର ଭଲ୍ୟୁଂଟାରୀ ୱାର୍କ ଓ ମିଶନ ରକ୍ତଦାତା ଆନୁକୂଲ୍ୟରେ ରବିବାର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ରକ୍ତ ଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ହାସ୍ୟ ଅଭିନେତା ଜୀବନ ପଣ୍ଡା, ବିଶିଷ୍ଟ ସମାଜସେବୀ ହରପ୍ରସାଦ ମହାପାତ୍ର, ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହସ୍ପିଟାଲରେ ଚାଲିଗଲା...

କିନ୍ତୁ ଏହାକୁ ତାଙ୍କ ପରିବାର ଲୋକ ମାନି ନାହାନ୍ତି। ସେମାନଙ୍କ କହିବା କଥା ଯେ ଜେଲରେ ଜମାଲଙ୍କୁ ମାଡ଼ ମରାଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଜମାଲଙ୍କ ପୁଅ ଶେଖ ଜାଭେଦ ଇକବାଲ କହିଛନ୍ତି, "ଗାଁରେ କ'ଣ ଗୋଟିଏ ଝଗଡ଼ା ଘଟଣାରେ ମୋ ବାପାଙ୍କୁ ଫସାଇ ଗିରଫ କରାଯାଇଥିଲା। ମୋ ବାପା ଗାଁର ସର୍ଦ୍ଦାର ଥିଲେ। ତେଣୁ ତାଙ୍କୁ ମିଛ କେସ୍‌ରେ ଫସାଯାଇଥିଲା। ତାଙ୍କୁ ଗିରଫ କରି ଜେଲ ପଠାଯାଇଥିଲା। ଜେଲରେ ଦୁଇ ଦିନ ରହିବା ପରେ ସେ ଅସୁସ୍ଥ ହୋଇଯାଇଥିଲେ। ଏହାପରେ ତାଙ୍କୁ ହସ୍ପିଟାଲ ଅଣା ଯାଇଥିଲା। ହସ୍ପିଟାଲରେ ସେ ସାମାନ୍ୟ ସୁସ୍ଥ ହେବାରୁ ଆମକୁ ନ କହି ବାପାଙ୍କୁ ପୁଣି ଜେଲକୁ ନେଇଯାଇଥିଲେ। ଆଜି ମଧ୍ୟାହ୍ନରେ ମୋତେ ଫୋନ କରି ବାପାଙ୍କ ଦେହ ଭଲ ନଥିବା କୁହାଯାଇଥିଲା। ମୁଁ ପହଞ୍ଚିଲା ବେଳକୁ ବାପାଙ୍କ ମୃତ୍ୟୁ ହୋଇସାରିଥିଲା। ବାପାଙ୍କ ନାକ ଫାଟି ଯାଇଛି ଓ ମୁହଁ ଫୁଲି ଯାଇଥିଲା। ତେଣୁ ତାଙ୍କୁ ଜେଲରେ ନିର୍ଯାତନା ଦିଆଯିବା ସହ ମାଡ଼ ମରାଯାଇଛି। ଜେଲରେ ହିଁ ତାଙ୍କର ସମ୍ଭବତଃ ମାଡ଼ ଭୟରେ ହାର୍ଟଆଟାକ ହୋଇଥିଲା। ଏହାପରେ ନାଟକ କରି ସେମାନେ ହସ୍ପିଟାଲ ଆଣିଥିଲେ।"

### ଗୁଳିମାଡ଼ କରି ୮...

ଚାଳକକୁ ଧରି ଫେରି ଆସିଛି ବନ ବିଭାଗ ଟିମ୍। ଏନେଇ ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ 'ନୋ ଫିଶିଂ ଜୋନ'ରୁ ବେଆଇନ ଭାବେ କିଛି ମତ୍ସ୍ୟଜୀବୀ ମାଛ ଧରୁଥିବା ଖବର ପାଇଁ ଆମ ପାଟ୍ରୋଲିଂ ଟିମ୍ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ବାହାରେ ଥିବା ସେମାନଙ୍କ ଟିମକୁ ଖବର ଦେଇଥିଲେ। ସେମାନେ ୬ଟି ଟ୍ରଲର ନେଇ ଆସି ଆମ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ବ୍ଲାଙ୍କ ଫାୟାରିଂ କରିଥିଲେ। ଫରେଷ୍ଟର ସୁରେଶ ପୃଷ୍ଟିଙ୍କ ନେତୃତ୍ୱରେ ଯାଇଥିବା ପାଟ୍ରୋଲିଂ ଟିମ୍ ମଧ୍ୟ ଫାୟାରିଂ କରିଥିଲା। ହେଲେ ଏମାନେ କାବୁ କରିଥିବା ୯ଜଣଙ୍କ ମଧ୍ୟରୁ ୮ ଜଣ ସେମାନଙ୍କ ବୋଟକୁ ଡେଇଁ ଖସି ଯାଇଥିଲେ। ଶେଷରେ 'ତାରିଣୀ-୩' ଟ୍ରଲର ଓ ଏହାର ଚାଳକକୁ ଧରି ଫେରିଛି ବନ ବିଭାଗ ଟିମ୍। ତେବେ ଏଥିରେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି।

### କଂଗ୍ରେସର ବଡ଼ ...

ଆମେ ଏହି ଶିକ୍ଷିତ ଯୁବକମାନଙ୍କୁ ସେମାନଙ୍କ ଦକ୍ଷତା ରହିଥିବା ଇଣ୍ଡଷ୍ଟ୍ରୀରେ ମଧ୍ୟ ସାମିଲ କରିବାକୁ ଚେଷ୍ଟା କରିବୁ।" ଏହାପୂର୍ବରୁ କଂଗ୍ରେସ ଦିଲ୍ଲୀରେ ଭୋଟ ହାତେଇବା ପାଇଁ ଆହୁରି ଦୁଇଟି ବଡ଼ ବଡ଼ ଯୋଜନା ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲା। ଦଳ ପ୍ୟାରୀ ଦିଦି ଯୋଜନା ଅନୁସାରେ ଯୋଗ୍ୟ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଯୋଗାଇ ଦେବ ବୋଲି କହିଥିଲା। ସେହିପରି ଦିଲ୍ଲୀବାସୀଙ୍କୁ ଦଳ କ୍ଷମତାକୁ ଆସିଲେ ମାଗଣା ୨୫ ଲକ୍ଷ ଟଙ୍କା ଯାଏ ଚିକିତ୍ସା ସେବା ମିଳିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛି। ଜୀବନ ରକ୍ଷା ଯୋଜନା ଅଧୀନରେ ଲୋକଙ୍କୁ ଏହି ସୁବିଧା ମିଳିବ।

### ଏନ୍‌କାଉଣ୍ଟର: ଟଳିଲେ...

ଅପରେସନରେ ବାହାରିଥିଲେ। ପୁଲିସ ଓ ସୁରକ୍ଷାକର୍ମୀଙ୍କୁ ଦେଖି ନକ୍ସଲମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଏହାପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଏନକାଉଣ୍ଟରରେ ଉଠଉଗ ସ୍ତରର ନକ୍ସଲମାନଙ୍କୁ ହତ୍ୟା କରାଯାଇଥିବା ଖବର ରହିଛି। ଏବେବି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। କହିରଖୁ ଯେ, ଗତ ମଙ୍ଗଳବାର ବିଜାପୁରରେ ନକ୍ସଲମାନଙ୍କ ଦ୍ୱାରା ଲଗାଯାଇଥିବା ଓରଉ ବିସ୍ଫୋରଣରେ ଆଠ ଜଣ ଯବାନ ସହିଦ ହୋଇଥିଲେ। ଏହା ପରେ ନକ୍ସଲମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆହୁରି ତୀବ୍ର ହୋଇଥିଲା।

### ଜାନୁଆରୀ ୨୮ରୁ ଉତ୍କର୍ଷ ...

ଯେତିକି ପୁଞ୍ଜିନିବେଶ ଆସିବ, କିଭଳି ତା'କୁ ବାସ୍ତବତାର ରୂପ ଦିଆଯିବ, ତା' ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ, ଆମ ରାଜ୍ୟରେ ଯଦିଓ ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଭରି ରହିଛି, କିନ୍ତୁ ପୂର୍ବରୁ ଶିଳ୍ପସଂସ୍ଥାଙ୍କୁ ଠିକ୍ ସମୟରେ ଜମି ମିଳୁ ନଥିଲା। ସରକାରୀ ସ୍ତରରେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ବହୁ ବିଳମ୍ବ ହେଉଥିଲା। କିନ୍ତୁ ଡବଲ୍ ଇଞ୍ଜିନ ସରକାର ହେବା ପରେ ବହୁ ଶିଳ୍ପପତି ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଉଛନ୍ତି। ଅପରପକ୍ଷରେ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନକୁ ଆସିଥିବା ବହୁ ପ୍ରବାସୀ ରାଜ୍ୟର ପୁଞ୍ଜିନିବେଶ ସମ୍ଭାବନା ନେଇ ଜାଣିବାକୁ ଆଗ୍ରହ ଦେଖାଇଥିଲେ। ହୁଏତ ଉତ୍କର୍ଷ ଓଡ଼ିଶା କନକ୍ଲେଭ ଜରିଆରେ ସେମାନେ ମଧ୍ୟ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇପାରନ୍ତି ବୋଲି ଆଶା ରଖିଛନ୍ତି ବିଶେଷଜ୍ଞ। ତେବେ ଏହି କନକ୍ଲେଭ ବାସ୍ତବରେ କେତେ ସଫଳ ହେଉଛି, ଆଉ ରାଜ୍ୟକୁ କେତେ ଟଙ୍କାର ପୁଞ୍ଜିନିବେଶ ଆଗ୍ରହ ଆସୁଛି, ତାହା ଦେଖିବାକୁ ବାକି ରହିଲା।

### କୁମ୍ଭମେଳା ପାଇଁ ଆରମ୍ଭ....

ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆରମ୍ଭ କରିଥିବା ଏହି ସ୍ୱତନ୍ତ୍ର ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ବସରେ ଓଡ଼ିଶାରୁ ସିଧା ପ୍ରୟାଗରାଜ ଯିବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ମାର୍ଗ ପାଇଁ ୨ଟି ଲେଖାଏଁ ବସ୍ ରହିଛି। ଟିକେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିଛି। ଆସନ୍ତାକାଲିଠୁ ପ୍ରୟାଗରାଜରେ ମହାକୁମ୍ଭ ମେଳା ଆରମ୍ଭ ହେଉଥିବାବେଳେ ଓଡ଼ିଶାରୁ ମଧ୍ୟ ଶ୍ରଦ୍ଧାଳୁ କିପରି ମହାକୁମ୍ଭରେ ସାମିଲ ହୋଇପାରିବେ, ସେମାନଙ୍କ ସୁବିଧା ପାଇଁ ଏହି ବସ୍ ସେବା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଅନ୍ୟପଟେ ମହାକୁମ୍ଭ ମେଳା ପାଇଁ ଓଡ଼ିଶା ଦେଇ ପ୍ରୟାଗରାଜ ଗଡିବ ସ୍ୱତନ୍ତ୍ର ଟ୍ରେନ୍। ପୂର୍ବତଟ ରେଲୱେ ଏହି ୭ଟି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି। ଏହି ଟ୍ରେନ୍ ଗୁଡିକ ହେଲା, ଭୁବନେଶ୍ୱର-ଟୁଣ୍ଡଲା-ଭୁବନେଶ୍ୱର କୁମ୍ଭ ମେଳା ସ୍ପେଶାଲ। ଏହି ଟ୍ରେନ୍ ଖୋର୍ଦ୍ଧା, କଟକ, ଯାଜପୁର ଏବଂ କେନ୍ଦୁଝର ଦେଇ ଯିବ। ସେହିପରି ପୁରୀ-ଟୁଣ୍ଡଲା-ପୁରୀ କୁମ୍ଭ ସ୍ପେଶାଲ ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର ଏବଂ ବାଲେଶ୍ୱର ଦେଇ ଯିବ। ଟିଟିଲାଗଡ-ଟୁଣ୍ଡଲା-ଟିଟିଲାଗଡ କୁମ୍ଭ ସ୍ପେଶାଲ ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଦେଇ ଯିବ।

### ପୁଣି ଶ୍ରୀମନ୍ଦିର ....

ନିକଟରେ ଗତ ଜାନୁଆରୀ ୫ ତାରିଖ ଦିନ ଶ୍ରୀମନ୍ଦିରେ ଉପରେ ଡ୍ରୋନ ଉଡ଼ିଥିଲା। ଶ୍ରୀମନ୍ଦିର ମେଘନାଦ ପାଚେରୀ, ଦଧିନଉତି, ନୀଳଚକ୍ର ସବୁଠି ଅଟକି ଅଟକି ଭିଡିଓ ଶୁଟ୍ କରିଥିଲା। ଏମିତିକି ବେଶ ତଳକୁ ଓହ୍ଲାଇ ବି ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଛି। ଏସବୁକୁ ବାହାରେ ଥିବା ଶ୍ରଦ୍ଧାଳୁ ଦେଖିଥିଲେ ଓ ନିଜ ଫୋନରେ ରେକର୍ଡିଂ ବି କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଡ୍ରୋନ୍ ଉଡ଼ିଲା, ହେଲେ ପୁଲିସ୍ କିମ୍ବା ଶ୍ରୀମନ୍ଦିର ପ୍ରଶାସନର କୌଣସି ଅଧିକାରୀ ଏସମ୍ପର୍କରେ ଟିକିଏ ବି ଟେର ପାଇଲେନି।

# ସୁବର୍ଣ୍ଣରେଖା କଲେଜରେ ଗଦାଧରଙ୍କ ସ୍ମୃତି ସଭା




ଲଙ୍ଗଳେଶ୍ୱର , ୧୨/୧ (ନି.ପ୍ର): ତ୍ୟାଗ ଓ ବଳିଦାନ ପାଇଁ ବିପ୍ଳବୀ କର୍ମଯୋଗୀ ତଥା ପୂର୍ବତନ ବିଧାୟକ ଗଦାଧର ଗିରି ଜନ ମାନସରେ ଚିର ଦିନ ଅମର ହୋଇ ରହିବେ ବୋଲି ରବିବାର ସ୍ଥାନୀୟ ସୁବର୍ଣ୍ଣ ରେଖା କଲେଜରେ ଗଦାଧର ଗିରିଙ୍କ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।କଲେଜ ଅଧକ୍ଷ ପ୍ରାଧ୍ୟାପକ ଗୌରାଙ୍ଗ ରାଉତଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି, ଡ଼ଃ ବିଜୟ କୁମାର ଦେ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟାପକ ଅଶୋକ କୁମାର ଦାସ, ବାଲିଆପାଳ ଇତିହାସ ଲେଖକ ଡ଼ଃ ସୁକାନ୍ତ ଗିରି, ପ୍ରାକ୍ତନ କିରାଣୀ ମିହିର କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାଧ୍ୟାପକ ଶଚୀନ୍ଦ୍ର ନାଥ ଦତ୍ତ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ବେଣୁଧର ନାୟକ, ମନୋଜ କୁମାର ମହାପାତ୍ର, ସତ୍ୟ ନାରାୟଣ ସାହୁ, କାମିନୀ କାନ୍ତ ମହାନ୍ତି, ସୁଦର୍ଶନ ରଣା, ପ୍ରେମାନନ୍ଦ ସେଠୀ, ପ୍ରଶାନ୍ତ ସାହୁ, ଦେବାଶିଷ ସାମଲ, ଅଧ୍ୟାପିକା ରଶ୍ମିତା ପାଢ଼ୀ, ଶୁଭ୍ରାଞ୍ଜଳି ରାଉତ ପ୍ରମୁଖ ସ୍ୱର୍ଗତ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୮୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବରିଷ୍ଠ ପ୍ରାଧ୍ୟାପିକା ଶାନ୍ତିଲତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ ଯଶସ୍ୱିନି

ଖୋର୍ଦ୍ଧା, ୧୨/୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଆକ୍ସନ ଏଡ଼ର ମିଳିତ ଉଦ୍ୟମରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ ଯଶସ୍ୱିନି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଚଂଚଳ ରାଣା, ସମ୍ମାନୀୟ ଅତିଥି ଭାବରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇଥିଲେ । ଜିଲ୍ଲାପାଳ ଶ୍ରୀ ରାଣା କହିଥିଲେ ସମସ୍ତ କିଶୋରୀ ମା ମାଙ୍କୁ ଆମ ପରିବାରର ସଦସ୍ୟ ବୋଲି କହି ଥିଲେ ଏବଂ ଯଦି କୌଣସି ମା ଆଗକୁ ପାଠ କିମ୍ବା କୌଣସି ପ୍ରକାରର ଧନ୍ଦାମୂଳକ ଶିକ୍ଷାରେ ଇଚ୍ଛା ଥିବା ସେମାନଙ୍କୁ ସମସ୍ତ ପ୍ରକାରର ଜିଲ୍ଲା ପ୍ରଶାସନ ତରଫରୁ ସୁବିଧା ଯୋଗାଇ ଦିଆଯିବ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ଜିଲ୍ଲାରେ କିପରି ଭାବରେ ଏହି କାର୍ଯ୍ୟକ୍ରମକୁ ଆଗକୁ ନିଆଯାଇପାରିବ, ସେ ବିଷୟରେ ମତ ରଖି ଥିଲେ । ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି ଥିଲେ । ଆକ୍ସନ ଏଡ଼ର ନେସନାଲ ପ୍ରୋଗ୍ରାମ ଲିଡ୍ ଘାସିରାମ ପଣ୍ଡା କିଶୋରୀ ଗର୍ଭବତୀ ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇସିଡିଏସ୍ ପ୍ରୋଜେକ୍ଟ ର ୩୩ ଜଣ କିଶୋରୀ ମା ଓ କିଶୋରୀ ଗର୍ଭବତୀ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମରେ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ସ୍ୱାସ୍ଥ୍ୟ ଟିମ, ମାନସିକ ପରାମର୍ଶ ଟିମ ଏବଂ ଶିକ୍ଷା, ଜୀବିକା ଓ ସାମାଜିକ ନିରାପତା ଟିମ ଆଗରେ ସେମାଙ୍କର ସ୍ୱାମୀଙ୍କ ସହ ଉପସ୍ଥାପନ କରା ଯାଇଥିଲା । ସମସ୍ତ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ଚିକିତ୍ସ୍ୟ କରେଇବା ସହିତ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବଧରେ ଅବଗତ କରା ଯାଇଥିଲା । ଏହା ସହିତ ସେମାନଙ୍କୁ ଧନ୍ଦା ମୂଳକ ଶିକ୍ଷା ଓ ଅଧାରୁ ପାଠ ଛାଡି ଥିବା କିଶୋରୀ ମା'ମାନଙ୍କୁ ରାଜ୍ୟ ଶିକ୍ଷା ମୁକ୍ତ ବିଦ୍ୟାଳୟରେ ପାଠ ପଢିବା ପାଇଁ ପରାମର୍ଶ ଦିଆ ଯାଇଥିଲା । ପରିବାର ନିୟୋଜନ ସମ୍ପର୍କରେ ମଧ୍ୟ ଅବଗତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ସିଡିଏମଓ, ଡିଏଲ୍ଓ, ଡିଇଓ, ଜିଲ୍ଲା ଶୁଶୁ ସୁରକ୍ଷା ୟୁନିଟ, ମିଶନ ଶକ୍ତି, ଓଡିଶା ଜୀବିକା ମିଶନ ବିଭାଗର କର୍ମକର୍ତା, ଖୋର୍ଦ୍ଧା ସିଡିପିଓ ଯୋଗଦେଇଥିଲେ । ଆକ୍ସନ ଏଡ଼ର ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ଉତ୍କଳ ମାଇତି ପରିଚାଳନା କରି ଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୧୨/୧ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ତ୍ରୟୋବିଂଶ ତମ ବାର୍ଷିକ ଉତ୍ସବ ଓ ୧୬୩ ତମ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ସଭାପତି ତାରାକାନ୍ତ ଡ଼ାଙ୍ଗୁଆ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ର ଓଡିଆ ବିଭାଗ ମୁଖ୍ୟ ଡକ୍ଟର ରାଜେନ୍ଦ୍ର କୁମାର ବେହେରା ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଏ ବି ଇ ଓ ଅମୀୟ କୁମାର ମହାଳିକ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମ୍ପାଦକ ସୁକାନ୍ତ କୁମାର ବାରିକ, ଅଟଳ ବିହାରୀ ମହାବିଦ୍ୟାଳୟ ର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ପୁଷ୍ପାଞ୍ଜଳି ନାୟକ, ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ପାଣିଗ୍ରାହୀ ଓ ସହ ପ୍ରଧାନ ଆଚାର୍ଯ୍ୟ ଇପସିତା ମହାନ୍ତି। ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ଶିକ୍ଷା ଅନୁଷ୍ଠାନ କୁ ପ୍ରଶଂସା କରିଥିଲେ। ସଭାପତି ତାରାକାନ୍ତ ଡ଼ାଙ୍ଗୁ ଆ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ସ୍ୱରୂପ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରା ଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶୃଙ୍ଖଳା ଏବଂ ଆତ୍ମ ବିଶ୍ୱାସ ବୋଧ ହିଁ ଶିକ୍ଷାର୍ଥୀକୁ ମହାନ କରାଏ



ବାଲେଶ୍ୱର, ୧୨/୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଲଙ୍ଗଳେଶ୍ୱର ରେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର କଳା ଓ ସଂସ୍କୃତି ବିଭାଗ ତରଫରୁ ବାଲିଆପାଳ ସଂକୁଳ ସ୍ତରୀୟ ଶିଶୁ ମହୋତ୍ସବ' ସୁଗନ୍ଧ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଭାରତୀ ଶିକ୍ଷାକେନ୍ଦ୍ର, ଦରଡ଼ା ର ସମ୍ପାଦକ ଉମାକାନ୍ତ ମହାନ୍ତି ଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ମନମୋହନ ସେଠୀ, ମୁଖ୍ୟ ବକ୍ତା ଭାବେ ବାଲିଆପାଳ ସଂକୁଳ ପ୍ରମୁଖ ରାଜକିଶୋର ଦାଶ ଯୋଗ ଦେଇ ଶିଶୁ ମାନଙ୍କ ମଧ୍ୟରେ ରହିଥିବା ସୁପ୍ତ ପ୍ରତିଭା କୁ ବିକଶିତ କରିବାରେ ଶିଶୁ ମେଳା ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ସମ୍ମାନିତ ଅତିଥି ଭାବେ, ଶିକ୍ଷାବିତ ଦେବବ୍ରତ ବିଶ୍ୱଳ, ପିତାମ୍ବର ବେହେରା ଯୋଗ ଦେଇ ଶିଶୁ ମାନଙ୍କ ଅନ୍ତର୍ନିହିତ ପ୍ରତିଭା କୁ ବିକାଶ କରିବାରେ ଅଭିଭାବକ ଓ ଗୁରୁଜୀ ଗୁରୁମା ମାନେ ପ୍ରମୁଖ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେକ୍ଷ ଅନୁଷ୍ଠାନ ର ସଭାପତି ନିତ୍ୟାନନ୍ଦ ଦାସ ଙ୍କ ସଭାପତି ତ୍ୱ ରେ ମୁଖ୍ୟ ଅତିଥି ଭାବେ ଯୋଗେନ୍ଦ୍ର ଦାଶ ସଂକୁଳ ସ୍ତରୀୟ ଶିଶୁ ମେଳା ର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ପ୍ରାରମ୍ଭ ରେ ପ୍ରତି ଯୋଗୀ ମାନଙ୍କ ଦ୍ୱାରା ପୂଜନ କାର୍ଯ୍ୟକ୍ରମ ହୋଇବା ପରେ ନଗର ପରିକ୍ରମା କରାଯାଇଥିଲାଲ ଗୁରୁଜୀ ଲକ୍ଷ୍ମୀଧର ମଲ୍ଲିକ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ କରିଥିଲେ ଓ ଅନୁଷ୍ଠାନ ର ପ୍ରଧନ ଆଚାର୍ଯ୍ୟ ତ ବୈଜୟନ୍ତୀ ରାଉଳ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିଶୁ ମହୋତ୍ସବ ରେ ବାଲିଆପାଳ ସଂକୁଳ ର ସମସ୍ତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଶତାଧିକ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରବନ୍ଧ,ନାଚ,ଚିତ୍ରାଙ୍କନ, କୁଇଜ, ଏକକ ଅଭିନୟ,ଭାଷା ଜ୍ଞାନ,ସୁନ୍ଦର ହସ୍ତାକ୍ଷର, ବକ୍ତୃତା, ବିଜ୍ଞାନ ମେଳା ଆଦି ବିଭାଗ ରେ ପ୍ରତିଯୋଗିତା ହୋଇଥିଲା ଏହି ଶିଶୁ ମେଳା ରେ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଲଙ୍ଗଳେଶ୍ୱର କୁ ଚଳିତ ବର୍ଷ ଚମ୍ପିୟାନ ଆଖ୍ୟା ପ୍ରଦାନ କରାଯାଇଥିଲା ଶେଷରେ ଅତିଥି ମାନେ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥଲେ । ଏହି ଶିଶୁ ମେଳା ରେ ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

# ବସ୍ତାରେ 'ଜାତୀୟ ଯୁବ ଦିବସ' ଓ ବିବେକାନନ୍ଦ ଜୟନ୍ତୀ ନଗର ପରିକ୍ରମା




ବସ୍ତା , ୧୨/୧ (ନି.ପ୍ର): ଭାରତର ରାଷ୍ଟ୍ରୀୟ ସନ୍ଥ ଯୁବମାନସର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜନ୍ମ ଜୟନ୍ତୀ ରାଷ୍ଟ୍ରୀୟ ଯୁବ ଦିବସ ଭାବରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ଜୟନ୍ତୀ ସଭା ଅନୁଷ୍ଠିତ ହେବାସହ ବିବେକ ଧ୍ୱଜ ଉତ୍ତୋଳନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ର ସଭାପତି ଶଙ୍କର କୁମାର କର, ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ା, ନରେନ୍ଦ୍ର ନାଥ ସେଠୀ ପ୍ରମୁଖ ସ୍ୱାମୀ ଜୀ ଙ୍କ ଜୀବନାବଳୀ ଆଲୋଚନା କରିବାସହ ଆମେରିକା ର ଚିକାଗୋ ସହରରେ ପ୍ରଥମ ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କ ଦ୍ୱାରା ଦିଆଯାଇଥିବା ଉଦବୋଧନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପରେ ଛାତ୍ରଛାତ୍ରୀ ମାନେ ଏକ ସୁସଜ୍ଜିତ ମାନରେ ସ୍ୱାମୀ ବିବେକାନନ୍ଦ,ଭାରତମାତା, ରାମକୃଷ୍ଣ ପରମହଂସ ଓ ସାରଦା ଦେବୀଙ୍କ ବେଶ ରେ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଜୟ ଘୋଷ ସହ ବସ୍ତା ସହର ପରିକ୍ରମା କରିଥିଲେ। ପରେ କୃତୀ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ କୁ ଉପ ପ୍ରଧାନାଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢୀ, ପୁଷ୍ପଲତା ପଟ୍ଟନାୟକ, ଶରତ ପାତ୍ର, ପ୍ରଶାନ୍ତ ଗିରି,ସୁଶାନ୍ତି ଲତା ବେହେରା,ନମିତା ଦାସ,ରୀତା ବେହେରା, ରାଜଶ୍ରୀ ଦାସ ,ମମିତା ପାତ୍ର,ଗୀତା କାମିଲା,ପ୍ରମିଳା ଯେନା ପ୍ରମୁଖ ପରିଚାଳନା କରିଥିଲେ।

# ଇଫକୋ ପରିସରରେ ବାର୍ଷିକ ଫେଟେ-୨୦୨୫ ଆୟୋଜିତ

## ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା




ପାରାଦୀପ, ୧୨/୧ (ନି.ପ୍ର): ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ତାର ବାର୍ଷିକ ଫେଟେ-୨୦୨୫ ସଫଳତାର ସହିତ ଆୟୋଜିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବେ ଇଫକୋର ବୈଷୟିକ ନିର୍ଦ୍ଦେଶକ କେଜେ ପଟେଲ ଓ ମମତା ପଟେଲ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥୀ ଭାବେ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ପରିଚାଳକ ପିକେ ମହାପାତ୍ର, ସୁପ୍ରିୟା ମହାପାତ୍ର, ପିପିଏଲ୍‌ର ମୁଖ୍ୟ ପଲାନୀ ସ୍ୱାମୀ, ପିପିଏଲ୍‌ର ପ୍ରବନ୍ଧକ ଦେବେନ୍ଦ୍ରକୁମା ଭାସ୍କର ଯୋଗ ଦେଇଥିଲେ । ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ସନ୍ଦିପା ରଥ, ସମ୍ପାଦିକା ଚନ୍ଦନା ପ୍ରିୟଦର୍ଶିନୀ, ଯୁଗ୍ମ ସମ୍ପାଦିକା ଲିପିକା ଦଳାଇ ଓ କୋଷାଧ୍ୟକ୍ଷା ସାଲିନି ପାଣ୍ଡେଙ୍କ ମିଳିତ ସହଯୋଗ ରେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା । ଫେଟେରେ ସୁନ୍ଦର ଖାଦ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଗୃହ ଉପକରଣ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୋକଙ୍କ ପାଖରେ ଉପଲବ୍ଧ ହୋଇଥିଲା । ଯାହାକୁ ଇଫକୋ ଅନ୍ତେବାସୀ ଆଗ୍ରହର ସହିତ କିଣୁଥିବା ଦେଖିବାକୁ ମିଳିଥିଲା । ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍ ମହିଳାମାନଙ୍କ ସାମଗ୍ରୀକ ବିକାଶରେ ଦୀର୍ଘ ଦିନ ଧରି କାମ କରିବା ସହିତ ମହିଳାମାନଙ୍କ ପାଇଁ ଏହା ଉଦାହରଣ ସୃଷ୍ଟି କରିଛି । ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଜ୍ୟୋତି ଲେଡିଜ୍ କ୍ଲବ୍ ବିଶେଷ ଭାବେ ସଫଳତା ହାସଲ କରି ପାରିଛି । ଜ୍ୟୋତି ଲେଡିଜ୍ କ୍ଲବ୍‌ର ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରୀତ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# କୋଶମ୍-୨୦୨୫ ପ୍ରସ୍ତୁତି ଓ ସଫଳ ଆୟୋଜନ ସମ୍ବନ୍ଧେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା 'କୋଶମ୍ -୨୦୨୫' ତଥା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରୀକରଣ ମେଳା ଚଳିତ ଜାନୁଆରୀ ୧୩ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ଲାଇନ୍ ପଡିଆରେ ଆୟୋଜିତ ହେବାକୁ ଯାଉଛି। ଏଥି ନିମନ୍ତେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନ ଘ. ୧୧ ଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିଶ୍ୱରଞ୍ଜନ ନାୟକ ତଥା ଡେପୁଟି ସିଇଓ ଓରମାସ ଶ୍ରୀ ଶାନ୍ତନୁ ବାନାର୍ଜୀ ମଧ ମଞ୍ଚାସୀନ ଥିଲେ । ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ଜିଲ୍ଲାସ୍ତରୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଶ୍ରୀ ବିକାଶ 'କୋଶମ-୨୦୨୫' ର ସଫଳ ଆୟୋଜନ ପାଇଁ ଆବଶ୍ୟକୀୟ ବର୍ଗଗୁଡିକ ସଠିକ୍ ଭାବରେ ଯାଞ୍ଚ କରାଯାଇ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ମତ ପ୍ରକାଶ କରିଥିଲେ ଓ ଦେଶର ୧୦ଟି ରାଜ୍ୟ ଏହି ମେଳାରେ ଭାଗ ନେଉଥିବା ବେଳେ ଓଡ଼ିଶାର ୩୦ଟି ଜିଲ୍ଲା ଏହି ମେଳାରେ ନିଜର ବିବିଧ ସଂସ୍କୃତିର ପ୍ରଦର୍ଶନ କରିବେ ଓ ଏହି ମେଳାରେ ବିଭିନ୍ନ ବିଭାଗୀୟ ଓ କୃଷି ଯନ୍ତ୍ରୀକରଣ ଉପରେ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଖୋଲିବାର ବ୍ୟବସ୍ଥା ରହିଛି। ସଂଧ୍ୟାରେ ସ୍ଥାନୀୟ, ଓଡ଼ିଶା ତଥା ରାଜ୍ୟସ୍ତରୀୟ କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟୀର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ। ଶେଷରେ ଜିଲ୍ଲାପାଳ ଶ୍ରୀ ବିକାଶ ଗଣମାଧ୍ୟମର ସକ୍ରିୟ ସହଭାଗିତା ଦ୍ୱାରା କୋଶମ୍-୨୦୨୫ ର ସଫଳ ଆୟୋଜନ ପାଇଁ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ ।

# ଜନନେତା ଗଦାଧର ଗିରିଙ୍କ ୩୮ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ



ଲଙ୍ଗଳେଶ୍ୱର, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଳି ହଟା ପଡ଼ିଆ ଠାରେ ରବିବାର ଅପରାହ୍ନରେ ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ହାଜିରା ଙ୍କ ସଭାପତିତ୍ୱରେ ବାଲିଆପାଳ ର ଜନନେତା ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ୩୮ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ଓ ପଞ୍ଚୁପାଳି ବଜାର କମିଟିର ମିଳିତ ସହଯୋଗ ରେ ଅନୁଷ୍ଠିତ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନି ଜେନା, ଦୈନିକ ଖବର କାଗଜ ସତ୍ୟର ସ୍ୱର ନିର୍ଭୟ ର ସମ୍ପାଦକ ନବୀନ ଦାସ, ବିଶିଷ୍ଟ ହାସ୍ୟ କଳାକାର ବିଭୁ ମିଶ୍ର,ସ୍ୱର୍ଗତ ଗିରିଙ୍କ ଧର୍ମ ପତ୍ନି ଲବଙ୍ଗ ଲତା ଗିରି , ସ୍ୱାଗତ ଗିରୀଙ୍କ ସୁପୁତ୍ର ବିକାଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇ ଗଦାଧର ଗିରିଙ୍କ ଫୋଟୋ ଚିତ୍ର ରେ ପୁଷ୍ପ ମାଲ୍ୟା ଅର୍ପଣ କରି ବକ୍ତବ୍ୟ ମାଧ୍ୟମରେ କହି ଥିଲେ ଆଜିର ନେତୃମଣ୍ଡଳି ସ୍ୱାଗତ ଗିରୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବା ଦରକାର। ଗଦାଧର ଗିରି ଜଣେ ନେତାପରି ନେତାଟିଏ ଥିଲେ ।ସେ ଖାଲି ବାଲିଆପାଳ କାହିଁକି ସମଗ୍ର ଓଡ଼ିଶାରେ ବେଶ ଜଣା ଶୁଣା ଜନ ନେତା ଥିଲେ। ଏହି ଅବସରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ତଥା ରାଜ୍ୟ ପାନଚାଷୀ ସମୋନାୟ ସମିତିର ସଭାପତି ବିକାଶ ଚନ୍ଦ୍ର ଗିରିଙ୍କୁ ବାଲିଆପାଳ ବ୍ଲକ ପାନଚାଷୀ ସମୋନାୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରଯାଇଥିବା ବଳେ ଗଦାଧର ଗିରି ସ୍ମୃତି ପାରିଷଦ ପକ୍ଷରୁ ସୃଷ୍ଟି ଧର ନାୟକ ଏବଂ କୁମୁଦ ରଞ୍ଜନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ । ସେହି ପରି କାଳିପଦା ବଜାର କମିଟି ଓ ବିଜୟୀ ବାଲିଆପାଳ ଜନ ଆନ୍ଦୋଳନ ସ୍ମାରକୀ ମଞ୍ଚ ପକ୍ଷରୁ କାଳି ପଦା ବଜାରରେ ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସଙ୍କ ସଭୋତିତ୍ୱରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ପରିଚଳନା ରେ ଗଦାଧର ଗିରିଙ୍କ ୩୮ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଏହି ସଭାରେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନି ଜେନା, ବସ୍ତା ବିଧାନସଭା ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକ ପୂର୍ବତନ ବିଧାୟକ କିଶୋର ଦାସ, ଆଇନଜୀବୀ ବିଜୟ ପାଣିଗ୍ରହୀ, ସର୍ବୋଦୟ ନେତା ବିଧାନ ଚନ୍ଦ୍ର ରାୟ, ନାରୀ ନେତ୍ରୀ ଶ୍ରଦ୍ଧାଞ୍ଜଳୀ ରାୟ, ଅଧାପିକା ମମତା ମହାନ୍ତି, ବାଲି ଆପାଳିଆ ମଞ୍ଚର ଆବାହକ ତଥା ସାମାଜିକ କର୍ମୀ ସତ୍ୟକାମ ମହାନ୍ତି, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇ ସର୍ଗତ୍ୱ ଗିରିଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଅମର ଆତ୍ମାର ସ୍ମୃତି ଚାରଣ କରିଥିଲେ।

# ଜାତୀୟ ଯୁବ ଦିବସ ପାଳନ ଅବସରରେ ସଭା ଓ ଶୋଭାଯାତ୍ରା

ଖଇରା, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଜାତୀୟ ଯୁବ ଦିବସ ପାଳିତ ହୋଇ ଯାଇଛି । ନଟାପଡା ସାଇ ପବ୍ଲିକ ସ୍କୁଲ,ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ମାନେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଖଇରା ବଜାର ପରିକ୍ରମା କରିଥିଲେ । ସେହିଭଳି ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନର ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଦୁର୍ଗାମଣ୍ଡପରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ପଣ୍ଡା,ମାଗୁଣି ଭୂୟାଁ,ପୂର୍ଣ୍ଣଚନ୍ଦ୍ର ଜେନା,ଡମ୍ବରୁଧର ଜେନା,କୁମମଣି ଦେଇ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ ।

# ଜୟଦେବ ଭବନରେ ସାଗରିକା କଳା ନିକେତନର ନୃତ୍ୟ ପରିବେଷଣ




ପାରାଦ୍ୱୀପ , ୧୨/୧ (ନି.ପ୍ର): ବନ୍ଦର ନଗରୀ ସର୍ବ ପୁରାତନ ଅନୁଷ୍ଠାନ ଏବଂ ପାରାଦ୍ୱୀପ ଓଡ଼ିଶୀ ନୃତ୍ୟ ଶିକ୍ଷାର ଏକୁଡ଼ିଶାଳ ସାଗରିକା କଳା ନିକେତନର ଛାତ୍ର ଛାତ୍ରୀ ମାନେ ଭୁବନେଶ୍ୱରର ଜୟଦେବ ଭବନ ଠାରେ ନୃତ୍ୟ ବିଳାସ ତରଫରୁ ଆୟୋଜିତ ପଦ୍ମଶ୍ରୀ ଡା ମିନତି ମିଶ୍ର ଓ ଗୁରୁଶ୍ରୀ ଗନ୍ଧି ମଲ୍ଲିକ ସମ୍ମାନ ୨୦୨୫ କାର୍ଯ୍ୟକ୍ରମରେ ଓଡିଶୀ ତଥା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରି ବନ୍ଦର ସହରକୁ ପ୍ରଶଂସା ଆଣିଦେଇଛନ୍ତି । ସାଗରିକା କଳା ନିକେତନର ଛାତ୍ର ଛାତ୍ରୀ ମାନେ ନିୟମିତ ଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସହରକୁ କେବଳ ପ୍ରଶଂସା ଆଣି ଦେଇନାହାନ୍ତି ତା ସଙ୍ଗେ ସଙ୍ଗେ ଓଡ଼ିଶୀ ନୃତ୍ୟର ପ୍ରଚାର ଏବଂ ପ୍ରସାର କରିଚାଲିଛନ୍ତି । ଏହି ଅନୁଷ୍ଠାନର ଗୁରୁ ବ୍ରଜ କିଶୋର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରୁଥିବା ବନ୍ଦର ଅଧିକାରୀ ତଥା କର୍ମଚାରୀ ମାନଙ୍କ ପିଲାମାନେ ସଦ୍ୟ ସମାପ୍ତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଓ ଅନ୍ୟ ସମସ୍ତ ବନ୍ଦରକୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଥିଲେ ଓ ପ୍ରଶଂସା ସାଉଁଟି ଥିଲେ । ଏହା ମଧ୍ୟରେ ସାଗରିକା କଳା ନିକେତନ ଅନେକ ଛାତ୍ର ଛାତ୍ରୀ ସୃଷ୍ଟି କରିସାରିଛି ଓ ସେମାନଙ୍କ ମଧ୍ୟରୁ ଶୁଭଶ୍ରୀ ବେଉରା, ସ୍ମୃତିକାନ୍ତ ଶର୍ମା, ଅନ୍ୱେଷା ପରିଡ଼ା ଆଦି ଓଡ଼ିଶୀ ନୃତ୍ୟକୁ ପେଶା ଭାବରେ ଗ୍ରହଣ କରି ନୂତନ ପିଢ଼ିକୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଅର୍ଥ ଉପାର୍ଜନ କରିବାରେ ସଫଳ ହୋଇ ପାରିଛନ୍ତି ।

# ବିଶିଷ୍ଟ କବି ବ୍ରଜନାଥ ରଥଙ୍କ ନବେତମ ଜୟନ୍ତୀ ତଥା ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ପାଳନ



ବାଲେଶ୍ୱର, ୧୨/୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ କବି ଡ଼ ବ୍ରଜନାଥ ରଥ ଓଡ଼ିଆ କାବ୍ୟ କବିତା ରଚନା ଦିଗରେ ଥିଲେ ଜଣେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ତାଙ୍କର ପ୍ରତ୍ୟେକ କବିତାରେ ଥିଲା ସମାଜବାଦ ଓ ମାନବବାଦର ଉଦାତ୍ତ ସ୍ୱର । କଳା ସାହିତ୍ୟର ଶ୍ରୀକ୍ଷେତ୍ର ଭାବରେ ପରିଗଣିତ ବାଲେଶ୍ୱରମାଟିରେ ବ୍ୟାସକବି ଫକୀର ମୋହନଙ୍କ ପରେ ସେ ଥିଲେ ଦ୍ୱିତୀୟ ବଳିଷ୍ଠ ସ୍ରଷ୍ଟା ବୋଲି କବି ବ୍ରଜନାଥ ରଥଙ୍କ ନବେତମ ଜୟନ୍ତୀ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ଅଷ୍ଟାଦଶ ଉତ୍ସବରେ ଯୋଗଦେଇ ମୁଖ୍ୟ ଅତିଥି କବି ମନୋରମା ବିଶ୍ୱାଳ ମହାପାତ୍ର ପ୍ରକାଶ କରିଥିଲେ । ସୁନହଟସ୍ଥିତ କବିଙ୍କର ଜନ୍ମସ୍ଥାନରେ ପ୍ରତିଷ୍ଠିତ କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ଏହି ସମାରୋହରେ ପ୍ରତିବର୍ଷଭଳି ଏ ବର୍ଷ ତିନିଜଣ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ଓ କବି ବ୍ରଜନାଥ ରଥ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କବି ବ୍ରଜନାଥ ରଥ ଓ କବି ଶୁଭେନ୍ଦୁ ମୋହନ ଦାସଙ୍କ ସହ ତିନୋଟି ନିଃଶ୍ୱାସ ଭଳି କବିତା ସଙ୍କଳନ ସୃଷ୍ଟି କରିଥିବା ବର୍ଷୀୟାନ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, ପ୍ରଗତିବାଦୀ କବି ଓ ଜନଜାତି ଆନ୍ଦୋଳନର ଲେଖକ ବିଜୟ କୁମାର ଉପାଧ୍ୟାୟଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ତଥା କବି ବ୍ରଜନାଥ ରଥଙ୍କ କାବ୍ୟ କବିତାକୁ ଅସମୀୟା ଭାଷାରେ ଅନୁବାଦ କରିଥିବା ଆସାମର କାମରୂପ ମହାବିଦ୍ୟାଳୟର ଅଧ୍ୟାପିକା ବିଶିଷ୍ଟ ଅନୁବାଦିକା ଓ ଲେଖିକା ବର୍ଣ୍ଣାଳି ଡେକାଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଗଲା । ପ୍ରତିବର୍ଷପରି ଏବର୍ଷ ପ୍ରତିଷ୍ଠିତ ସାରସ୍ୱତ ସମ୍ମାନ ଗ୍ରହଣ କରିଥିବା ସାରସ୍ୱତ ପ୍ରତିଭାମାନଙ୍କୁ ନଗଦ ପଚିଶ ହଜାର ଟଙ୍କା, ପାଞ୍ଚ ହଜାର ଟଙ୍କା ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ କବି ପ୍ରହରାଜ ସତ୍ୟ ନାରାୟଣ ନନ୍ଦ କହିଲେ ଯେ ବ୍ରଜବାବୁଙ୍କ କବିତା କାଳଜୟୀ ସୃଷ୍ଟି ଭାବରେ ବଞ୍ଚି ରହିଥିବ । ତାଙ୍କ ସାନ୍ନିଧ୍ୟରେ ମୋର ଜୀବନ ଓ କବିତା ହୋଇଥିଲା ଧନ୍ୟ । ତାଙ୍କ ଅବର୍ତ୍ତମାନରେ ତାଙ୍କ ନାଁରେ ଗ୍ରହଣ କରୁଥିବା ଏ ସମ୍ମାନ ମୋ ଜୀବନର ସର୍ବଶ୍ରେଷ୍ଠ ସମ୍ମାନ ହୋଇ ରହିବ । ସ୍ମୃତି ସମ୍ମାନ ଗ୍ରହଣ କରି କବି ବିଜୟ ଉପାଧ୍ୟାୟ କବିଙ୍କ ସହ ବିତେଇଥିବା ମହାର୍ଘ୍ୟ ସମୟକୁ ମନେ ପକେଇ କହିଥିଲେ କବି ରଥ ଥିଲେ ଏ ମାଟିର ଦ୍ୱିତୀୟ ସେନାପତି । ଆସାମର କାମରୂପ ମହାବିଦ୍ୟାଳୟର ଅସମୀୟା ଭାଷା ସାହିତ୍ୟର ଅଧାପିକା ଡ଼ଃ ବର୍ଣ୍ଣାଳି ଡେକା କହିଲେ ମୋ ଜୀବନରେ ମୁଁ ଯେତେ ଅନୁବାଦ କରିଛି ସେ ସବୁଭିତରେ କବି ରଥଙ୍କ କବିତାର ଅନୁବାଦ ଥିଲା ମୋର ଶ୍ରେଷ୍ଠତମ । କବି ବ୍ରଜନାଥ ମୋ ପାଇଁ କେବଳ ଜଣେ କବି ନ ଥିଲେ ସେ ଥିଲେ ମୋର ଅନନ୍ୟ ପ୍ରେରଣାର ଉତ୍ସ । ବିଶିଷ୍ଟ ଗବେଷିକା ଡ଼ ନିବେଦିତା ମହାନ୍ତି ସଭାପତିତ୍ୱ କରି ଦିବଙ୍ଗତ କବିଙ୍କୁ ବାଲେଶ୍ୱର ସାରସ୍ୱତ ଜଗତର ଅଭିଭାବକ ବୋଲି ନିଜର ଅଭିଭାଷଣରେ କହିଲେ । ପ୍ରାରମ୍ଭରେ କବି କାଳିକିଙ୍କର ଦାସଙ୍କ ସଂଯୋଜନାରେ ତିନୋଟି ନିଃଶ୍ୱାସର ଆକାଶ କବିତା ସଙ୍କଳନରୁ କବି ବ୍ରଜନାଥ ରଥଙ୍କ କବିତାକୁ ଡ଼ଃ ଅରବିନ୍ଦ ଗିରି, ଡ଼ଃ ଶିରିଷ ଚନ୍ଦ୍ର ଜେନା, କବୀ ଦୀପ୍ତି ଦାସ, ଦୀପକ ବୋଷ, ଡ଼ଃ କୁମାର ଗୋପାଳ, ଡ଼ଃ ରାଧାରଂଜନ ପଟନାୟକ, କବି ବଂଶୀଧର ଚୌଧୁରୀ, କବୀ ପ୍ରୀତିଲେଖା ଦାସ, କବି ମନସ୍ୱିନୀ ଦେବୀ, କବି ରଂଜନ ବାଗ,କବି ସୁବାସ ସ୍ୱାଇଁ, କବୀ ସୌଭାଗିନୀ ମିଶ୍ର, କବି ଅନସୂୟା ରଥ ଆଦି ପଠନ କରିଥିଲେ । କବି ବ୍ରହ୍ମନାଥ ରଥ ମଞ୍ଚ ଆହ୍ୱାନ କରିଥିଲା ବେଳେ ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ କାଳିକିଙ୍କର ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉତ୍ସବରେ ଗାଳ୍ପିକ କାଳିକିଙ୍କରଙ୍କର ପଞ୍ଚମ ଗଳ୍ପ ସଂକଳନ 'ଶୂନରେ ଶୂନ ଶୂନ' ଓ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ଦ୍ୱିତୀୟ ବର୍ଷ ଦ୍ୱିତୀୟ ସଂଖ୍ୟା ଅତିଥିମାନେ ଲୋକାର୍ପିତ କରିଥିଲେ । ମାନପତ୍ର ପାଠ କରିଥିଲେ ସୌଭାଗିନୀ ମିଶ୍ର, ଦେବୀଦତ୍ତ ଆଚାର୍ଯ୍ୟ ଓ ଅନୁରାଗ ମିଶ୍ର ତଥା ପ୍ରାରମ୍ଭରେ ବହ୍ନିମାନ ରଥ ମନସ୍ୱିନୀ ଦେବୀଙ୍କ ରଚନାରୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ବଂଧୁମିଳନ ଉତ୍ସବରେ ବାଲେଶ୍ୱର ଓ ବାଲେଶ୍ୱର ବାହାରୁ କବି, ଲେଖକ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ତଥା ମନସ୍ୱିନୀ ଦେବୀ ଧନ୍ୟବାଦ ଦେଇଥିଲେ ।

# ବୋହୂ ଅମିତାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧରେ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀ ଓ ସ୍ତ୍ରୀ ଜଞ୍ଜମଣିଙ୍କ ପ୍ରତିମୂର୍ତ୍ତି ଅନାବରଣ



ବାଲେଶ୍ୱର, ୧୨/୧(ନି.ପ୍ର) : ବାଲେଶ୍ୱର ସହରଠୁ ମାତ୍ର ୧୦ କି.ମି. ଦୂର ରସାଳପୁର ଗ୍ରାମରେ ଭାରତ ସ୍ୱାଧୀନତା ଆନ୍ଦୋଳନ ସମୟରେ ବାଲେଶ୍ୱରର ଶେଷ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀ ତଥା ତାଙ୍କ ସହଧର୍ମିଣୀ ଜଞ୍ଜମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ରେମୁଣା ନିର୍ବାଚନ ମଣ୍ଡଳୀର ବିଧାୟକ ଏବଂ ରାଜ୍ୟର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ଇଂରଜ ବିରୋଧୀ ଆନ୍ଦୋଳନରେ ମାତ୍ର ୧୨/୧୩ ବର୍ଷ ବୟସର ଜୀବନକୁ ଉତ୍ସର୍ଗ କରି ନିଜର ଛୁଆପିଲା, ସ୍ତ୍ରୀଙ୍କୁ ଛାଡ଼ି ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଯେଉଁ କୀର୍ତ୍ତିମାନ ତିଆରି କରିଯାଇଥିଲେ, ତାଙ୍କରି ସ୍ମୃତିରେ ଜୀବନବାଦୀ ସୁଲେଖକ ନିରଞ୍ଜନ ଖୁଣ୍ଟିଆଙ୍କ ରଚିତ 'ଗଦିଆ' ଶିରୋନାମାର ଏକ ଦୁର୍ଲ୍ଲଭ ଜୀବନୀଗ୍ରନ୍ଥ ଲୋକାର୍ପିତ ହେବା ସଂଗେସଂଗେ ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ବଡ଼ବୋହୂ ବାୟୁସେନା ଅବସରପ୍ରାପ୍ତ ସ୍ୱାମୀ ଶିବାଜୀଙ୍କ ଧର୍ମପତ୍ନୀ ଅମିତା ଜୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ସୁଦୃଶ୍ୟ ସ୍ମୃତିଲେଖ୍ୟ 'ଅମିତାଞ୍ଜଳି' ବିଧାୟକ ଶ୍ରୀ ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଗ୍ରାମବାସୀ, ପୂର୍ଣ୍ଣ ଓ ଜଞ୍ଜପ୍ରେମୀ ଏବଂ ଅମିତା ଦାସଙ୍କ ବହୁ ବନ୍ଧୁବାନ୍ଧବ ରସାଳପୁର ଆଖପାଖର ସାହିପଡ଼ିଶା, ଗ୍ରାମବାସୀ ତଥା ପରିବାରର ସମସ୍ତ ସଦସ୍ୟ ଉତ୍ତରାଧିକାରୀମାନେ ଉପସ୍ଥିତ ରହି ଦିବଂଗତ ଆତ୍ମା ଜଞ୍ଜମଣି, ପୂର୍ଣ୍ଣଚନ୍ଦ୍ର ଏବଂ ଅମିତା ଦାସଙ୍କ ସ୍ମୃତିଚାରଣ ପୂର୍ବକ ଅମର ଆତ୍ମାମାନଙ୍କର ସଦ୍‌ଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିବାରର ଜ୍ୟେଷ୍ଠାକନ୍ୟା ବିଳାସିନୀ, ଜ୍ୟେଷ୍ଠପୁତ୍ର ଶିବାଜୀ, କନିଷ୍ଠା କନ୍ୟା ସୁବାସିନୀ, କୁମୁଦିନୀ, କନିଷ୍ଠପୁତ୍ର ଶ୍ରୀଦେବ, ମେଜର ଜେନେରାଲ୍ ସୁଧାକର, ବୋହୂ, ନାତି, ନାତୁଣି ଓ ନାତୁଣୀବୋହୂ ମାନଙ୍କ ଦ୍ୱାରା ଯଥାଯଥ ପରିଚାଳିତ ହୋଇଥିଲା। ସର୍ବଶେଷରେ ପୂର୍ଣ୍ଣ, ଜଞ୍ଜ ଓ ଅମିତାପ୍ରେମୀମାନଙ୍କୁ ପରିବାର ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ନାକପଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସୋର ବ୍ଲେଣ୍ଡର ସ୍ତ୍ରାଇଡ ଚାମ୍ପିୟନ



ଖଇରା, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ସାରଡାଙ୍ଗ ମିନିଷ୍ଟାଡିୟମରେ ବଜରଙ୍ଗବଲ୍ଲୀ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନାକପଦା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଦିନ ଉଦଯାପିତ ହୋଇ ଯାଇଛି । ଫାଇନାଲ ଦିବସର ସୁପରଓଭର ମ୍ୟାଚରେ ସୋରର ବ୍ଲେଣ୍ଡର ସ୍ତ୍ରାଇଡ କେନ୍ଦୁଝରର ଟିକୁ ଚେଞ୍ଜରକୁ ୪ରନରେ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ମାନସ ପ୍ରଧାନ ଓ ମନୋରଞ୍ଜନ ଦାସ ମ୍ୟାଚ ପରିଚାଳନା କରିଥିଲେ । ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ଫାଇନାଲ ଖେଳକୁ ଉଦଘାଟନ କରିଥିଲେ । ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା ଖେଳ ମଧ୍ୟାନ୍ତରରେ ପହଞ୍ଚି ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରିବା ଅବସରରେ ପଡିଆର ଉନ୍ନତିକରଣ ପ୍ରତିଶୃତି ଦେଇଥିଲେ । ସରପଞ୍ଚ ପ୍ରଣତିବାଳା ମାଝୀ,ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝୀ,ଯୁବନେତା ବୈକୁଣ୍ଠ ସେଠୀ,ସୁରେଶ ଚନ୍ଦ୍ର ମାଝୀ ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ପୁରସ୍କାରବିତରଣୀ ଉତ୍ସବରେ ଯୋଗ ଦେଇ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ନିରଞ୍ଜନ ସେଠୀ, ମୁରଲୀଧର ବାରିକ, ଉମାକାନ୍ତ ରାଉଳ, ଡମ୍ବରୁଧର ବେହେରା, ନରେନ୍ଦ୍ର ସେଠୀ, ଧିରେନ୍ଦ୍ର ବାରିକ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଦେବଯୁଗ ପରିବାରର ଉଦ୍ଘାଟନୀ ସମାରୋହ




ଭୁବନେଶ୍ୱର, ୧୨୩/୧(ନି.ପ୍ର) : ଏକ ସର୍ବ ବିକଶିତ ଦେଶ ଓ ରାଜ୍ୟର ପରିଚୟ ତାର ଯୁବବର୍ଗ ସାଧନ କରୁଥିବା ଦିଶାରୁ ହିଁ ଚିହ୍ନଟ ହୋଇଥାଏ। ହୋଟେଲ୍ ଆଇ ଟି ସି ଫରଚୂନ୍, କଳ୍ପନା ଛକ, ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ବୈଠକ ସମାରୋହରେ ଦେବଯୁଗ୍ ପରିବାର ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦେବବ୍ରତ ନାୟକ ଏବଂ ତାଙ୍କ ସହଯୋଗୀ ପରାମର୍ଶଦାତା ଡ଼କ୍ଟର୍ ପୃଥ୍ୱୀରାଜ୍ ଆଚାର୍ଯ୍ୟ, ଉପସ୍ଥିତ ଥିବା ଦର୍ଶକଙ୍କୁ ସମ୍ବୋଧିତ କରିଛନ୍ତି। ଏହି ବୈଠକ ମାଧ୍ୟମରେ ସେମାନେ ବେରୋଜଗାରୀ ଯୁବଗୋଷ୍ଠୀ ଏବଂ ବ୍ୟବସାୟ ଆଶା ରଖିଥିବା ବ୍ୟକ୍ତିମାନଙ୍କୁ ଜଣେ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ପରାମର୍ଶ ଦେବା ସହିତ ମାର୍ଗଦର୍ଶନ ଦେଇଛନ୍ତି। ଆମ ସମାଜରେ ଅନେକ ବେରୋଜଗାରୀ ଏବଂ ବ୍ୟବସାୟିକ ଉଚ୍ଚାଭିଳାଷୀ ଯୁବ ବ୍ୟକ୍ତି ଅଛନ୍ତି ଯୋଉମାନେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ସଠିକ ପରିସର କିମ୍ବା ଉପଯୁକ୍ତ ମଞ୍ଚ(ପ୍ଲାଟଫର୍ମ) ପାଇପାରୁ ନାହାନ୍ତି, ଆମ ସମାଜର ଯୁବ ଗୋଷ୍ଠୀ ମାନଙ୍କ ପାଇଁ ନିଯୁକ୍ତି, ରୋଜଗାର ଏବଂ ସ୍ୱାବଲମ୍ବୀ ସୃଷ୍ଟି କରିବାର ଏକ ସହାୟତାପୂର୍ଣ୍ଣ ଦୂର ଦୃଷ୍ଟି ସହିତ, ଦେବଯୁଗ୍ ପରିବାର ଲିମିଟେଡ୍ ନାମରେ ଏକ ସଂଗଠନ ଗଠନ ପାଇଁ ଆମ ଅଞ୍ଚଳର ବିଶିଷ୍ଟ ସମାଜ ସେବି ତଥା ଦେବଯୁଗ୍ ଫାଉଣ୍ଡେସନ୍ ର ଫାଉଣ୍ଡର୍ ଦେବବ୍ରତ ନାୟକଙ୍କ ନେତୃତ୍ୱରେ କିଛି ବିକାଶଶୀଳ ଯୁବକଗଣ ଆଗେଇ ଆସିଛନ୍ତି। ଦେବଯୁଗ୍ ପରିବାର ଲିମିଟେଡ୍ ସଂଗଠନ କେବଳ ସାମାଜିକ ବିକାଶ ଏବଂ ଯୁବଗୋଷ୍ଠୀଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିବା ପାଇଁ ଗଠିତ ହୋଇ ଅଛି। ଉକ୍ତ ସଂଗଠନ କେତେକ ନିର୍ଦ୍ଦିଷ୍ଟ ମୌଳିକ ନୀତି ନିୟମ ଏବଂ ନୈତିକ ମୂଲ୍ୟବୋଧ ଉପରେ ଆଧାରିତ ଯଥା ଉତ୍ସାହି ଯୁବକ ମାନଙ୍କ ଅଂଶ ଗ୍ରହଣ, ବ୍ୟବସାୟ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ସମସ୍ତଙ୍କ ପାଇଁ ଏକ ଉପଯୁକ୍ତ ମଞ୍ଚ(ପ୍ଲାଟଫର୍ମ ) ଗଠନ କରିବା ଯେଉଁଠାରେ ସେମାନେ ସବିଶେଷ ତଥ୍ୟ ଆଲୋଚନା ସହିତ ସଂଗଠନରେ ଜଡିତ ହୋଇ ଉଦ୍ୟୋଗରେ ପ୍ରବେଶ କରିପାରିବେ ଏବଂ ରୋଜଗାରକ୍ଷମ ହେଇପାରିବେ। ଜଡିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ଏକ ମୂଳ ସମିତି(କୋର୍ କମିଟି ) ମାଧ୍ୟମରେ ସଠିକ ମାର୍ଗଦର୍ଶନ ଏବଂ ବ୍ୟବସାୟ ବା ଉଦ୍ୟୋଗରେ ସମାନ ମାଲିକାନାର ଅଧିକାର ମିଳିବ ଯାହାକି ସଂଗଠନର ସଦସ୍ୟମାନଙ୍କ ଦ୍ୱାରାହିଁ ଗଠନ କରାଯିବ। ଦେବଯୁଗ୍ ପରିବାର ଲିମିଟେଡ୍ ପରିଚାଳନା ବର୍ଗ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରେ ଯେ, ଯେଉଁ ବ୍ୟକ୍ତିଗଣ ସଂଗଠନ ସହିତ ଜଡିତ ହେବେ ସେମାନେ ସେମାନଙ୍କର ନିଜସ୍ୱ ମୂଳ ସମିତି(କୋର୍ କମିଟି ) ଗଠନ କରିପାରିବେ ଏବଂ କାର୍ଯ୍ୟକଳାପ ପରିଚାଳନା କରିପାରିବେ ଯାହା ସେମାନଙ୍କ ପାଇଁ ରୋଜଗାର ଏବଂ କର୍ମ ନିଯୁକ୍ତିର ପରିସର ଗଠନ କରିବାରେ ଏବଂ ସମାଜକୁ ବିକଶିତ କରିବାରେ ସହାୟକ ହେବ। ଦେବଯୁଗ୍ ପରିବାର ସହିତ ଜଡିତ ହେବାକୁ ହେଲେ ସଦସ୍ୟ ମାନଙ୍କର ସମ୍ପୂର୍ଣ୍ଣ ପଞ୍ଜିକରଣ ଏବଂ ଯୋଗାଯୋଗ ପ୍ରକ୍ରିୟା ଦେବଯୁଗ୍ ପରିବାର ସଫ୍ଟୱେର୍ ଆପ୍ ଦ୍ୱାରା ପରିଚାଳିତ ହେବ ଯାହାକି ଶୁଭାରମ୍ଭ ହୋଇଅଛି। ଯୁବକମାନଙ୍କ ପାଇଁ ପ୍ରେରଣାର ମୂର୍ତ୍ତି ସ୍ୱାମୀ ବିବେକାନନ୍ଦଙ୍କୁ ସମ୍ମାନ ଜଣାଇ ତାଙ୍କର ଏହି ଜନ୍ମ ଦିବସରେ ସମଗ୍ର ଯୁବ ସମାଜକୁ ଉତ୍ସର୍ଗୀକୃତ କରିବା ସହିତ ଦେବଯୁଗ୍ ପରିବାର ତାର ପ୍ରତିଷ୍ଠା ଦିବସ ଭାବେ ଏହି ଦିନକୁ ପାଳନ କରିବାକୁ ଉକ୍ତ ବୈଠକରେ ନିଷ୍ପତି ନିଆଯାଇଅଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida